

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୬ ଭୁବନେଶ୍ୱର ଗୁରୁବାର, ଅପ୍ରେଲ୍ ୨୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.216 Bhubaneswar, Thursday, April 24, 2025


# ୬ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୨୩/୪: ଶେଷ ହୋଇଛି ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ। ଏହି ବୈଠକରେ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଣିକି ଅଙ୍ଗନବାଡି ସୁପରଭାଇଜର ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ରହିବ ଗ୍ରାଜୁଏସନ, ଯାହା ଆଗରୁ ମାଟ୍ରିକ ଯାଏ ରହୁଥିଲା । ଏହାକୁ ଅନୁମୋଦନ କରିଛି କ୍ୟାବିନେଟ୍ । ଓଡ଼ିଶା ଶିଶୁ ଏବଂ ମହିଳା କଲ୍ୟାଣ ସେବା ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି, ଯାହା ଦ୍ୱାରା ଜୁନିଅର ଗ୍ରେଡ୍ ପଦବୀ ପାଇଁ ଆବେଦନ କରୁଥିବା ଅଙ୍ଗନୱାଡି କର୍ମୀଙ୍କ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହାଇସ୍କୁଲ ପାସ୍ ଠାରୁ ସ୍ନାତକ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଦ୍ୟମାନ କର୍ମଚାରୀମାନେ ନୂତନ ମାନଦଣ୍ଡରୁ ମୁକ୍ତ ଅଛନ୍ତି। ଆଧୁନିକ ଶିଶୁ ଯତ୍ନ ଆବଶ୍ୟକତା ସହିତ ନିଯୁକ୍ତିକୁ ସମନ୍ୱିତ କରିବା ସହିତ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ପାଇଁ ୧୦୮ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଅଠର ମାସ ଭିତରେ କାର୍ଯ୍ୟ ଶେଷହେବ। ଏହି ପ୍ରକଳ୍ପ ଯୋଗୁଁ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ ହଜାର ଚାଷ ଜମିକୁ ଜଳସେଚନ ଯୋଗାଇବାକୁ ପ୍ରସ୍ତାବ ରହିଛି। ହେଲେ କେବଳ କେନ୍ଦୁଝର ଜିଲ୍ଲାରେ ୧୨୨୯ ହେକ୍ଟର ଚାଷଜମିରେ ଭୂତଳ ପାଇପ୍ ଲାଇନ୍ ଜଳବଣ୍ଟନ ବ୍ୟବସ୍ଥା ଓ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟ ଦ୍ୱାରା ସମୁଦାୟ ୩୪୫୦ ହେକ୍ଟର ଜଳସେଚନ ସୁବିଧା ଯୋଗାଇବା ସମ୍ଭବ ହେବ। ଏହି ଟେଣ୍ଡର୍ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର ମାରିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ରାଜ୍ୟ କ୍ୟାବିନେଟ୍ ବୈଠକ। ଏଥିରେ ରାଜ୍ୟ ସରକାରଙ୍କ ପାଞ୍ଚ ବିଭାଗର ମୋଟ୍ ଛଅଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିଛି। ପରେ ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍‌ର ୧୭ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। "ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟ ୨୦୩୬' ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଆଗାମୀ ଦଶନ୍ଧି ପାଇଁ ଓଡ଼ିଶାର ବିକାଶ ପଥ ନିର୍ଣ୍ଣୟ କରିବା ପାଇଁ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ ସହ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ଶ୍ରୀ ଆହୁଜା କହିଛନ୍ତି, ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ମାଧ୍ୟମରେ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନିମନ୍ତେ ଯୋଜନା କରାଯାଇଥିଲା। ଭୂତଳ ପାଇପ୍ ଲାଇନ ଜଳବଣ୍ଟନ ବ୍ୟବସ୍ଥା ଦ୍ୱାରା ବୈତରଣୀ ବାମ ପାର୍ଶ୍ୱ କେନାଲର ଶୂନ୍ୟ କିମି ଠାରୁ ୨୮.୫୦ କିମି ମଧ୍ୟରେ ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣ ପାର୍ଶ୍ୱ କେନାଲର ଶୂନ୍ୟ କି.ମିଠାରୁ ୯ କିମି ମଧ୍ୟରେ ୧୨୨୯ ହେକ୍ଟର ଚାଷଜମିରେ ଜଳ ଆବଣ୍ଟନ ଓ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଇପିସି ଏବଂ ଟର୍ନକି ବ୍ୟବସ୍ଥା ମାଧ୍ୟମରେ ସମ୍ପାଦନ କରାଯିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବା ଦ୍ୱାରା କେବଳ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ହାଟଡ଼ିହି ଘଷିପୁରା ବ୍ଲକର ଚାଷୀମାନେ ଉପକୃତ ହେବେ। ଫଳରେ ସ୍ଥାନୀୟ ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ସହାୟକ ହେବ। ମୁଖ୍ୟଶାସନ ସଚିବ କହିଛନ୍ତି, ସମନ୍ୱିତ ରୋଗୀ ପରିବହନ ଓ ସ୍ୱାସ୍ଥ୍ୟ ସେବା ଅନ୍ତର୍ଗତ ଜରୁରିକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା (ଇଏମ୍ଏଏସ୍-୧୦୮) ଉପରେ ରାଜ୍ୟ ସରକାର ଫୋକସ୍ କରିଛନ୍ତି। ତାହା ଗତ ୫ ମାର୍ଚ୍ଚ ୨୦୧୩ରୁ ଲାଗୁ ହୋଇଛି। ୧୦୮ ଜରୁରିକାଳିନ ମେଡିକାଲ ଆମ୍ବୁଲାନ୍ସ ସେବା ଓଡ଼ିଶାବାସୀଙ୍କ ପାଇଁ ଏକ ଲାଇଫ୍ ଲାଇନ୍ ହୋଇଛି। ଏସବୁ ୨୪ ଘଣ୍ଟିଆ କେନ୍ଦ୍ରୀୟ କଲ୍ ସେଣ୍ଟର୍ ମାଧ୍ୟମରେ ପରିଚାଳିତ। ଏହି ଯୋଜନା ରାଜ୍ୟର ୪.୫ କୋଟି ନାଗରିକଙ୍କ ଜରୁରିକାଳିନ ସ୍ୱାସ୍ଥ୍ୟସେବା ସେବାରେ ଉନ୍ନତି ଆଣିବା ନିମନ୍ତେ ଉଦ୍ଦିଷ୍ଟ। ରାଜ୍ୟର ସମସ୍ତ ବର୍ଗର ଲୋକଙ୍କର ଜରୁରିକାଳିନ ସ୍ୱାସ୍ଥ୍ୟ ସେବାଜନିତ ଆମ୍ବୁଲାନ୍ସର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନ ରାଜ୍ୟରେ ମୋଟ ୮୬୬ ଗୋଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ଅଛି ଏବଂ ସେଥିମଧ୍ୟରୁ ୪୧୧ ଗୋଟି ଏଏଲଏସ୍ ୪୪୯ଟି ବିଏଲଏସ୍ ଓ ୬ଟି ବୋଟ ଆମ୍ବୁଲାନ୍ସ କାର୍ଯ୍ୟ କରୁଛି। ୨୦୨୩-୨୪ରୁ ୨୦୨୭-୨୮ ପାଇଁ ଜରୁରିକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା (ଇଏମ୍ଏଏସ୍)ର ପର୍ଯ୍ୟାୟ-୩କୁ ଅନୁମୋଦନ ମିଳିଛି। ୨,୩୯,୮୪୫.୨୬ ଲକ୍ଷ ଟଙ୍କା ବ୍ୟବବରାଦ କରାଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ "ଓଡ଼ିଶା ନିମ୍ନ ଅବକାରୀ ସେବା (ଅବକାରୀ କନଷ୍ଟେବଲଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫'କୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଅବକାରୀ କନଷ୍ଟେବଲଙ୍କ ସୁଗମ ନିଯୁକ୍ତି ଓ ସେବା ପରିଚାଳନା ପାଇଁ ରାଜ୍ୟ ସରକାର ଅବକାରୀ କନେଷ୍ଟବଲଙ୍କ କ୍ୟାଡରକୁ ଡିଭିଜନାଲ୍ କ୍ୟାଡରରୁ ଜିଲ୍ଲା କ୍ୟାଡରରେ ପରିଣତ କରିଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ଜିଲ୍ଲା କ୍ୟାଡରରେ ଅବକାରୀ କନଷ୍ଟେବଲଙ୍କ ସେବା ସର୍ତ୍ତାବଳୀ ଓ ନିଯୁକ୍ତି ପ୍ରକ୍ରିୟାର ସୁଗମ ପରିଚାଳନା କରିବା ପାଇଁ ଓଡ଼ିଶା ନିମ୍ନ ଅବକାରୀ ସେବା (ଅବକାରୀ କନଷ୍ଟେବଲଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମ, ୨୦୨୩ ୨୩ରେ ସଂଶୋଧିତ ପ୍ରସ୍ତାବ ଲାଗୁହେବା ପରେ ବହୁ କର୍ମଚାରୀ ଉପକୃତ ହେବେ। ସେହିପରି ଓଡ଼ିଶା ଅବକାରୀ ଅଧିନିୟମ, ୨୦୦୮ର ଧାରା ୯୦(ଓଡ଼ିଶା ଅବକାରୀ ଆଇନ ୨୦୧୩) ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ନିୟମ, ୨୦୧୭ର ନିୟମ 'ଏକ୍ସଟ୍ରା ଆୱାର୍ ଅପରେସନ୍ ଫି'କୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୱେରୀ ୟୁନିଟ୍ ଛାଡ଼ କରିବାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବ୍ୟବସାୟକୁ ଅଧିକ ପୁଞ୍ଜିନିବେଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନ୍ୟପକ୍ଷରେ ଓଡ଼ିଶା ମଙ୍ଗଳ ସେବା ଓ ଓଡ଼ିଶା ଅଧସ୍ତନ କଲ୍ୟାଣ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ କରିଛି। ଏଥିରେ ବିଶେଷକରି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀଙ୍କ ପାଇଁ କଭରେଜକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ସ୍ତରରେ ୨୪ଟି ନୂତନ ପଦବୀ ସୃଷ୍ଟି କରିବା ଅନ୍ତର୍ଭୁକ୍ତ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସ୍ପଷ୍ଟ କରିଛନ୍ତି।

- ଏଣିକି ଅଙ୍ଗନବାଡ଼ି ସୁପରଭାଇଜର ପାଇଁ ସର୍ବନିମ୍ନ ଯୋଗ୍ୟତା ସ୍ନାତକ
- ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପାଇଁ୧୦୮ କୋଟି
- କେନ୍ଦୁଝର, ବାଲେଶ୍ୱରର ୬୦ ହଜାର ଚାଷଜମିକୁ ଜଳସେଚନ ପ୍ରସ୍ତାବ
- କେବଳ କେନ୍ଦୁଝର ଜିଲ୍ଲାରେ ୩,୪୫୦ ହେକ୍ଟର ଚାଷ ଜମିକୁ ଜଳ ସୁବିଧା
- ୧୮ ମାସ ଭିତରେ କାର୍ଯ୍ୟ ଶେଷ କରିବାକୁ ଖସଡ଼ା ପ୍ରସ୍ତୁତ
- ଇଏମ୍ଏଏସ୍-୧୦୮ ଆମ୍ବୁଲାନ୍ସ ସେବା-୩କୁ ମିଳିଛି ମଞ୍ଜୁରୀ
- ୨୩୯୮୪୫.୨୬ ଲକ୍ଷ ଟଙ୍କା ବ୍ୟୟବରାଦ



## ରାଜ୍ୟରେ ଗଠିତ ହେଲା ୩ଟି ସିଭିଲ୍ ଜଜ୍ କୋର୍ଟ



ଭୁବନେଶ୍ୱର,୨୩/୪: ରାଜ୍ୟରେ ଗଠିତ ହୋଇଛି ୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟ ଗୁଡିକ ବାଲେଶ୍ୱର ଜିଲାର ବାଲିଆପାଳ, ସୁନ୍ଦରଗଡ ଜିଲାର ଲେଫ୍ରିପଡା, ସମ୍ବଲପୁର ଜିଲାର ରେଙ୍ଗାଲି ଠାରେ ସ୍ଥାପନ କରାଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ସମାପ୍ତ ହେଲା ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟରେ ହେବ ୨୦ ଏନଏସି: ମନ୍ତ୍ରୀ

ଭୁବନେଶ୍ୱର,୨୩/୪: ରାଜ୍ୟରେ ନୂଆ ଏନଏସି ଗଠନ ପାଇଁ ତ୍ୱରିତ ହୋଇଛି ପ୍ରକ୍ରିୟା । ୨୦ଟି ନୂଆ ଏନଏସି ପାଇଁ ଜିଲ୍ଲାରୁ ଆସିଲା ରିପୋର୍ଟ । ତର୍ଜମା ପାଇଁ ପଞ୍ଚାୟତିରାଜ ବିଭାଗକୁ ପଠାଇଲା ନଗର ଉନ୍ନୟନ ବିଭାଗ । ବିଭାଗର ତର୍ଜମା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ଗଠନ ହେବ ଏନଏସି । ଏନେଇ ସୂଚନା ଦେଲେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବର୍ତ୍ତମାନ ୧ ପ୍ରତିଶତ ସହରାଞ୍ଚଳ ରହିଛି , ୩୦ ପ୍ରତିଶତ ବୃଦ୍ଧି ପାଇଁ ଯୋଜନା ।

# ପାକିସ୍ତାନ ଉପରେ ଭାରତର କୂଟନୈତିକ ପ୍ରହାର

ନୂଆଦିଲ୍ଲୀ,୨୩/୪: ପହଲଗାମ ଆତଙ୍କବାଦୀ ଆକ୍ରମଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି କ୍ୟାବିନେଟ୍ ସୁରକ୍ଷା କମିଟି (ସିସିଏସ୍) ୫ଟି ପ୍ରମୁଖ ନିଷ୍ପତ୍ତି ନେଇଛି। ସୁରକ୍ଷା ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଥମତଃ ପାକିସ୍ତାନ ସହ ୧୯୬୦ରେ ହୋଇଥିବା ସିନ୍ଧୁ ଜଳ ଚୁକ୍ତିନାମାକୁ ଜରୁରିକାଳୀନ ପ୍ରଭାବ ଅନ୍ତର୍ଗତ ରଦ୍ଦ କରାଯିବା ପାଇଁ ନିଷ୍ପତ୍ତି ଦିଆଯାଇଛି। ଦ୍ୱିତୀୟ ନିଷ୍ପତ୍ତି ରୂପେ ଅଟ୍ଟାରୀ-ୱାଘା ଚେକ୍‌ପୋଷ୍ଟ ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତୃତୀୟ ନିଷ୍ପତ୍ତି କ୍ରମେ ସାର୍କ ଭିସା ବଳରେ ଭାରତ ଆସିଥିବା ସମସ୍ତ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଉଛି। ସେହିପରି ଭାରତ ଆସିବା ପାଇ ସାର୍କ ଭିସା ଅନ୍ତର୍ଗତ ଆବେଦନ କରିଥିବା ପାକିସ୍ତାନୀ ନାଗରିକଙ୍କ ଆବେଦନଗୁଡ଼ିକୁ ମଧ୍ୟ ଖାରଜ କରାଯାଉଛି, ଏମାନଙ୍କୁ ଭାରତ ଆସିବାକୁ ଅନୁମତି ଦିଆଯିବ ନାହିଁ। ଚତୁର୍ଥ ନିଷ୍ପତ୍ତି ରୂପେ ନୂଆଦିଲ୍ଲୀରେ ଥିବା ପାକ୍ ଦୂତାବାସକୁ ମଧ୍ୟ ତୁରନ୍ତ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମେ ଆସନ୍ତା ୭ଦିନ ମଧ୍ୟରେ ପାକ୍ ଦୂତାବାସ ଖାଲି କରିବାକୁ ଏବଂ ପାକ୍ କୂଟନୀତିଜ୍ଞଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଉଛି। ଅନ୍ତିମ ତଥା ପଞ୍ଚମ ନିଷ୍ପତ୍ତି କ୍ରମେ ଭାରତ, ଇସଲାମାବାଦ୍‌ରେ ଥିବା ଭାରତୀୟ ଦୂତାବାସକୁ ମଧ୍ୟ ଖାଲି କରିବାକୁ ନିଷ୍ପତ୍ତି ନେଇଛି। ସୁତରାଂ ସେଠାରେ ନିୟୋଜିତ ଥିବା ଭାରତୀୟ କୂଟନୀତିଜ୍ଞ, ତିନି ସେନାବାହିନୀର ପରାମର୍ଶଦାତାଙ୍କୁ ମଧ୍ୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ନିଷ୍ପତ୍ତି ହୋଇଛି। ଦିନକ ପୂର୍ବେ ଜମ୍ମୁ କାଶ୍ମୀର ଅନନ୍ତନାଗ ଜିଲ୍ଲା ପହଲଗାମ୍ ସହରର ଉପକଣ୍ଠରେ ଥିବା ବୈସାରନ୍ ଘାଟିରେ ଘଟିଯାଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ୨୭ ପର୍ଯ୍ୟଟକ ପ୍ରାଣ ହରାଇବା ଘଟଣାକୁ ନେଇ ସମଗ୍ର ବିଶ୍ୱ ଏବେ ଦୋହଲିଯାଇଛି। ଏହି ଆତଙ୍କବାଦୀ ଆକ୍ରମଣ ଘଟଣା ପାଇଁ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଟିଟିଏଫ୍ (ଦି ରେଜିଷ୍ଟାନ୍ସ ଫ୍ରଣ୍ଟ), ଯାହାକି ଲସ୍କର-ଏ-ତୋଇବା ଭଳି ଆତଙ୍କୀ ସଂଗଠନର ଅନ୍ୟତମ ଛାୟା ସଂଗଠନ (ପ୍ରୋକ୍ସି) ଭାବେ ସକ୍ରିୟ ରହିଛି, ନିଜକୁ ଦାୟୀ କରିବା ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ଏସବୁ ମଧ୍ୟରେ ଭାରତ ସରକାର ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ କରି କୂଟନୈତିକ ସ୍ତରରେ ପାକିସ୍ତାନ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଥିବା ଏହି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ (ସିସିଏ)ରେ ୫ଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଛି, ଯାହାକି ପାକିସ୍ତାନ ପାଇଁ ଆର୍ଥିକ ସ୍ତରରେ ଆହୁରି ଭୟାବହ କ୍ଷତି ପହଞ୍ଚାଇବ ବୋଲି ଅନୁମାନ କରାଯାଉଛି। ଆଜିପର୍ଯ୍ୟନ୍ତ ସମ୍ପର୍କକୁ ପ୍ରାଥମିକତା ଦେଇଆସୁଥିବା ଭାରତ ସରକାର ଏବେ କିନ୍ତୁ ପାକିସ୍ତାନ ବିରୋଧରେ ଦୃଢ଼ ତଥା ବଳିଷ୍ଠ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତେବେ ଏସବୁ କୂଟନୈତିକ କାର୍ଯ୍ୟାନୁଷ୍ଠାନ ବ୍ୟତୀତ ଭାରତୀୟ ସେନାକୁ ମଧ୍ୟ ଏକ ବଡ଼ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ଅନୁମାନ କରାଯାଉଛି। ଆଜିର ଏହି ବୈଠକ ଦୀର୍ଘ ଅଢ଼େଇ ଘଣ୍ଟା ଧରି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଚାଲିଥିଲା। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଏନ୍ଏସ୍ଏ ଅଜିତ ଡୋଭାଲ୍, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ ଅନେକ ଉଚ୍ଚପଦସ୍ଥ ଅଧିକାରୀ ତଥା ପରାମର୍ଶଦାତା ଉପସ୍ଥିତ ଥିଲେ। ତେବେ ଆସନ୍ତାକାଲି ( ଗୁରୁବାର ) ପାଇଁ ସରକାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏଥିରେ ସବୁ ରାଜନୈତିକ ଦଳଗୁଡ଼ିକର ମୁଖ୍ୟମାନେ ଯୋଗଦେବେ ଏବଂ ଘଟଣା ଉପରେ ବ୍ୟାପକ ବିଚାରବିମର୍ଶ କରାଯିବ ବୋଲି କାର୍ଯ୍ୟକ୍ରମ ରହିଛି। ପ୍ରକାଶ, ପହଲଗାମ ଆକ୍ରମଣରେ ୨୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଏବଂ ଓଡ଼ିଶାର ପର୍ଯ୍ୟଟକ ସାମିଲ ଥିବା ବେଳେ ନେପାଳ ଏବଂ ୟୁଏଇର ଜଣେ ଲେଖାଏ ପର୍ଯ୍ୟଟକ ଏବଂ ଦୁଇଜଣ ସ୍ଥାନୀୟ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି।



- କ୍ୟାବିନେଟ୍ ସୁରକ୍ଷା କମିଟିର ୫ ବଡ଼ ନିଷ୍ପତ୍ତି
- ବାତିଲ ହେଲା ସିନ୍ଧୁ ଜଳ ଚୁକ୍ତିନାମା
- ସାର୍କ ଭିସା ରଦ୍ଦ, ଭାରତ ଛାଡ଼ିବାକୁ ପାକ୍ ନାଗରିକଙ୍କୁ ୪୮ ଘଣ୍ଟାର ମହଲତ
- ବନ୍ଦ ହେବ ଅଟ୍ଟାରୀ-ୱାଘା ଚେକ୍‌ପୋଷ୍ଟ
- ବନ୍ଦ ହେବ ପାକ୍ ଦୂତାବାସ, ୭ ଦିନରେ ଖାଲି କରିବାକୁ ନିର୍ଦ୍ଦେଶ
- ଇସଲାମାବାଦ୍ ସ୍ଥିତ ଭାରତୀୟ ଦୂତାବାସ ଅଧିକାରୀ ସ୍ୱଦେଶ ଫେରିବେ

## ପ୍ରତିଷ୍ଠା ହେବ ୫ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୩/୪: ରାଜ୍ୟରେ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ ମହିଳା କୋର୍ଟ ପ୍ରତିଷ୍ଠା ହେବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ସହ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ଦିଗରେ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହିଳା କୋର୍ଟ ପ୍ରତିଷ୍ଠା ହେଲେ ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବା ସହ ଦଣ୍ଡ ବିଧାନ ହାର ବଢିବ। ପ୍ରାରମ୍ଭିକ ଭାବେ ୫ ଟି ଏବଂ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ। ଏହା ବାଦ ୩୧୪ ବ୍ଲକରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି। ଗ୍ରାମ୍ୟ କୋର୍ଟ ମଧ୍ୟ ସରକାର ପ୍ରତିଷ୍ଠା କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ପ୍ରଦାନ କରିଛନ୍ତି।

## ଚିଲିକା ଡଙ୍ଗାରେ ବ୍ୟବହାର ହେବ ଇଥାନଲ



ଭୁବନେଶ୍ୱର,୨୩/୪: ପରିବେଶକୁ ସୁରକ୍ଷା ଦେବା ସହ ପ୍ରଦୂଷଣମୁକ୍ତ କରିବା ଦିଗରେ ଅଗ୍ରସର ହେଉଛନ୍ତି ଓଡ଼ିଶା ସରକାର । ରାଜ୍ୟରେ ୨ଏ ଇଥାନଲର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମିଡ଼ୱେଷ୍ଟ ଏନର୍ଜି କମ୍ପାନୀ ତରଫରୁ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାରେ ଇଥାନଲ ପ୍ଲାଣ୍ଟ ସ୍ଥାପନ କରି ଇନ୍ଧନ ରୂପେ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ପ୍ରତିନିଧି ଶ୍ରୀ ପ୍ରଭାକର ରେଡ୍ଡୀ ପ୍ରସ୍ତାବ ଦେଇଥିଲେ । ଏହା ବ୍ୟତୀତ ଓଡ଼ିଶାର ଚିଲିକା ହ୍ରଦରେ ଚାଲୁଥିବା ବୋଟ ଗୁଡ଼ିକରେ ମଧ୍ୟ ଇଥାନଲ ବ୍ଲେଣ୍ଡିଂ ଇନ୍ଧନ ବ୍ୟବହାର କରିବା ବିଷୟରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦୩୦ ସୁଦ୍ଧା ଡିଜେଲରେ ୫ ପ୍ରତିଶତ ଇଥାନଲ ମିଶାଇ ବ୍ୟବହାର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟକୁ ବାସ୍ତବିକ କାର୍ଯ୍ୟରେ ରୂପାନ୍ତର କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଧାନ ଫସଲ ଅମଳ ପରେ ସାଧାରଣତଃ ନଡ଼ା ଗୁଡିକୁ ଜମିରେ ସେମିତି ଛାଡି ଦିଆଯାଏ କିମ୍ବା ନିଆଁ ଲଗାଇ ପୋଡ଼ି ଦିଅନ୍ତି । ସେହି ନଡ଼ାକୁ ବ୍ୟବହାର କରି ୨ଏ ଇଥାନଲ ପ୍ରସ୍ତୁତ କରାଯିବ । କେବଳ ଧାନ ନୁହେଁ, ଆଖୁ,ମକା,ବାଜରା, ଜହ୍ନା ଇତ୍ୟାଦିର ଅନାବଶ୍ୟକ ଅଂଶରୁ ଇଥାନଲ ପ୍ରସ୍ତୁତ ହୋଇପାରିବ । ଏହି ଅଂଶଗୁଡିକୁ ଚାଷୀଙ୍କ ଠାରୁ ସଂପୃକ୍ତ କମ୍ପାନୀ କ୍ରୟ କରି ନେଇ ଇଥାନଲ ଉତ୍ପାଦନ କରିବ ।ଏହା ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବ ଏବଂ ଚାଷୀଙ୍କୁ ପରୋକ୍ଷରେ ରୋଜଗାର ମଧ୍ୟ ପ୍ରଦାନ କରିବ । ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବା ସହ ଦାଦନ ଶ୍ରମିକ ସଂଖ୍ୟା ମଧ୍ୟ କମିବ । ଏହି ଉପସ୍ଥାପନା ପ୍ରଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ପର୍ଯ୍ୟଟନ କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ, ଏମଡି ଇପିକଲ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଣି ତେଜିଲା ୱାକଫ ଚର୍ଚ୍ଚା: ସୁଲତାଙ୍କ ମନ୍ତବ୍ୟ ନେଇ ରାଜନୈତିକ ଉଷ୍ଣତା ବୃଦ୍ଧି

ଭୁବନେଶ୍ୱର,୨୩/୪: ରାଜ୍ୟରେ ପୁଣି ୱାକଫ ଚର୍ଚ୍ଚା ତେଜିଲା। କିଛି ଦିନ ତଳେ ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଇଥିବା କହିଥିଲେ। ଯାହା ପରେ ବିବାଦ ଆରମ୍ଭ ହୋଇଥିଲା। ବିଜେଡି ଦୁଇ ଫାଳ ହେବ ବୋଲି ଚର୍ଚ୍ଚା ହୋଇଥିଲା। କିଛି ଦିନ ତଳେ ରାଜ୍ୟସଭା ସାଂସଦ ସୁଲତା ଦେଓ ୱକଫ ବିଲ୍ ସମ୍ପର୍କରେ କାହାକୁ ଭୋଟ୍ ଦେଇଛନ୍ତି କହିବେନି ବୋଲି ମନା କରିଥିଲେ। ଏହାସହିତ ସେ ସସ୍ମିତ ପାତ୍ରଙ୍କ ସପକ୍ଷରେ ବାହାରିଥିଲେ। ଏବେ ସୁଲତା କହିଛନ୍ତି ସେ ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଇଛନ୍ତି। ସୁଲତା କହିଛନ୍ତି,ମୁଁ ୱାକଫ ସପକ୍ଷରେ ଭୋଟ୍ ଦେଇଛି। ଆମ ନେତା ବିବେକ ଅନୁମୋଦିତ ଭୋଟ୍ ଦେବାକୁ କହିଥିଲେ। ଆମେ ୪ ଜଣ ବୋଧ ହୁଏ ସପକ୍ଷରେ ଭୋଟ୍ ଦେଇଛୁ। ଜଣେ ଅନୁପସ୍ଥିତ ଥିଲେ, ୨ ଜଣ ବୋଧ ହୁଏ ବିପକ୍ଷରେ ଭୋଟ୍ ଦେଇଛନ୍ତି। ସଂସଦରେ ୱାକଫ ବିଲ୍ ପାରିତ ହେବା ପାଇଁ ଭୋଟ୍ ପଡିଥିଲା। ପ୍ରଥମେ ବିଜେଡି ଏହି ବିଲ୍ ବିପକ୍ଷରେ ଭୋଟ୍ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ବିଜେଡି ସାଂସଦ ସସ୍ମିତ ପାତ୍ର ନିଜ ସୋସିଆଲ ମିଡିଆ ହ୍ୟାଣ୍ଡଲରେ କହିଲେ କି, ତାଙ୍କ ନେତା ନବୀନ ପଟ୍ଟନାୟକ ଆମକୁ ନିଜ ବିବେକ ଅନୁସାରେ ଭୋଟ୍ ଦେବାକୁ କହିଛନ୍ତି। ତେଣୁ ସେ ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେବେ। ଆଉ ସେଇଆ ବି କଲେ। ୱାକଫ ବିଲ୍ ସପକ୍ଷରେ ଭୋଟ୍ ଦେଲେ। ଯାହା ପରେ ବିବାଦ ଆରମ୍ଭ ହୋଇଥିଲା। ସସ୍ମିତଙ୍କୁ ଦଳରେ ବିରୋଧ କରାଯାଇଥିଲା। ଏପରିକି ସସ୍ମିତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ନବୀନଙ୍କ ପାଖକୁ ବିଜେଡିର ବରିଷ୍ଠ ନେତା ଚିଠି ଲେଖିଥିଲେ।



# ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କର

## ଜିଲା ବିକାଶ ସମନ୍ୱୟ-ତଦାରଖ କମିଟି ବୈଠକରେ ନିର୍ଦ୍ଦେଶ




ବରଗଡ, ୨୩।୪:ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି ଦିଶାର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଲୋକସଭା ଏମପି ପ୍ରଦୀପ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଥମ ସମ୍ପାନରେ ଏମ୍‌ପି ପୁରୋହିତ ପ୍ରଥମ ବୈଠକରେ ଆଲୋଚ୍ୟ ବିଷୟ ଅନୁଯାୟୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୋହେଲାଠାରୁ ସୋନପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ ପାଇଁ ଦୁଇ ହଜାର କୋଟି ଟଙ୍କାର ଅନୁଦାନ ଦେଇଥିବରୁ ଦିଶା କମିଟିର ସମସ୍ତ ସଦସ୍ୟ ତଥା ଜିଲାବାସୀଙ୍କ ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏବଂ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକର ଦ୍ୱିତୀୟ ସମ୍ପାନରେ ପୁରୋହିତ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ପଚାରି ବୁଝି ରାଜ୍ୟ ସରକାରଙ୍କୁ ଅତିରିକ୍ତ ୨୦୦୦ ନଳକୂପ ଖନନ ପାଇଁ ପ୍ରସ୍ତାବ ଦେବା ସହିତ ଜିଲାର ସମସ୍ତ ଗ୍ରାମରେ ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପୁରୋହିତ ନିର୍ଦ୍ଦେଶ ଦେଇଥିଲେ। ରାଶନ କାର୍ଡ ବଣ୍ଟନ ନିମନ୍ତେ ପଞ୍ଜୀକରଣ ବ୍ୟବସ୍ଥା ଓ ଉଜ୍ଜଳା ଗ୍ୟାସ ବିତରଣର ସ୍ଥିତି ସମୀକ୍ଷା କରି କୃଷି ଏବଂ କୃଷକ ସଶକ୍ତିକରଣ ନିମିତ୍ତ ଉପଲବ୍ଧ ବିଭିନ୍ନ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାୟୀ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ, ଉଦ୍ୟାନ, କୃଷି ଏଂ ମତ୍ସ୍ୟ ବିଭାଗର ସମସ୍ତ ଯୋଜନାର ପ୍ରଗତି, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ିକରଣ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହିଳା ଓ ଶିଶୁ ବିକାଶ ବିଭାଗର ବେଟି ବଚାଓ ବେଟି ପଢାଓ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଶ୍ରମ ନିଯୁକ୍ତି ନିମିତ୍ତ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଦିନ ଦୟାଲ ଅନ୍ତୋଦୟ ଯୋଜନା, ସହ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏଂ ସାମାଜିକ କଲ୍ୟାଣ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ଥିବା ଭିଭିନ୍ନ ଫ୍ଲାଗସିପ ପ୍ରୋଗ୍ରାମ, ଶକ୍ତି ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବର୍ତ୍ତମାନର ସ୍ଥିତି ଏବଂ ପ୍ରଗତି ବିଷୟରେ ଆଲୋଚନା କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଙ୍ଗଲ, ଉଦ୍ୟାନ, ପୂର୍ତ୍ତ, ରାଜସ୍ୱ, ପାନୀୟ ଜଳ ଯୋଗାଣ, ଏବଂ ଜଳ ସେଚନ ଭଳି ସମସ୍ତ ବିଭାଗର ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକୁ ଶୀଘ୍ର ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ ଚେୟାରମେନ ଏବଂ ପୌରାଧକ୍ଷା, ପୌରାଧକ୍ଷଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏବଂ ବିଜେପୁର ବିଧାୟକଙ୍କ ପ୍ରତିନିଧି ସୁରେଶ୍ୱର ଶତପଥିଙ୍କ ସମେତ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହିତ ଦୃଢ ପରିଶ୍ରମ କରି ଲୋକଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# ନ୍ୟାସନାଲ ହେରାଲ୍ଡ ମାମଲା ସଂପୂର୍ଣ୍ଣ ଭିତିହୀନ



ଭୁବନେଶ୍ୱର, ୨୩/୪: ମିଛ କୁହ, ବାରମ୍ବାର କୁହ ଓ ବଡ଼ପାଟିକରି ମିଛ କୁହ, ମିଛ କହିବା ବିଜେପି ଦଳର ଏକ ଅଭ୍ୟାସଗତ ବ୍ୟାଧି । ଗତ କିଛି ବର୍ଷ ଧରି ଭାରତୀୟ ଜନତାପାର୍ଟି ନ୍ୟାସନାଲ ହେରାଲ୍ଡ ମାମଲାକୁ ନେଇ ଗାନ୍ଧୀ ପରିବାର ୫ ହଜାର କୋଟି ଟଙ୍କାର ସମ୍ପତି ହଡପ କରିଥିବା ସଂପୂର୍ଣ୍ଣ ମିଛ, ନିରାଧା ଓ ଭିତିହୀନ ବୋଲି ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ର, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଭୁପେଷ ବାଘେଲ କହିଥିଲେ । ଶ୍ରୀ ବାଘେଲ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଭାରତୀୟ ଜନତାପାର୍ଟି ବିଶେଷ କରି ନରେନ୍ଦ୍ର ମୋଦୀ, ଅମିତ ଶାହା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଭୟ କରି ଏଭଳି ରାଜନୈତିକ ଆକ୍ରୋଶ ଜାରି ରଖିଛନ୍ତି । ସାରା ଭାରତ ବର୍ଷରେ କଂଗ୍ରେସ ଗରିବ ଜନସାଧାରଣ ବିଶେଷ କରି ପଛୁଆବର୍ଗ, ଅତି ପଛୁଆବର୍ଗ, ଆଦିବାସୀ ଓ ଅନୁସୂଚିତ ଜାତିର ଜନସାଧାରଣଙ୍କ ପାଇଁ ବାରମ୍ବାର ସ୍ୱର ଉତୋଳନ କରିବା ସହିତ ଜାତି ଜନଗଣନା କରିବାପାଇଁ ଦାବି କରିବା ଏବଂ ବିଶେଷ କରି ସଂସଦ ଭିତରେ ଓ ସଂସଦ ବାହାରେ ନରେନ୍ଦ୍ର ମୋଦି ଏବଂ ଆଡାନୀ ମଧରେ କି ସମ୍ପର୍କ ରହିଛି ଏବଂ କାହିଁକି ଭାରତବର୍ଷର ସମସ୍ତ ଜାତୀୟ ସମ୍ପତି ଏପରିକି ଏୟାରପୋର୍ଟ, ପୋର୍ଟ, ରେଲୱେଟ୍ରାକ୍ସ, ସିମେଂଟ କାରଖାନା ଏସବୁ କାହିଁକି ଜଣେ ଶିଳ୍ପପତିଙ୍କ ହାତରେ ଟେକି ଦିଆଯାଉଛି ବୋଲି ବାରମ୍ବାର ପ୍ରଶ୍ନ କରିବା ହେତୁ ଆଜି ବିଜେପି ଦଳ ରାଜନୈତିକ ଆକ୍ରୋଶ ରଖି ଗାନ୍ଧୀ ପରିବାରଙ୍କୁ ନିନ୍ଦିତ କରିବାପାଇଁ ନ୍ୟାସନାଲ ହେରାଲ୍ଡ ମାମଲାକୁ ଇଡିକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇ ଏକ ସଂପୂର୍ଣ୍ଣ ମିଛ ମାମଲାର ଚାର୍ଜସିଟ ଦାୟର କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୨ ମସିହାରେ ବିଜେପି ଦଳର ନେତା ଶ୍ରୀଯୁକ୍ତ ସୁବ୍ରମଣ୍ୟମ ସ୍ୱାମୀ ଇଲେକସନ କମିଶନ ପାଖରେ ଅଭିଯୋଗ ଦାଖଲ କରିବା ସହିତ ଏହି ମାମଲାକୁ ନେଇ କୋର୍ଟକୁ ଯାଇଥିଲେ । ୨୦୧୫ ମସିହାରେ କୋର୍ଟ ଏହି ମାମଲାକୁ ଅଗ୍ରାହ୍ୟ କରିବା ସହିତ କ୍ଲୋଜର ନୋଟିସ ଦେଇଥିଲେ । ନିର୍ବାଚନ ଆୟୋଗ ମଧ ଏହି ଅଭିଯୋଗକୁ ଖାରଜ କରିଦେଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁ ନ୍ୟାସନାଲ ହେରାଲ୍ଡ ମାମଲା କଥା ବିଜେପି କହୁଛି ୧୯୩୭ ମସିହାରେ ସ୍ୱାଧୀନତା ସଂଗ୍ରାମର ସମସ୍ତ ଘଟଣାକୁ ପ୍ରଚାର ପ୍ରସାର କରିବାପାଇଁ ଜବହାରଲାଲ ନେହେରୁ, ଟଣ୍ଡନ ସାହେବ ଓ ରଫିକ କିଦୱାଇଙ୍କ ସହ ବହୁ ଜାତୀୟ କଂଗ୍ରେସର ବରିଷ୍ଠ ନେତୃବର୍ଗ ଏକ ଆସୋସିଏଟେଡ଼ ଜୋର୍ନାଲ ନାମକ ଏକ କମ୍ପାନୀ ଖୋଲିଥିଲେ । ଏହି କମ୍ପାନୀ ନ୍ୟାସନାଲ ହେରାଲ୍ଡ ଖବର କାଗଜ ଇଂରାଜୀ ଓ ଉର୍ଦ୍ଧୁରେ ପ୍ରକାଶିତ ହେଉଥିଲା । ଏହା ପ୍ରଥମେ ଲୌକ୍ଷ୍ମ ଠାରେ ପ୍ରକାଶିତ ହୋଇଥିଲା । ଏହି ଖବରକାଗଜ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ବଡ଼ ଅଂଶବିଶେଷ ଥିଲା । କାଳକ୍ରମରେ ଏହି ଖବର କାଗଜର ସାମ୍ବାଦିକ ମାନଙ୍କର ଦରମା, ବକେୟା ପାଉଣା ଏପରିକି ବିଦ୍ୟୁତବିଲ ଏବଂ ସରକାରୀ ଖଜଣା ଓ ମୁନିସପାଲଟି ଖଜଣା ଇତ୍ୟାଦି ଦିଆଯାଇ ପାରୁନଥିଲା । ଆସୋସିଏଟେଡ ଜୋର୍ନାଲ ସଂପୂର୍ଣ୍ଣରୂପେ ଆର୍ଥିକ ସ୍ତରରେ ରୁଗ୍‌ଣ ହୋଇଯାଇଥିଲା । କଂଗ୍ରେସ ଦଳ ନ୍ୟାସନାଲ ହେରାଲ୍ଡ ଖବରକାଗଜର ଏଭଳି ସ୍ଥିତିରୁ କିପରି ଉଧାର କରାଯିବ ସେଥିପାଇଁ ୨୦୧୦ ମସିହାରେ ୟଙ୍ଗ ଇଣ୍ଡିଆ ନାମକ ଏକ କମ୍ପାନୀ ଗଠନ କରାଗଲା । ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଏହି କମ୍ପାନୀର ଅଂଶୀଦାର ହିସାବରେ ରହିଲେ । ୟଙ୍ଗ ଇଣ୍ଡିଆ ଲିମିଟେଡ କମ୍ପାନୀ ନିୟମ-୧୯୫୬ ଧାରା ୨୫ ଅନୁସାରେ ବା ୨୦୧୩ ପରିବର୍ତ୍ତିତ କମ୍ପାନୀ ନୀୟମ ଧାରା-୮ ଅନୁସାରେ ଏକ ବିନା ଲାଭକାରୀ କମ୍ପାନୀ ରୂପେ ପ୍ରତିଷ୍ଠା କରାଯାଇଥିଲା । ଜାତୀୟ କଂଗ୍ରେସ ଦଳ ନ୍ୟାସନାଲ ହେରାଲ୍ଡକୁ ଆର୍ଥିକ ଦୁର୍ଗତୀରୁ ରକ୍ଷା କରିବାପାଇଁ ୯୦.୨୫ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲେ । ଆଜି ପର୍ଯ୍ୟନ୍ତ ନ୍ୟାସନାଲ ହେରାଲ୍ଡର ଥିବା ସମ୍ପତି ସମ୍ପତି ଜମି ବାଡ଼ି ଓ କୋଠା ବାଡି ଇତ୍ୟାଦି ଆସୋସିଏଟେଲ ଜୋର୍ନାଲ (ଏଜେଏଲ) ଅଧିନରେ ରହିଛି । ଏ ସମ୍ପତି ୟଙ୍ଗ ଇଣ୍ଡିଆ ନାମରେ ନାହିଁ । ଏହି ସମସ୍ତ କୋଠାବାଡ଼ିରୁ ଯେଉଁ ଭଡା ଆୟ ହେଉଛି ତାହା ଏଜେଏଲର ବ୍ୟାଙ୍କ ଖାତାକୁ ଯାଉଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ୟଙ୍ଗ ଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକମାନେ କୌଣସି ଦରମା ବା ଲାଭାଂଶ ତାଙ୍କୁ ମିଳେନାହିଁ ଏପରିକି ଏହି କମ୍ପାନୀ କୌଣସି ଲାଭ କାର୍ଯ୍ୟ କରିପାରିବ ନାହିଁ । ଏପରିକି କିଣାବିକା ମଧ କରିପାରିବ ନାହିଁ । ଯଦି କୌଣସି ଅର୍ଥ ଏ କମ୍ପାନୀରୁ ଉଠାଯାଇ ପାରିବ ନାହିଁ, ଜମିବାଡ଼ି କିଣାବିକା ମଧ କରାଯାଇ ପାରିବ ନାହିଁ ତାହାଲେ କିପରି ମନିଲଣ୍ଡରିଂ ହେଲା ଅର୍ଥାତ କିଭଳି ଭାବରେ ଅର୍ଥ ହେରଫେର ହେଲା । ଯଦି ଅର୍ଥ ଉଠାଯାଇ ପାରିବ ନାହିଁ ଲାଭାଂଶ ପ୍ରଦାନ କରାଯାଇ ପାରିବ ନାହିଁ ତାହାଲେ ଅର୍ଥ ହେରଫେର ଏକ ମନଗଢ଼ା କାହାଣୀକୁ ନୁହଁ ଏହା କିପରି ମନିଲଣ୍ଡରିଂ ଆଇନର ପରିଧି ଭିତରକୁ ଆସିଲା । ଯଦି ଘଟଣା ଘଟିନାହିଁ ତାହାହେଲେ କାହା ନିର୍ଦ୍ଦେଶରେ ଏ ମିଛ ମାମଲା ଦାୟର କରାଗଲା ଏହାର ଉତର ବିଜେପିର ନେତୃବୃନ୍ଦ ଦେଶବାସୀଙ୍କ ସମ୍ମୁଖରେ ରଖିବାର ସାହସ ଅଛିକି ? କେବଳ ପ୍ରତିହିଂସା ପରାୟଣ ରାଜନୀତି ଯୋଗୁଁ ଏ ମାମଲା ଇଡିକୁ ବ୍ୟବହାର କରାଯାଇଛି । ୨୦୧୫ ମସିହାରେ ଇଡିର ନିର୍ଦ୍ଦେଶକଙ୍କୁ ତତ୍‌କ୍ଷଣାତ ପରିବର୍ତନ କରି ନିଜ ରାଜନୈତିକ ଇଛାକୁ ପୂରଣ କରିପାରୁଥିବା ଜଣେ ବ୍ୟକ୍ତିଙ୍କୁ ଇଡିରେ ନିର୍ଦ୍ଦେଶକ କରାଗଲା । ତାଙ୍କର ମାଧମରେ ଇଡି ଏ କେସକୁ ପୁର୍ନବାର ତଦନ୍ତ କଲା । ପ୍ରଶ୍ନ ଉଠୁଛି ବିଚାର ବିଭାଗ ଏପରିକି ନିର୍ବାଚନ କମିଶନଙ୍କ ଦ୍ୱାରା ଏ ମାମଲାକୁ ସଂପୂର୍ଣ୍ଣ ବନ୍ଦ କରିବାପାଇଁ ନିର୍ଦ୍ଦେଶ ପରେ ମଧ ଆଉଥରେ ଏହାର ତଦନ୍ତ କାହିଁକି କରାଗଲା ? ଏହାର ଉତର କିଏ ଦେବ? ବାରମ୍ବାର ମିଛ କହୁଥିବା ନେତୃବର୍ଗ ମାନେ ସତ୍ୟକୁ ଗ୍ରହଣ କରିପାରିବେ ନାହିଁ । ଇନକମ ଟ୍ୟାକ୍ସରେ ଯେଉଁ ଅଭିଯୋଗ କରାଯାଇଛି ସେଥିରେ ୪୦୦ କୋଟି ଟଙ୍କାର ସମ୍ପତି ହେରଫେର କଥା କୁହାଯାଇଛି । କିନ୍ତୁ ପ୍ରକୃତରେ ଏହା ୩୬୯ କୋଟି ବୋଲି ଆୟକର ରିଟର୍ଣ୍ଣ ଫାଇଲରେ ଦର୍ଶାଯାଇଛି । କିନ୍ତୁ ସାରା ଦେଶରେ ବିଜେପି ଦଳର ସମସ୍ତ ନେତୃବର୍ଗ ଓ ମୁଖପାତ୍ରମାନେ ୫୦୦୦ କୋଟି ଟଙ୍କାର ସମ୍ପତି ହେରଫେର କଥା କହୁଛନ୍ତି । କାହା କଥା ସତ । ବିଜେପି ଦଳର ନେତାଙ୍କ କଥା ନା ଆୟକର ବିଭାଗର ରିଟର୍ଣ୍ଣ ଫାଇଲର ତଥ୍ୟ ଏକଥା ସ୍ପଷ୍ଟ କରାଯାଉ । ମୋଦିଙ୍କ ଶାସନକାଳରେ ୧୬ ଲକ୍ଷ କୋଟି ଟଙ୍କା ବଡ଼ ବଡ଼ ପୁଞ୍ଜିପତିମାନେ ବ୍ୟାଙ୍କରୁ ଲୁଟ କଲେ ଏବଂ ତାଙ୍କୁ ଋଣ ମାପ କରିଦିଆଗଲା । ଖାଲି ସେତିକି ନୁହେଁ ଏହି ୧୨ ବର୍ଷ ଶାସନକାଳ ଭିତରେ ନିର୍ଦ୍ଦିଷ୍ଟ ୪-୫ଜଣ ବ୍ୟବସାୟୀଙ୍କ ଆୟ ହଜାର ହଜାର ଗୁଣ ବୃଦ୍ଧି ପାଇଛି । ଆର୍ଥିକ ଅସମାନତା ଆଜି ଦେଶରେ ଶୀର୍ଷସ୍ଥାନରେ ପଂହଚିଛି । ଏ ସବୁ ପ୍ରଶ୍ନର ଉତର ରାହୁଲ ଗାନ୍ଧୀଙ୍କୁ ଦେବା ପରିବର୍ତେ ମିଛ ମାମଲାରେ ବଦନାମ କରାଯାଉଛି । କଂଗ୍ରେସ ଡରିଯିବା ଦଳ ନୁହଁ । କଂଗ୍ରେସର ନେତୃବର୍ଗ ସତ୍ୟ ସହିତ ଅଛନ୍ତି । ଇଡି, ସିବିଆଇ ଓ ଆଇଟିର ଭୟ ଦେଖାଇ ବିରୋଧି ଦଳର ନେତାମାନଙ୍କୁ ଭୟଭୀତ କରାଯାଉଛି । ଯେଉଁମାନେ ଡରି ଯାଉଛନ୍ତି ତାଙ୍କ ଶରଣରେ ପଶୁଛନ୍ତି । କଂଗ୍ରେସ ଦଳର ନେତୃବର୍ଗ ତାଙ୍କୁ ଡରିବ ନାହିଁ ବା ଡରୁ ନାହିଁ ।

## ସରକାରୀ ଘର ମରାମତି ପାଇଁ ୧୧କୋଟି



ଭୁବନେଶ୍ୱର, ୨୩/୪: ରାଜଧାନୀ ଭୁବନେଶ୍ୱର ଓ କଟକରେ ୧୧ହଜାରରୁ ଅଧିକ ସରକାରୀ ବାସଗୃହ ଥିବାବେଳେ ଏହାର ରକ୍ଷଣା ବେକ୍ଷଣ ପାଇଁ ରାଜ୍ୟ ସରକାର ୧୧କୋଟିରୁ ଅଧିକ ଅର୍ଥ ଯୋଗାଇ ଦେଇଛନ୍ତି । ସେହିଭଳି ଏହି ସରକାରୀ କ୍ୱାର୍ଟର୍ସରେ ବିଦ୍ୟୁତ୍ ମରାମତି, ପରିମଳ, ଜଳଯୋଗାଣ, ସ୍ନାନାଗାର ଓ ଶୌଚାଳୟର ମରାମତି ପାଇଁ ମଧ ପୃଥକ ଭାବେ ଅର୍ଥ ଯୋଗାଇ ଦିଆଯାଇଛି । ସରକାରୀ ସୂଚନା ମୁତାବକ ରାଜଧାନୀରେ ରହିଛି ସର୍ବାଧିକ ୧୧,୩୭୪ଟି ସରକାରୀ ବାସଗୃହ । ଏଥି ମଧ୍ୟରେ ଉଚ୍ଚ ବର୍ଗରେ ୫୮୩ଟି ଘର ଥିବାବେଳେ ମଧ୍ୟମ ବର୍ଗରେ ୧୦୬୨ ଓ ନିମ୍ନ ବର୍ଗରେ ୯୭୨୯ଟି ବାସଗୃହ ରହିଛି । କଟକରେ ରହିଛି ମାତ୍ର ୧୪୦ଟି ସରକାରୀ ବାସଗୃହ । ଏହିସବୁ ସରକାରୀ ଘରଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ଲାଗି ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ୧୧କୋଟି ୩୫ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ଏହି ସବୁ ସରକାରୀ ଘରର ବୈଦ୍ୟୁତିକ ମରାମତି ଲାଗି ୩କୋଟି ୫୦ଲକ୍ଷ ଟଙ୍କା ଦିଆଯାଇଛି । ସେହିଭଳି ସରକାରୀ ଘର ଗୁଡିକରେ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥାର ସ୍ୱତନ୍ତ୍ର ବିକାଶ ପାଇଁ ୧୪କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ରାଜଧାନୀରେ ଥିବା ନିମ୍ନ ବର୍ଗର ମୋଟ୍ ୯୬୪୪ଟି ସରକାରୀ ବାସଗୃହର ସ୍ନାନାଗାର ଓ ଶୌଚାଳୟର ଉନ୍ନତିକରଣ ନିମନ୍ତେ ୧୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ସରକାରୀ ବାସଗୃହଗୁଡିକରେ ଗ୍ୟାରେଜ ନିର୍ମାଣ ପାଇଁ ସରକାର ୨.୫୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ପାଚେରୀ ମରାମତି ଓ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା, ଗ୍ୟାରେଜ ମରାମତି ଲାଗି ୫୦ଲକ୍ଷ ଟଙ୍କା, ସରକାରୀ ବାସଗୃହରୁ ଆବର୍ଜନା ନିଷ୍କାସନ ଓ ନାଳ ନର୍ଦ୍ଦମାର ଉନ୍ନତିକରଣ ପାଇଁ ୩କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜଧାନୀରେ ଅଧିକ ସଂଖ୍ୟକ ବହୁତଳ ବିଶିଷ୍ଟ ସରକାରୀ ବାସଗୃହ ନିର୍ମାଣ ପାଇଁ ସରକାର ୬୩କୋଟି ୩୧ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ରାଜ୍ୟ ସଚିବାଳୟରେ ପରିଷ୍କାର ପରିଚ୍ଛନ୍ନତା ତଥା ସଫେଇ ଓ ପରିମଳ ଆଦି ପାଇଁ ୫.୫୦କୋଟି, ଲୋକସେବା ଭବନରେ ଅଗ୍ନି ନିର୍ବାପନ ପାଇଁ ୧.୫୦କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ସରକାରୀ ବାସଗୃହ ବାଦ୍ କାର୍ଯ୍ୟାଳୟ ଚାଲୁଥିବା ସରକାରୀ କୋଠାବାଡିର ମରାମତି ଲାଗି ସରକାର ୩୧କୋଟି ୫୦ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ଏହିସବୁ କୋଠାରେ ବୈଦ୍ୟୁତିକ ମରାମତି ଓ ରକ୍ଷଣା ବେକ୍ଷଣ ଲାଗି ପ୍ରାୟ ୨୭କୋଟି ଟଙ୍କା ଦେଇଛନ୍ତି । ଭୁବନେଶ୍ୱରରେ ଥିବା ସରକାରୀ ଅଣଆବାସିକ ଅଟ୍ଟାଳିକାର ଉନ୍ନତିକରଣ (ପିଏଚ)ପାଇଁ ୨୨କୋଟି ୮୮ଲକ୍ଷ ଟଙ୍କା ଯୋଗାଣ ଦେଇଛନ୍ତି । ରାଜଧାନୀରେ ବିଧାୟକମାନଙ୍କୁ ୯୪ଟି ସରକାରୀ ବାସଗୃହ ଆବଣ୍ଟିତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ୧୬ଟି ବାସଗୃହ ଦିଆଯାଇଛି । ଏଥି ସହିତ ବାଚସ୍ପତିଙ୍କୁ ମଧ ଗୋଟିଏ ସରକାରୀ ଘର ଆବଣ୍ଟିତ ହୋଇଛି ।

# କୋଟିଆ ପାଇଁ ତତ୍ପରତା, କମିଟି ଗଠନ ହେବ



ଭୁବନେଶ୍ୱର, ୨୩/୪: କୋଟିଆର କିଛି ଲୋକ ଆନ୍ଧ୍ରପ୍ରଦେଶରେ ରହିବାକୁ ସେଠାକାର ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ସୋମବାର ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଆଜି ଗଣମାଧ୍ୟମରେ ଖବର ପ୍ରକାଶ ପରେ ଓଡ଼ିଶା ସରକାର ତତ୍ପରତା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମ ପଞ୍ଚାୟତ ସମ୍ପର୍କରେ ସମୀକ୍ଷା କରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ। କମିଟି ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବେ। ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ସମେତ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ସଚିବ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ କୋରାପୁଟ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଠାରୁ ଆଭାସୀ ଜରିଆରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଡ଼ି ହୋଇଥିଲେ।

# ଶିଶୁଙ୍କ ଉପରେ ଅପରାଧୀଙ୍କ ଆଖି

## ଯୌନଲାଳସା ଚରିତାର୍ଥ କରି ମାରିଦେଲା

ପୁରୀ, ୨୩/୪: ଡେଲାଙ୍ଗ ଆଶୀର୍ବାଦ ହତ୍ୟା ଘଟଣାରେ ଗ୍ରାମବାସୀଙ୍କ ଅଭିଯୋଗ ସତ ପ୍ରମାଣିତ ହୋଇଛି। ଅଭିଯୁକ୍ତ ପ୍ରଭାକର ସାହୁ ଓରଫ ବାପି (୩୮)ର ଯୌନ ରାକ୍ଷସ ପ୍ରବୃତ୍ତି ନିରୀହ ଶିଶୁର ଜୀବନ ନେଇଛି। ଅଭିଯୁକ୍ତ ନିଜର ଯୌନ ଲାଳସା ଚରିତାର୍ଥ କରିବା ପାଇଁ ଆଶୀର୍ବାଦଙ୍କୁ ପ୍ରଲୋଭିତ କରିବା ପରେ, ଘଟଣା ପ୍ରଘଟ ହୋଇଯିବା ଭୟରେ ହତ୍ୟାକାଣ୍ଡ ଭିଆଇଥିବା ପୁଲିସ ଆଗରେ ସ୍ୱୀକାର କରିଛି। ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସୂଚନା ମୁତାବକ, ଗତ ୧୫ ତାରିଖ ସନ୍ଧ୍ୟା ପ୍ରାୟ ୬ଟା୪୫ରେ ବାପି ରତନପୁର ଗ୍ରାମର ଏକ ପରିତ୍ୟକ୍ତ ଘର ପଛପଟେ ଥଣ୍ଡା ପାନୀୟ ପିଇବା ସହ ବସି ୟୁଟ୍ୟୁବ୍ ଭିଡିଓ ଦେଖୁଥିଲା। ଏହି ସମୟରେ ଆଶୀର୍ବାଦ ଗରମ ଯୋଗୁ ନିଜର ସାର୍ଟ ଓହ୍ଲାଇ ସେହିଘରକୁ ଫେରୁଥିଲେ। ବାପି ଆଶୀର୍ବାଦଙ୍କୁ ପାଖକୁ ଡାକି ୪ଟି କ୍ରିକେଟ୍ ବଲ୍ କିଣିବା ପାଇଁ ୧୦୦ ଟଙ୍କା ଦେବାକୁ ପ୍ରଲୋଭିତ କରିଥିଲା। ପ୍ରତିବଦଳରେ ଅଭିଯୁକ୍ତ ଆଶୀର୍ବାଦଙ୍କ ଗୁପ୍ତାଙ୍ଗ ସ୍ପର୍ଶ କରିବା ପାଇଁ ସର୍ତ୍ତ ରଖିଥିଲା। ଆଶୀର୍ବାଦ ୪ଟି ବଲ୍ ପାଇବା ଆଶାରେ ଏଥିରେ ରାଜି ହୋଇଯାଇଥିଲା। ଏହି ସମୟରେ ଆଶୀର୍ବାଦଙ୍କୁ ତା'ର ସମ୍ପର୍କୀୟ ଦାଦା ଡାକ ଛାଡ଼ିଥିଲେ। ଏହା ଅଭିଯୁକ୍ତ ମଧ ଶୁଣିଥିଲା। ବଲ୍ ପାଇଁ ଉଦ୍ଦିଷ୍ଟ ଟଙ୍କା ନଦେଲେ ବାପି ଗୁପ୍ତାଙ୍ଗକୁ ସ୍ପର୍ଶ କରିଥିବା କଥା ତା'ର ଦାଦା ଓ ଅନ୍ୟ ଗ୍ରାମବାସୀଙ୍କୁ ଜଣେଇଦେବ ବୋଲି କହିଥିଲା। ଏଥିରେ ଅଭିଯୁକ୍ତ ଭୟଭୀତ ହୋଇଯାଇଥିଲା। ଆଶୀର୍ବାଦର ମୁହଁକୁ ଏକ ଗଞ୍ଜିରେ ଚାପି ଧରିଥିଲା। ଛଟପଟ ହୋଇ ଆଶୀର୍ବାଦ ପ୍ୟାଣ୍ଟରେ ମଳତ୍ୟାଗ କରିଦେଇଥିଲେ। କିଛି ସମୟ ପରେ ଆଶୀର୍ବାଦ ଛଟପଟ ହୋଇ ନିରବ ହୋଇଯିବାରୁ ମରିଯାଇଥିବା ସନ୍ଦେହ କରି କେଳୁଚରଣ ସାହୁଙ୍କ ଘର ପଛରେ ଥିବା ସେପ୍ଟିକ ଟ୍ୟାଙ୍କରେ ପକେଇ ଦେଇଥିଲା। ଏଥିସହ ଆଶୀର୍ବାଦ ପିନ୍ଧିଥିବା ପୋଷାକ ସବୁକୁ ୧୦୦ ମିଟର ଦୂରରେ ଫିଙ୍ଗି ଦେଇଥିଲା। ସେପ୍ଟିକ୍ ଟ୍ୟାଙ୍କରେ ଆଶୀର୍ବାଦର ମୃତଦେହ ପଡ଼ିଥିବା ଅଭିଯୁକ୍ତ ସ୍ୱୀକାର କରିବା ପରେ ପୁଲିସ ମୃତଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ଉଦ୍ଧାରର ଗୋଟିଏ ଦିନ ପରେ ଅର୍ଥାତ୍ ଆଜି ଅଭିଯୁକ୍ତର ସୂଚନା ମୁତବାକ ଆଶୀର୍ବାଦର ପୋଷାକ ଅନ୍ୟ ଏକ ସେପ୍ଟିକ ଟ୍ୟାଙ୍କରୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ମୃତ ଆଶୀର୍ବାଦଙ୍କ ସାଇକେଲ୍ ଚାବି, ପକେଟରେ ଥିବା ଦୁଇଟି ନଟୁ ଓ ଏକ ସୂତା, ଅଭିଯୁକ୍ତର ଏକ ଗାମୁଛା, ଟି-ସାର୍ଟ ଓ ରେଡ୍‌ମି ମୋବାଇଲ୍ ଜବତ ହୋଇଛି। ଏହି ଘଟଣାରେ ପୁଲିସ ଗତ ୨୧ ତାରିଖ ରାତିରେ ଅଭିଯୁକ୍ତକୁ ଗିରଫ କରି ପକ୍ସୋ ଆକ୍ଟ (ସ୍ୱତନ୍ତ୍ର ଜଜ୍ କୋର୍ଟ) ଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସମେତ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର ଓ ବିଷ୍ଣୁପ୍ରସାଦ ପତି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।



## ସ୍ତ୍ରୀକୁ ହତ୍ୟା କରି ଖଟ ବାକ୍ସରେ ରଖି ସ୍ୱାମୀ ଫେରାର !



ଚନ୍ଦାହାଣ୍ଡି, ନବରଙ୍ଗପୁର ଜିଲ୍ଲାରେ ହୃଦୟବିଦାରକ ଘଟଣା ,ନିଜ ସ୍ତ୍ରୀକୁ ହତ୍ୟା କରି ଖଟରେ ଥିବା ବାକ୍ସ ରେ ଲୁଚାଇ ଘରକୁ ତାଲା ପକାଇ ସ୍ୱାମୀ ଫେରାର । ଘଟଣା ଦେଖିବାକୁ ମିଳିଛି ନବରଂଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ହଳଦି ଗାଁରେ । ମୃତ ମହିଳା ଜଣକ ହେଲେ ଅନିତା ସୋରି ଏବଂ ହତ୍ୟାକାରି ସ୍ୱାମୀ ହେଲେ ଦୁଷ୍ମନ୍ତ ନାୟକ । ଅଭିଯୋଗ ଅନୁଯାୟୀ ଗତ ତିନି ବର୍ଷ ପୂର୍ବେ ହଳଦୀ ଗ୍ରାମର ଦୁଷ୍ମନ୍ତ ନାୟକ ସୀମାନ୍ତ ଛତିଶଗଡ଼ ରାଜ୍ୟ ଭତ୍ରା ବାହାଲ ଗ୍ରାମର ଅନିତା ସୋରି ଙ୍କୁ ବିବାହ କରିଥିଲେ । ତାଙ୍କ ର ଏକ ବର୍ଷ ର ପୁଅ ଟିଏ ରହିଛି । ଗତ କିଛି ଦିନ ପୂର୍ବେ ଭତ୍ରା ବାହାଲ ରେ ଥିବା ନିଜ ବାପା ଘରକୁ ଅନିତା ସୋରି ଯାଇଥିଲେ, କିଛି ଦିନ ବାପା ଘରେ ରହିବା ପରେ ଗତ ଚାରି ଦିନ ପୂର୍ବେ ସ୍ୱାମୀ ଦୁଷ୍ମନ୍ତ ନିଜ ସ୍ତ୍ରୀ ଅନିତା ଙ୍କୁ ଆଣିଥିଲେ । ଗତ ତିନି ଦିନ ପୂର୍ବେ ଉଭୟ ସ୍ୱାମୀ ସ୍ତ୍ରୀ ନିଖୋଜ ଥିବା ଦୁଷ୍ମନ୍ତ ଙ୍କ ପାରିବାର ମୃତ ମହିଳାଙ୍କ ପରିବାର ଙ୍କୁ କହିଥିଲେ, ନିଜ ଝିଅକୁ ବହୁ ସ୍ଥାନରେ ଖୋଜି ଥିଲେ କିନ୍ତୁ ମିଳିନଥିଲା ଘର ତାଲା ପଡ଼ିଥିଲା । ତେଣୁ ପରିବାର ଲୋକେ ସନ୍ଦେହ କରି ଚନ୍ଦାହାଣ୍ଡି ଥାନା ରେ ଲିଖିତ ଅଭିଯୋଗ ପରେ ଘଟଣା ସ୍ଥଳରେ ଚନ୍ଦାହାଣ୍ଡି ପୋଲିସ ପହଞ୍ଚି ଘର ତାଲା ଭାଙ୍ଗି ମହିଳାଙ୍କ ଶବ ଦେଖିଥିବା ବେଳେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରି ଶବ ଉଦ୍ଧାର କରାଯିବ ବୋଲି କହିଛନ୍ତି ଥାନା ଅଧିକାରୀ । ବର୍ତ୍ତମାନ ସୁଦ୍ଧା କେଉଁ କାରଣରୁ ସ୍ତ୍ରୀ କୁ ସ୍ୱାମୀ ହତ୍ୟା କରିଛି ଜଣାପଡି ନାହିଁ । କିନ୍ତୁ ଦୁଷ୍ମନ୍ତ ଙ୍କ ମସ୍ତିଷ୍କ ଦୋଷ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଘର ରୁ ଶବ ର ପଚା ଦୁର୍ଗନ୍ଧ ବାହାରୁଥିବା ବେଳେ ସାଇଣ୍ଟିଫିକ ଟିମ ଆସିଲେ ଶବ ବାହାର କରାଯିବ । ପୋଲିସ ସ୍ୱାମୀ ଦୁଷ୍ମନ୍ତ ଙ୍କ ବାପା ମା ଙ୍କୁ ଅଟକ ରଖି ପଚରାଉଚରା କରୁଛି !

## ମା’ ତାରିଣୀଙ୍କ ତୃତୀୟ ଜନ୍ମ ବାର୍ଷିକୀ



ଭୁବନେଶ୍ୱର : ମା’ତାରିଣୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୩ ନମ୍ବର ୟୁନିଟ୍‌ସ୍ଥିତଖାରବେଳ ନଗର ଅଞ୍ଚଳରେ ମା’ ତାରିଣୀଙ୍କ ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ମହାସମାରୋହରେ ପାଳିତହୋଇଥିଲା । ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ କେକ୍ କାଟି ମା’ଙ୍କଜନ୍ମବାର୍ଷିକର ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ । ଟ୍ରଷ୍ଟର ସଭାପତିବିଦ୍ୟାଧର ମିଶ୍ର ଓ ସାଧାରଣ ସମ୍ପାଦକ ଦିଲ୍ଲୀପ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବାର୍ଷିକଉତ୍ସବରେ ଟ୍ରଷ୍ଟର କୋଷାଧ୍ୟକ୍ଷ ସିଲା ଇଶ୍ୱର ମୂର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବରାଳ ଓ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନକୁମାର ମହାନ୍ତି, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନମହାନ୍ତି, ସୁଚିସ୍ମିତା ରାଉତ, ଏସ୍. ଜୟଲକ୍ଷ୍ମୀ, ଉଷାମଣି ବରାଳ, କୁମୁଦିନୀ ନାୟକ, ବୀଣାପାଣିମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି, ଲକ୍ଷ୍ମଣ ରେଡ୍ଡୀ ଓ ଦିପ୍‌ସା ସୁବୁଦ୍ଧି ପ୍ରମୁଖ ସହାୟତା କରିଥିଲେ ।

## ଶିଶୁ ଉନ୍ମେଷ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଲା



ଦାମନଯୋଡ, : ନାଲକୋ ଦାମନଯୋଡି ର ସେକ୍ଟର-୧ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ରାଜ୍ୟ ସ୍ତରୀୟ କ୍ଷୁଦ୍ର ନାଟକ ପ୍ରତିଯୋଗୀତା ର ଚତୁର୍ଥ ଦିନରେ ନାଟକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା । ମୂଖ୍ୟ ଅତିଥି ଭାବେ ସମୁହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସଭାପତି ତଥା ନାଲକୋ ମହାପ୍ରବନ୍ଧକ ବିଛନ୍ଦ ଚରଣ ଦାଶ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ପୂର୍ବତନ ଅଧ୍ୟକ୍ଷ ନିରାକାର ନାୟକ, ବିଚାରକ ଭାବେ ଗିରିଜା କୁମାର ଚୌଧୁରୀ , ନଳନୀ ନିହାର ନାୟକ, କୈଳାସ ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ନାଟକ ସମ୍ପର୍କରେ ସମୀକ୍ଷା କରିଥିଲେ । ଆଲୋଚକ ଭାବେ ଶେଷଦେବ ଶତପଥୀ,ନିର୍ମଳ କୁମାର ରାଉତ, ଅଶୋକ କୁମାର କର, ସୁଶାନ୍ତ କୁମାର କର,ବିରୁପାକ୍ଷ ପ୍ରଧାନ ଓ ଶୁଶାନ୍ତ କୁମାର ଦାଶ ଭାଗ ନେଇ ନାଟକର ମହତ୍ୱ, ଆବଶ୍ୟକତା ଓ ସମାଜ ରେ ତା’ର ପ୍ରତିଫଳନ ସମ୍ପର୍କରେ ଆଲୋକପାତ କରିଥିଲେ । ନାଟକ ସମାଜ ର ଦର୍ପଣ ସଦୃଶ୍ୟ ବୋଲି ଆଲୋଚକ ମାନେ ମତପ୍ରକାଶ କରିଥିଲେ । ଓଡ଼ିଶାର ବିଶିଷ୍ଟ ନାଟ୍ୟକାର,ଓ ଅଭିନେତା ରାଜକିଶୋର ପାଢ଼ୀ ଙ୍କୁ ଇତି ଅବସରରେ ପଞ୍ଚପଟ୍ଟମାଳୀ ନାଟ୍ୟ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ସନ୍ଧ୍ୟା ରେ ବିଦ୍ୟାଳୟ ସ୍ତରୀୟ ନାଟକ ସମାରୋହ ଉନ୍ମେଷ ମଞ୍ଚସ୍ଥ ହୋଇଥିଲା । ସମୁହ ମହାପ୍ରବନ୍ଧକ ପୁରୁଷୋତ୍ତମ ମହନ୍ତ, ନାଲକୋ ମହାପ୍ରବନ୍ଧକ ଡି ଶ୍ରୀଧର କୁମାର ଅତିଥି ଭାବେ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ନିର୍ମଳ ରାଉତ ଓ ଶ୍ରୀଧର ପରିଡ଼ା । ଡିପିଏସ୍, ସରସ୍ୱତୀ ବିଦ୍ୟା ମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର ମାଥଲପୁଟ, ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ ଲିଟିଗୁଡା ର ଛାତ୍ର ଛାତ୍ରୀ ମାନେ ସଚେତନତା ମୂଳକ ନାଟକ ପରିବେଷଣ କରିଥିଲେ ।ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ନାଟକକୁ ସମବେତ ସହସ୍ରାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ ।ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଶିଶୁ ଉନ୍ମେଷ କାର୍ଯ୍ୟକ୍ରମକୁ ସବୁ ମହଲରୁ ପ୍ରଶଂସା କରାଯାଇଥିଲା ।

## ମାଳି ପର୍ବତରେ ଧୁମଧାମରେ ସରିଲା ପାକୁଳି ମାଙ୍କ ଚୈତ୍ର ଡଂଗର ଯାତ୍ରା। ସହସ୍ରାଧିକ ଭକ୍ତଙ୍କ ସମାଗମ



ଦାମନଯୋଡି/ ସେମିଳିଗୁଡା. ଚୈତ୍ର ପର୍ବ ଉପଲକ୍ଷେ ସେମିଳିଗୁଡାର କକଡାମ୍ବ ଗ୍ରାମ ନିକଟସ୍ଥ ମାଳିପର୍ବତ (ପାକୁଳି ଗୁମ୍ଫା)ଠାରେ ଆଦିବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ମା ପାକୁଳି ଦେବୀଙ୍କ ଚୈତ୍ର ପର୍ବ ଡଂଗର ଯାତ୍ରା ମହା ଆଡମ୍ବରରେ ପାଳିତ ହୋଇ ଯାଇଛି ।ଏହି ଉତ୍ସବରେ ରାୟଗଡାର ନିୟମଗିରି ସଂଗ୍ରାମ ସମିତି,ଚିନାମାଟି ସୁରକ୍ଷା ସମିତି,ବାଲଡା ନାଗେଶ୍ୱରୀ ଗୁମ୍ଫା ସୁରକ୍ଷା ସମିତି ଓ ଓଡିଶାର କୋଣ ଅନୁକୋଣରୁ ବହୁ ସଂଗ୍ରାମୀ ନେତା ,ପରିବେଶବିତ,ଶିକ୍ଷାବିତ ଯୋଗ ଦେଇଥିଲେ ।ମାଳିପର୍ବତ ସୁରକ୍ଷା ସମିତିର ସଂଗ୍ରାମୀ ସାଥୀମାନେ ଏହି ଭବ୍ୟ ଯାତ୍ରାର ଆୟୋଜନ କରିଥିଲେ ।ସୁରକ୍ଷା ସମିତିର ଦାସୀ ନନ୍ଦିବାଲୀ ,ବିଜୟ ଖିଲ,ଚୈତନ୍ୟ ନନ୍ଦିବାଲୀ,ନିରଂଜନ ଖିଲ,ଗୋବର୍ଦ୍ଧନ ଖିଲ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ଭାବରେ ନାରାୟଣପାଟଣାର ନାଚିକା ଲିଙ୍ଗା,ବରିଷ୍ଠ ନେତା ଜୟରାମ ପାଙ୍ଗୀ, ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ,ସୁପ୍ରିୟା ମଲ୍ଲିକ ଯୋଗଦେଇଥିଲେ । ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସ୍ୱାଗତ କରାଯାଇଥିଲା

## ନବରଙ୍ଗପୁର ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ ସଦାଶିବ ତ୍ରୀପାଠୀଙ୍କ ଜନ୍ମ ଜୟନ୍ତୀ ସମାରୋହ ପାଳନ




ନବରଙ୍ଗପୁର, : ସ୍ଥାନୀୟ ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ସକାଳ ୮.୩୦ ମି ସମୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ା ସଦାଶିବ ତ୍ରିପାଠୀଙ୍କ ଜନ୍ମ ଜୟନ୍ତୀ ସମାରୋହ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ,ପୂଜ୍ୟପୂଜା,ସ୍ମୃତି ଚାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି ! ଏହି ଅବସରରେ ସକାଳ ୮.୦୦ ଘ ସମୟରେ ସ୍ଥାନୀୟ ସଦାଶିବ ପାର୍କ ଠାରେ ସ୍ଥାପିତ ଡ ସଦାଶିବ ତ୍ରିପାଠୀ ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥି ରୂପେ ମାନ୍ୟବର ରାଜ୍ୟସଭା ସାଂସଦ ମୁଜିବୁଲା ଖାଁ ଏବଂ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ତପନ କୁମାର ଖୁଣ୍ଟିଆ,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡ ସଦାଶିବ ତ୍ରିପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ ,ମୁନା ତ୍ରିପାଠୀ,ଜଗନ୍ନାଥ ମହାପାତ୍ର, ଡ ବିଜୟ ମିଶ୍ର ,ରାଧାନାଥ ବେହେରା,ବିଜୟ ଚୌଧୁରୀ , ସଂଗୀତା ତ୍ରିପାଠୀ,ପ୍ରଭାତୀ ତ୍ରିପାଠୀ, ଟିକିମା ତ୍ରିପାଠୀ ପ୍ରମୁଖ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରିଥିଲେ ଏବଂ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ୍ ର ଛାତ୍ର, ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ,ମହାବିଦ୍ୟାଳୟ ଅଧ୍ୟାପକ,ସହରର ବୁଦ୍ଧିଜୀବୀ,କବି,ଲେଖକ,ଗଣମାଧ୍ୟମ ପ୍ରତିନିଧି,ବିଭାଗୀୟ ଅଧିକାରୀ ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ! ପୌର ପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତି ଚାରଣସଭାରେ ମଞ୍ଚାସିନ ବିଶିଷ୍ଟ ଅତିଥି ରାଜ୍ୟସଭା ସାଂସଦ ମୁଜିବୁଲା ଖାଁ ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଡ ସଦାଶିବ ତ୍ରିପାଠୀଙ୍କୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଲୋକପ୍ରିୟ ନେତା,ଆଦର୍ଶବାଦୀ, ସାଧୁତା ଓ ସଚ୍ଚୋଟତାର ମୂର୍ତ୍ତିମନ୍ତ ପ୍ରତୀକ , ଜ୍ଞାନୀ, ଭୁସଂସ୍କାର ଆଇନ ର ସଫଳ ରୂପାୟନକର୍ତ୍ତା ରୂପେ ଅଭିହିତ କରି ନିଜ ଜୀବନରେ ତାଙ୍କର ଆଦର୍ଶ ଓ ଦର୍ଶନ କୁ ପ୍ରତିଫଳିତ କରିବା ପାଇଁ ଆହ୍ୱାନ କରିଥିଲେ ! ମୁଖ୍ୟ ବକ୍ତା ଡ ବିଜୟ ମିଶ୍ର ଡ ସଦାଶିବ ତ୍ରୀପାଠୀ ଙ୍କ ଜୀବନ ଦର୍ଶନ,ସ୍ୱାଧୀନତା ସଂଗ୍ରାମ ,ମୁଖ୍ୟମନ୍ତ୍ରୀ ଥିବା ସମୟରେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ଉପରେ ସମ୍ୟକ୍ ବିବରଣୀ ଦେଇଥିଲେ !ସମ୍ମାନୀତ ଅତିଥି କେଦାରନାଥ ତ୍ରିପାଠୀ, ମୁନା ତ୍ରିପାଠୀ,କୁନୁ ନାୟକ,ତପନ ଖୁଣ୍ଟିଆ ନିଜ ବକ୍ତବ୍ୟରେ ଡ ସଦାଶିବ ତ୍ରିପାଠୀ ଙ୍କ ଦେଶ ପ୍ରେମ, ସ୍ୱାଧୀନତା ସଂଗ୍ରାମ ଓ କାରାବରଣ, ଜମିଜମା ଓ ରାଜସ୍ୱ ଆଇନ ,କର୍ମମୟ ଜୀବନ, ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ,ଲୋକପ୍ରିୟତା ଉପରେ ବିଶେଷ ତଥ୍ୟ ପ୍ରଦାନ କରିଥିଲେ ! କବି ଜେମାମଣି ବିଷୋୟୀ ଡ ସଦାଶିବ ତ୍ରିପାଠୀ ଙ୍କ ଉପରେ କବିତା ପାଠ କରିଥିଲେ ! ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ସ୍ତର ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥିଗଣ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରିଥିଲେ ! ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସଭାର ଆୟୋଜନ ,ସଞ୍ଚାଳନ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

## ‘ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସମାଜବାଦୀ ଆନ୍ଦୋଳନ ଓ ସମ୍ବଲପୁରୀ ସାହିତ୍ୟ ସର୍ଜନାରେ ଅତୁଳନୀୟ ଅବଦାନ ଥିଲା ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ

### ‘ ପଲ୍ଲୀ ପ୍ରୀତି , ଗାଁ ପ୍ରତି ମମତ୍ୱବୋଧ ଓ ସମାଜବାଦୀ ଚେତନାର ବହୁମୁଖୀ ପ୍ରତିଭା ଥିଲେ ହେମଚନ୍ଦ୍ର ଆଚାର୍ଯ୍ୟ ଅଧ୍ୟାପକ ମୋହନ ସାହୁ କୋଶଳ ବାଲ୍ମୀକି ହେମଚନ୍ଦ୍ର ଆଚାର୍ଯ୍ୟ ଜୟନ୍ତୀ ସମାରୋହ



ବରଗଡ଼, : ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ ସମାଜବାଦୀ ଆନ୍ଦୋଳନ ଓ ସମ୍ବଲପୁରୀ ସାହିତ୍ୟ ସର୍ଜନା ରେ ଅତୁଳନୀୟ ଅବଦାନ ଥିଲା ବୋଲି କହିଛନ୍ତି ରାଜ୍ୟ ମାନବ ଅଧିକାର ଆୟୋଗ ର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ରେ ଗାନ୍ଧୀ ସ୍ମୃତି ପାଠାଗାର ଓ ହେମଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କୋଶଳ ବାଲ୍ମୀକି ହେମଚନ୍ଦ୍ର ଆଚାର୍ଯ୍ୟ ଜୟନ୍ତୀ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଷ୍ଟିସ ପୂଜାରୀ କହିଛନ୍ତି ଯେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ରେ ସାହିତ୍ୟ, ସଂସ୍କୃତି, ସାମାଜିକ ଆନ୍ଦୋଳନ ଓ ବିଶେଷ କରି ସ୍ୱାଧୀନତା ସଂଗ୍ରାମ ରେ ବରଗଡ଼ ଅଞ୍ଚଳ ର ଅଗ୍ରଣୀ ଭୂମିକା ରହିଛି । ସେହି କ୍ରମରେ ସମ୍ବଲପୁରୀ ଭାଷା ,ସାହିତ୍ୟ, ସଂସ୍କୃତି ଓ ସାମାଜିକ ଆନ୍ଦୋଳନ ରେ କବି ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ ଅଗ୍ରଣୀ ଭୂମିକା ରହିଛି । ଜଷ୍ଟିସ ପୂଜାରୀ କହିଥିଲେ ଯେ ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ ସାମାଜିକ ଚିନ୍ତାଧାରାରେ ମାନବ ଅଧିକାର ପ୍ରସ୍ଫୁଟିତ ହେଉଥିଲା । ଜଷ୍ଟିସ ପୂଜାରୀ ମହାତ୍ମା ଗାନ୍ଧୀ ଙ୍କ ଠାରୁ ଆଜି ଯାଏ ବିଭିନ୍ନ ମାନବ ଅଧିକାର କର୍ମୀ ଙ୍କ ସାମାଜିକ ନ୍ୟାୟ ଉପରେ ଚଳାଇଥିବା ଅଭିଯାନ ଉପରେ ଆଲୋଚନା କରି କହିଥିଲେ ଯେ ମାନବ ଅଧିକାର ସୁରକ୍ଷା ପାଇଁ ବ୍ୟାପକ ଜନ ସଚେତନତା ଜରୁରୀ ଅଟେ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅଧ୍ୟାପକ ମୋହନ ସାହୁ କବି ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ କବିତା ରେ ସମାଜବାଦୀ ଚିନ୍ତାଧାରା ଓ ଗ୍ରାମୀଣ ଚିତ୍ର କିଭଳି ରହିଥିଲା ତାର ଉପରେ ଗଭୀର ଭାବରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କବି ହେମଚନ୍ଦ୍ର ଆଚାର୍ଯ୍ୟ ପଲ୍ଲୀ ପ୍ରୀତି , ଗାଁ ପ୍ରତି ମମତ୍ୱବୋଧ ଓ ସମାଜବାଦୀ ଚେତନା ର ବହୁମୁଖୀ ପ୍ରତିଭା ଥିଲେ । ତାଙ୍କର ସମ୍ବଲପୁରୀ ଭାଷା ସାହିତ୍ୟ ଅତି ଉଚ୍ଚାଙ୍ଗ ରହୁଥିଲା । ହେମଚନ୍ଦ୍ର ଗଭୀର ଜ୍ଞାନ ସହ ସମ୍ପୂର୍ଣ୍ଣ ଭରତୀୟତା ରେ ଭରପୁର ଥିବା ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଓ ଆଧ୍ୟାତ୍ମିକ ଚେତନା ର ଅଧିକାରୀ ଥିବା ସହ ଭରବତ ପ୍ରୀତି ଥିବା ଜଣେ ମହାମନିଶୀ ଥିଲେ । ଶ୍ରୀ ସାହୁ କବି ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ ସାହିତ୍ୟ କୃତୀ କୁ ଅତି ବିଶଦ ଭାବରେ ଆଲୋଚନା କରିବା ସହ କବି ଯେଉଁ ଧରଣର ଉଚ୍ଚାଙ୍ଗ କବିତା ର ସ୍ତର କୁ ପହଞ୍ଚି ପାରିଥିଲା , ଆଜି ଆମ ର କବି ମାନେ ସେହି ସ୍ତର କୁ ପହଞ୍ଚିବା ର ଚେଷ୍ଟା କରୁନାହାନ୍ତି । ଗାନ୍ଧୀ ସ୍ମୃତି ପାଠାଗାର ର ବରିଷ୍ଠ ସଦସ୍ୟ ସାହିତ୍ୟିକ ମନୋରଞ୍ଜନ ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭା କୁ ଅଧ୍ୟାପକ କେଶ ରଞ୍ଜନ ପ୍ରଧାନ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥଲେ ଅଧ୍ୟାପକ ପ୍ରିତିଶ ଆଚାର୍ଯ୍ୟ । ସଭାରେ ଗାନ୍ଧୀ ସ୍ମୃତି ପାଠାଗାର, ହେମଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି କମିଟି ର ବହୁ ସଦସ୍ୟ ଙ୍କ ସମେତ ସହର ର ବହୁ ବୁଦ୍ଧିଜୀବୀ ଶିକ୍ଷାବିତ୍ ଓ ସାହିତ୍ୟିକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମାଜବାଦୀ ଚିନ୍ତାଧାରା ର ବିଶିଷ୍ଟ ସାଧକ ରାଧାକାନ୍ତ ବହିଦାର ଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷ ରେ ସଙ୍ଗୀତଜ୍ଞ ଶରତ ପାଢ଼ୀ କବି ହେମଚନ୍ଦ୍ର ଆଚାର୍ଯ୍ୟ ଙ୍କ କବିତା ପାଠ କରିଥିଲେ ।

## ବଡ଼ଚଣା ବ୍ଲକର ଲଘୁ ଖଣିଜ ପଦାର୍ଥ ହରିଲୁଟ ବିରୁଦ୍ଧରେ ବିଜେଡିର ସାମ୍ବାଦିକ ସମ୍ମିଳନୀ




ଚଣ୍ଡିଖୋଲ, : ରତ୍ନଗର୍ଭା ବଡ଼ଚଣା ର ଭୁଗର୍ଭରେ ଭରପୁର ଖଣିଜ ପଦାର୍ଥ ରହିଛି । ମାତ୍ର ଏହାର ସୁବିନିଯୋଗ ପରିବର୍ତ୍ତେ ବ୍ୟାପକ ହରିଲୁଟ୍ ହେଉଥିବାରୁ ବଡ଼ଚଣା ବିକାଶ ପରିବର୍ତ୍ତେ ବିନାଶ ହେଉଛି ବୋଲି ବିଜେଡି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ନେତା କ୍ୟାପଟେନ ରଜନକ୍ଷରକ୍ଷୟାଣ ମହାପାତ୍ର ଅଭିଯୋଗ କରିଛନ୍ତି କ୍ଷ ଭୌଗୋଳିକ ଦୃଷ୍ଟିରୁ ବଡ଼ଚଣା ର ପଶ୍ଚମାଞ୍ଚଳରେ ମାଙ୍କଡ଼ା ପଥର ମହଜୁତ୍ ଥିଲାବେଳେ ପୂର୍ବାଞ୍ଚଳରେ ବାଲି ଓ ମହରମ ର ବ୍ୟାପକ ଭଣ୍ଡାର ଭାରି ରହିଛି କ୍ଷ ମାତ୍ର ଏଗୁଡ଼ିକର ଦିନ ଦୁଇ ପହରରେ ବ୍ୟାପକ ହରି ଲୁଟ ହେଉଛି କ୍ଷ ମଣ୍ଡୁକା ମହରମ ଖଓଦାନ ରୁ ଅନୁମତି ଠାରୁ ବହୁ ପରିମାଣର ମହରମ୍ ଉତ୍ତୋଳନ କରାଯାଉଛି ଦୈନିକ ୪୦୦ ଶହରୁ ଉର୍ଦ୍ଧ୍ୱ ହଓ୍ୱା ଟ୍ରକ୍ ରେ ମହାରମ୍ ପରିବହନ କରାଯାଉଛି । ସେହିପରି ବିରୂପା ନଦୀ ଘାଟ ୧(ରାମଦାସ ପୁର) ବିରୂପା ବାଲିଘାଟ ୨ ରୁ ବ୍ୟାପକ ପରିମାଣରେ ବାଲି ଉଠା ଯାଉଛି ଏହି ସବୁ ସ୍ଥାନମାନଙ୍କରେ ୫ ବର୍ଷିଆ ଲିଜ୍ ମାଧ୍ୟମରେ ଠିକାଦାର ପାଇଥିବା ଅନୁମତି ଠାରୁ ବହୁ ଗୁଣରେ ବାଲି ରାତି ଅଧିଆ ଉଠା ଯାଉଛି । ଗୋଟିଏ ଦିନରେ ୨୭୯ ଟି ଟ୍ରକ୍ ମହାରମ ନେହୁଥିବାର ଏଚ୍‌ଝ ମାଧ୍ୟମରେ ଫଟୋର ଦୃଶ୍ୟ ପ୍ରଦର୍ଶନ କରିଥିଲେ କ୍ଷ ପରିବେଶ ମଞ୍ଜୁରୀ ନଥାଇ କିପରି ଜଙ୍ଗଲ କିସମ ଜମିରୁ ମୋହରମ୍ ଉତ୍ତୋଳନ ହେଉଛି ତାହା ସ୍ୱଚ୍ଛତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି କ୍ଷ ସେହିପରି ବଡ଼ଚଣା ପଶ୍ଚମକ୍ଷଞ୍ଚଳର ଦର୍ପଣ , ସମିଆ , ବୈରୀ ଗ୍ରାମ ଗୁଡ଼ିକରୁ ବିଧାୟକଙ୍କ ସମର୍ଥକ ବନ୍ତଳ ସରପଞ୍ଚ ଖଇରା ଛକଠାରେ ମକଡ଼ା ପଥର ଚୋରା ଚାଲାଣ କରୁଥିବା ଶାସକ ଦଳର ଛାମୁଆ ନେତା କିପରି ହଟହଟା ହୋଇଥିଲେ ତାହାର ଦୃଶ୍ୟ , ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବାର ଦୃଶ୍ୟ ବଡ଼ଚଣା ରେ ଆଲୋଚନାର ବିଷୟ ପାଲଟିଛି କ୍ଷ ବଡ଼ଚଣା ମାଟିର ପୁଅ ଓ ଜାଗ୍ରତ ପ୍ରହରୀ କହୁଥିବା ବିଧାୟକ ଙ୍କ ଇଙ୍ଗିତରେ ତାଙ୍କ ସମର୍ଥକ ବାଲି , ମୋହରମ, ମାଙ୍କଡ଼ା ମାଫିଆ ମାନେ ହରି ଲୁଟ କରୁଛନ୍ତି ବୋଲି କହିବା ସହିତ ଏସଂପର୍କରେ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ , ଡି ଡି ଏମ , ଜିଲ୍ଲପାଳ, ଜଙ୍ଗଲ ବିଭାଗ , ଖଣି ବିଭାଗ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ଦର୍ପଣ ତହସିଲଦାର, ସ୍ଥାନୀୟ ପୋଲିସଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ କହିବା ସହିତ ଏ ସମ୍ପର୍କରେ ଉଚ୍ଚ ନ୍ୟାୟଳୟରେ ଜନସ୍ୱାର୍ଥ ମଲାଲା ରୁଜୁ କରିଛନ୍ତି ବୋଲି ଶ୍ରୀ ମହାପାତ୍ର କହିବା ସହିତ ଆଗାମୀ ୭ ମଧ୍ୟରେ ବଡ଼ଚଣା ଲଘୁ ଖଣିଜ ପଦାର୍ଥ ଲୁଟ ବନ୍ଦ ନହେଲେ ବଡ଼ଚଣା ବିଜେଡି ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ପୋଲି କ୍ୟାପଟେନ ରକ୍ଷଜନକ୍ଷରକ୍ଷୟାଣ ମହାପାତ୍ର ଚେତାବନୀ ଦେଉଛନ୍ତି କ୍ଷ ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ , ୧୮ ଜିଲ୍ଲା ପରିଷଦ ସଭ୍ୟାଙ୍କଙ୍କ ପ୍ରତିନିଧି ଆମର ମହାନ୍ତି , ତାପସ ରାୟ, ଜ୍ଞାନରଞ୍ଜନ ସାହୁ, ଧନେଶ୍ୱର ବେହେରା ,ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

### ୬ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ



କଟକ , : କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତୀକ ସିଂହ, ଅତିରିକ୍ତ ଉପଆୟୁକ୍ତ ପୋଲିସ୍ କମିଶନରେଟ୍ ଶ୍ରୀ ଦେବଦତ୍ତ କର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କଟକ ଶ୍ରୀ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୨ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୦୬ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ଚନ୍ଦାହାଣ୍ଡି ବ୍ଲକ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ



ନବରଙ୍ଗପୁର, : ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ! ଏହି ଶିବିରରେ ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯଦୁମଣି ନାୟକ, ଭାରପ୍ରାପ୍ତ ବି ଡି ଓ ମନୋଜ ମେହେରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ !ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ ! ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା ! ଚିହ୍ନଟ ୨ ଜଣ ଦିବ୍ୟାଙ୍ଗ ଙ୍କୁ ହୁଇଲ ଚେୟାର ଓ ୧୮ଜଣ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଦିବ୍ୟଙ୍ଗଙ୍କୁ ମାସିକ ସହାୟତା ୧୦୦୦ ଟଙ୍କା କାର୍ଡ ପ୍ରଦାନ କରାଯାଇଥିଲା ! ନବରଙ୍ଗପୁର ରୁ ରଞ୍ଜିତ ନାୟକ ଙ୍କ ରିପୋର୍ଟ ଉତ୍କଳ ମେଲ !

## ସାହିତ୍ୟିକ ଯଜ୍ଞେଶ୍ୱର ପଣ୍ଡାଙ୍କୁ ସାହିତ୍ୟ ସାରଥି ଉପାଧି ପ୍ରଦାନ



କଟକ, : କଳା ବିକାଶ କେନ୍ଦ୍ର କଟକ ଠାରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡିଶାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାହିତ୍ୟିକ ଡ. ଯଜ୍ଞେଶ୍ୱର ପଣ୍ଡାଙ୍କୁ ଝସାହିତ୍ୟ ସାରଥିଝ ଉପାଧିରେ ଭୂଷିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଓଡିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ମାନ୍ୟବର ଏ. ସୂର୍ଯ୍ୟନାରାୟଣ ନାଇଡୁ ଉଦଘାଟନ କରିଥିଲେ ।ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି କଳାଭୂଷଣ ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମାନ୍ୟବର ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୂପ୍ରସାଦ ତରାଇ, ବିଜେପି ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପଶ୍ଚିମବଙ୍ଗ ଓ ଓଡିଶା ଦାୟିତ୍ୱ ନିର୍ବାହ କରୁଥିବା ଡ. ନିହାର ରଞ୍ଜନ ରାୟ ଏବଂ ସମ୍ମାନିତ ଅତିଥିଭାବେ ଯଥାକ୍ରମେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠି,ବିଶିଷ୍ଟ ଚଳଚିତ୍ର ତାରକା ଶ୍ରୀଯୁକ୍ତ ଶ୍ରୀତମ ଦାସ, ବିଶ୍ୱଦେବ ସମାଜ ଜାତୀୟ ସଭାପତି ଗୁରୁଜ୍ଞାନଜ୍ୟୋତି ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ, ସନ୍ଥ ଗୁରୁଜ୍ଞାନ ସାଗର ଅନନ୍ତଶ୍ରୀ ବିଭୂଷିତ ମହାମଣ୍ଡଳେଶ୍ୱର ବ୍ରହ୍ମର୍ଷି ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ମହାରାଜ, ସଂସ୍କୃତି ସାରଥି ଇଂ. ଶ୍ରୀ ସନ୍ନ୍ୟାସୀ ଏବଂ ଉପଦେଷ୍ଟା ସ୍ମାର୍ଟ ଓଡିଶା ଡ. ଚିଡ଼ାତ୍ମିକା ଖଟୁଆ ଉପସ୍ଥିତ ଥିଲେ। ଏହି ଉପାଧି ସାହିତ୍ୟ ସାଧନା, ଭାଷା ସାହିତ୍ୟର ପ୍ରଚାର ପ୍ରସାର ଓ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବାକୁ ଅଧିକ ପ୍ରେରଣା ଯୋଗାଇବ ବୋଲି ଶ୍ରୀଯୁକ୍ତ ପଣ୍ଡା ମତବ୍ୟକ୍ତ କରିଛନ୍ତି।

## ସଂପାଦକୀୟ

# ମହାରାଷ୍ଟ୍ରର କାହାଣୀ

ହରିଆଣା ଭଳି ମହାରାଷ୍ଟ୍ରରେ ଭାଜପା କୁ ଅପ୍ରତ୍ୟାଶିତ ବିଜୟ ମିଳିଛି । ଲଗାତାର ତୃତୀୟ ବିଜୟ ମିଳିଛି, ଯାହା ସହଜରେ ବୁଝି ହେଉ ନାହିଁ । କାରଣ ୫ ମାସ ତଳେ ଲୋକସଭା ନିର୍ବାଚନରେ ନିର୍ମମ ପରାଜୟ ବରଣ କରିଥିବା ଏକ ଦଳ ହଠାତ ବିଜୟୀ ହୋଇ ଯାଇଛି । ଭାଜପା ୧୪୯ ଆସନରେ ଲଢ଼ି ୧୩୨ ଆସନରେ ବିଜୟୀ ହୋଇଛି । ୮୯% ଆସନରେ ବିଜୟୀ ହେବା ପଛରେ କିଛି କାହାଣୀ ଅଛି । ଯାହାକୁ ଖାଲି ଆଖିରେ ଦେଖି ହେବନାହିଁ । ଗଟବନ୍ଧନ ୨୮୮ ରୁ ୨୩୦ ଆସନରେ ବିଜୟୀ ହୋଇ ଇତିହାସ ତିଆରି କରିଛି । ବିପକ୍ଷକୁ ମାତ୍ର ୪୮ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି । ମହାରାଷ୍ଟ୍ର କାହାଣୀକୁ ଖୋଜିବା ପୂର୍ବରୁ ନିର୍ବାଚନ ଗଣିତକୁ ସମୀକ୍ଷା କରିନେବା ଠିକ୍ ରହିବ । ମହାରାଷ୍ଟ୍ରକୁ ସାମାଜିକ ଓ ଭୌଗଳିକ ଦୃଷ୍ଟିରୁ ୬ଟି ଅଂଚଳରେ ବିଭାଜିତ କରାଯାଇଥାଏ। କିନ୍ତୁ ୨୦୨୪ର ବିଜୟ ମହାରାଷ୍ଟ୍ରର ସମସ୍ତ ଅଂଚଳରେ ଦେଖିବାକୁ ମିଳିଛି । ଦୁଇଟି ଜିଲ୍ଲାକୁ ନେଇ ଗଠିତ ମୁମ୍ବାଇ ସହରରେ ମହାଜ୍ୟୋତି ଗଟବନ୍ଧନର ବିଜୟ ନିର୍ବାଚନ ବିଶାରଦଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି । ଶିବସେନାର ପୁରୁଣା ଗଡ଼ ଭାବରେ ପରିଚିତ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଉଦ୍ଧବ ଠାକରେଙ୍କୁ ସର୍ବାଧିକ ନିରାଶ କରିଛି । ଯେଉଁଠି ଉଦ୍ଧବ ଠାକରେଙ୍କ ଦଳ ମୁମ୍ବାଇ ମହାନଗରପାଳିକାକୁ ଦଖଲ କରି ରଖିଛି । ଏହି ସହରସହ ଶିବସେନାର ଜନ୍ମ ଓ ସଂଘର୍ଷ ଯୋଡ଼ି ହୋଇ ରହିଛି । ମୁମ୍ବାଇର ୩୬ ରୁ ୨୨ ଆସନ ମହାଜ୍ୟୋତି ଗଟବନ୍ଧନ ହାତକୁ ଯାଇଛି । ଶିବସେନାର ନୂତନ ଶତ୍ରୁ ଭାବେ ଛିଡା ହୋଇଥିବା ବିଜେପି ନିକଟକୁ ୧୫ ଆସନ ଯାଇଛି । ବିଦର୍ଭରେ ମଧ୍ୟ ୬୨ ରୁ ୪୯ ଆସନ ଜିତି ଗଟବନ୍ଧନ ସମସ୍ତ ଭବିଷ୍ୟବାଣୀକୁ ଭୂଲ ପ୍ରମାଣିତ କରିଛି । ଯେଉଁ ଅଂଚଳରୁ କେବଳ ଭାଜପାକୁ ୩୯ ଆସନ ମିଳିଛି । ବିଦର୍ଭରୁ ନିଜେ ଦେବେନ୍ଦ୍ର ଫର୍ଣ୍ଣାବିଶ ପ୍ରତିଦ୍ୱନ୍ଦୀ ଥିଲେ । ଭାଜପାର ରାଜ୍ୟ ସଭାପତି ଓ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରି ଉଭୟେ ସେହି ଅଂଚଳରୁ ଆସୁଛନ୍ତି । କୋଙ୍କଣ, ପଶ୍ଚିମ ମହାରାଷ୍ଟ୍ର, ଉତର ମହାରାଷ୍ଟ୍ରରେ ଗଟବନ୍ଧନକୁ ବିପୁଳ ଜନ ସମର୍ଥନ ମିଳିଛି । ଚଳିତ ନିର୍ବାଚନରେ ଶରତ ପାଓ୍ୱାରଙ୍କ ଗଡ଼ ଭୁଶୁଡି ପଡିଛି । ମରଠାଓ୍ୱାଡା କ୍ଷେତ୍ରର ବିଜୟ ସବୁଠାରୁ ଅଧିକ ଚର୍ଚ୍ଚାରେ ଅଛି । ମହାରାଷ୍ଟ୍ରର ଏକତୃତୀୟାଂଶ ମରାଠୀ ଲୋକ ଏହି ଅଂଚଳରେ ବସବାସ କରନ୍ତି । ମରାଠା ସରଂକ୍ଷଣ ପାଇଁ ସରକାର ବିରୋଧୀ ବିଶାଳ ଜନ ଆନ୍ଦୋଳନ ଏହି ଅଂଚଳକୁ ଅଧିକ ପ୍ରଭାବିତ କରିଥିଲା । ମରଠାଓ୍ୱାଡାର ୮ ଟି ଜିଲ୍ଲା ପୂର୍ବରୁ ହାଇଦ୍ରାବାଦ ରାଜ୍ୟ ବା ନିଜାମ ଶାସିତ ହୋଇ ଥିବାରୁ ମୁସଲିମ ଜନସଂଖ୍ୟା ଏଠାରେ ସର୍ବାଅଧିକ । ଔରାଙ୍ଗାବାଦ, ଉସ୍ମନାବାଦ ଓ ନାଂଦେଡ ଭଳି ମୁସଲିମ ବହୁଳ ଜିଲ୍ଲା ମଧ୍ୟ ଏହି ଅଂଚଳରେ ସାମିଲ ଅଛି । ଅତିତରେ ଭାଜପା ଏହି ଅଂଚଳରେ ସଫଳତା ପାଇପାରୁ ନଥିଲା । ଏହି ଜିଲ୍ଲା ଗୁଡିକରେ ହିନ୍ଦୁ ମୁସଲିମ ସଂଘର୍ଷ ଅଧିକ ଦେଖିବାକୁ ମିଳିଥାଏ । ସର୍ବାଧିକ କୃଷକ ଆତ୍ମହତ୍ୟା ଘଟଣା ମରଠାଓ୍ୱାଡା ଅଂଚଳରେ ଘଟିଛି । ସରକାର ବିରୋଧୀ ହାଓ୍ୱା ଏହି ଅଂଚଳକୁ ଅଧିକ ପ୍ରଭାବିତ କରିଥିଲା । ସମସ୍ତେ ଆକଳନ କରିଥିଲେଯେ ମରଠାଓ୍ୱାଡା ଅଂଚଳରେ ମହାଜ୍ୟୋତି ଗଟବନ୍ଧନ ଶୋଚନୀୟ ପରାଜୟ ବରଣ କରିବ । ଏଭଳି ବିପରୀତ ପରିସ୍ଥିତିରେ ବି ମହାଜ୍ୟୋତି ଗଟବନ୍ଧନ ମରଠାଓ୍ୱାଡାକୁ ଜିତି ନେଇଛି । ମହାଜ୍ୟୋତି ଗଟବନ୍ଧନ ପାଇଁ ସବୁଠାରୁ ଦୁର୍ବଳ ଅଂଚଳରେ ୪୬ ଆସନରୁ ୪୦ ଆସନ ଜିତିବାରେ ସଫଳ ହୋଇଛି । ନିର୍ବାଚନ ବିଜୟ ପଛରେ ସବୁଠାରୁ ବଡ କାହାଣୀ ହେଉଛି ସାମାଜିକ ସୁରକ୍ଷା । ମହାରାଷ୍ଟ୍ର ଜନତାଙ୍କୁ ମତଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ନାରା 'ଏକ ରହିବତ ସୁରକ୍ଷିତ ରହିବ' ଓ ଯୋଗିଜୀଙ୍କ ନାରା ' ବଂଟେଙ୍ଗେ ତୋ କଟେଙ୍ଗେ' ଅଧିକ ପ୍ରଭାବିତ କରିଛି । ଏହି ନାରାକୁ ଅଜିତ ପାଓ୍ୱାର ଦୃଢ ବିରୋଧ କରିଥିଲେ, ସେଥିପାଇଁ ମହାଜ୍ୟୋତି ଗଟବନ୍ଧନରେ ତାଙ୍କର ସଫଳତା ହାର ସବୁଠାରୁ କମ । ନିଜର ଆସନ ସଂଖ୍ୟା ୪୦ ରୁ ମାତ୍ର ଗୋଟିଏ ଆସନ ବୃଦ୍ଧି କରି ୪୧ପହଁଚିଛନ୍ତି । ସାମାଜିକ ସୁରକ୍ଷା ଠାରୁ ଚିରାଚରିତ ତୃଷ୍ଟୀକରଣ ଉପରେ ଅଧିକ ଭରସା କରିଥିଲେ ଅଜିତ ପାଓ୍ୱାର । ମହାରାଷ୍ଟ୍ରରେ ଏହି ନାରାର କୌଣସି ପ୍ରଭାବ ନାହିଁ ବୋଲି ସର୍ବସାଧାରଣରେ ମତବ୍ୟକ୍ତ କରିଥିଲେ । ଏହି ଜନପ୍ରିୟ ନାରାକୁ ନେଇ ଏକନାଥ ସିନ୍ଧେ ନିରବ ରହିଥିଲେ । ଏପରି କୁହାଯାଇପାରିବ ନିରବରେ ସମର୍ଥନ କରିଥିଲେ । ତାଙ୍କର ଆସନ ସଂଖ୍ୟା ୪୦ ରୁ ଆଗକୁ ବଢ଼ି ୫୭ ହୋଇଗଲା । ଅର୍ଥାତ ୧୭ ଆସନ ବୃଦ୍ଧି କରିବାରେ ତାଙ୍କ ଦଳ ସମର୍ଥ ହୋଇଗଲା । ତାଙ୍କୁ ଭଲ ଭାବରେ ଜଣାଥିଲା ମହାରାଷ୍ଟ୍ରରେ ସାମାଜିକ ସୁରକ୍ଷା ଅନ୍ୟାନ୍ୟ ବିଷୟ ଭିତରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିଷୟ । ଦେବେନ୍ଦ୍ର ଫର୍ଣ୍ଣାବିଶ ତାଙ୍କ ଭାଷଣରେ ଏହି ନାରାକୁ ଜୋରଦାର ସମର୍ଥନ କରିଥିଲେ । ତାଙ୍କର ଆସନ ସଂଖ୍ୟା ୧୦୬ ରୁ ୧୩୨ ହୋଇଗଲା । ୧,୧୭ ଓ ୨୬ ଆସନ ବୃଦ୍ଧିର ଗଣିତ ଏହି ଜନପ୍ରିୟ ନାରା ଭିତରେ ଅଛି । ଏହି ନାରା ହରିୟାନା ନିର୍ବାଚନରେ ତାର ଯାଦୁ ଦେଖେଇ ସାରିଥିଲା । ଏବେ ମହାରାଷ୍ଟ୍ର ନିର୍ବାଚନରେ ପୁଣିଥରେ ନିଜର ଶକ୍ତିକୁ ପ୍ରମାଣିତ କରିଦେଲା । ପ୍ରଧାନମନ୍ତ୍ରୀ ତାଙ୍କର ଭାଜପା କାର୍ଯ୍ୟାଳୟରେ ଦେଇଥିବା ଭାଷଣରେ ମହାରାଷ୍ଟ୍ର ନିର୍ବାଚନରେ ଏହି ନାରାର ପ୍ରଭାବକୁ ଉଲ୍ଲେଖ କରିଛନ୍ତି । କଂଗ୍ରେସ ଗଟବନ୍ଧନ ଲୋକସଭା ନିର୍ବାଚନରେ ଧରିଥିବା ପୁରୁଣା ଅସ୍ତ୍ର ସମ୍ବିଧାନ ବଂଚାଅ ଓ ସରଂକ୍ଷଣ ବଂଚାଅ ନାରାରେ ସୀମିତ ରହିଗଲା । ରାହୁଲ ଗାନ୍ଧୀ ସମ୍ବିଧାନର ଖାଲି କପି ଧରି ମଂଚରେ ଭାଷଣ ଦେବା ପାଇଁ ବାହାରି ପଡିଲେ । ତାଙ୍କ ଭାଷଣରେ ସାମାଜିକ ସୁରକ୍ଷା ସ୍ଥାନ ପାଇପାରିଲା ନାହିଁ । ଅନ୍ୟ ଦିଗରେ କଂଗ୍ରେସ ଦଳ ମୋଦି ଓ ଯୋଗୀଙ୍କ ସାମାଜିକ ସୁରକ୍ଷାର ନାରାକୁ ସମାଲୋଚନା କରିବା ଆରମ୍ଭ କଲା । ଜାତି ଜନଗଣନା ଓ ସାମାଜିକ ବିଭାଜନ ନିର୍ବାଚନ ଭାଷଣରେ ସ୍ଥାନ ପାଇଲା । ଏପରି ପରିବେଶ ଭିତରେ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ଅତୀତରେ ଦିଆଯାଇଥିବା ଭାଷଣ ଲୋକଙ୍କ ଭିତରେ ଅଧିକ ସଚେତନତା ଆଣିଦେଲା । ପୂର୍ବରୁ ତାଙ୍କ ଭାଷଣରେ ସେ କହିଥିଲେ ଯେ ରଜାକାର ମାନେ ତାଙ୍କ ବାପା ଓ ଭଉଣୀଙ୍କୁ ନିର୍ମମ ହତ୍ୟା କରିଛନ୍ତି । ଦେଶ ବିଭାଜନ ପରେ ହାଇଦ୍ରାବାଦ ମିଶ୍ରଣ ସମୟରେ ନିଜାମଙ୍କ ମୁସଲିମ ସେନା(ରଜାକାର)ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ । ସେହି ଅତ୍ୟାଚାର ଭିତରେ ତାଙ୍କ ପରିବାରର ହତ୍ୟା ହୋଇଯାଇଥିଲା । ତାଙ୍କ ପରିବାରର ସଂଘର୍ଷ ଓ ଅସୁରକ୍ଷିତ ଅବସ୍ଥାର ଲୋମହର୍ଷଣକାରୀ ଭାଷଣ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିଲା ।

# ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର

ବ୍ରାଜିଲର ରାଜଧାନୀ ରିଓ ଡେ ଜେନେରୋର ଆଧୁନିକ ଚିତ୍ରକଳା ସଂଗ୍ରହାଳୟଠାରେ ଜି ୨୦ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କର ୧୯ଶ ବୈଠକ ନଭେମ୍ବର ୧୮-୧୯ ଦୁଇଦିନଧରି ନିକଟରେ ଅନୁଷ୍ଠିତ ହୋଇଯାଇଛି । ବ୍ରାଜିଲରେ ଜି ୨୦ ବୈଠକ ଆୟୋଜନ ହେବା ଏହା ପ୍ରଥମ ଥିଲା । ୨୦୨୩ରେ ଆଫ୍ରିକୀୟ ସଂଘକୁ ସାମିଲ କରାଯିବା ପରେ ଏହାର ସଦସ୍ୟତା ସଂଖ୍ୟା ୨୧କୁ ବୃଦ୍ଧି ପାଇଥିଲେ ମଧ୍ୟ ଗୋଷ୍ଠୀର ନାମ ପରିବ□ନ କରାଯାଇନାହିଁ । ଚଳିତବର୍ଷର ଆଲୋଚନାରେ ଜି ୨୦ଗୋଷ୍ଠୀର ସଦସ୍ୟରାଷ୍ଟ୍ରମାନଙ୍କ ଛଡା ଆଙ୍ଗୋଲା, ମାଲି, ଇଜିପ୍ଟ, ମାଲେସିଆ, ଇରାନ ଓ ସିଙ୍ଗାପୁର ନିମନ୍ତ୍ରିତ ରାଷ୍ଟ୍ରଭାବେ ଯୋଗଦାନ କରିଥିଲେ । ଆନ୍ତର୍ଜାତିକ ଅନୁଷ୍ଠାନ ମଧ୍ୟରେ ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘ, ବିଶ୍ୱ ଶ୍ରମିକ ସଂଗଠନ ବିଶ୍ୱ ବିକାଶ ବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ୟୁନେସ୍କୋ ସମେତ ଅନ୍ୟାନ୍ୟ ସଂସ୍ଥାର ୧୫ଜଣ ମୁଖ୍ୟମାନେ ମଧ୍ୟ ଯୋଗ ଦେଇଥିଲେ । ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଦା ସିଲ୍‌ଭା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଗତବର୍ଷ ୨୦୨୩ରେ ଭାରତର ନୂଆଦିଲ୍ଲୀଠାରେ ଜି୨୦ର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ୧ ଡିସେମ୍ବର ୨୦୨୩ରେ ଜି୨୦ର ଅଧ୍ୟକ୍ଷତା ଦାୟିତ୍ୱ ବ୍ରାଜିଲ ରାଷ୍ଟ୍ରପତି ଲୁଇସ ଇନାସିଓ ଦା ସିଲ୍‌ଭା ବିଧିବଦ୍ଧ ଭାବେ ଗ୍ରହଣ କରିଥିଲେ । ନିରନ୍ତର ବିକାଶଶୀଳ ଜଗତ ନିର୍ମାଣ ଥିଲା ତାଙ୍କର ବିଚାର । ଯାହାକୁ ସେ ଆଗକୁ ନେବାକୁ ଯାଇ 'ଭୋକର ଭୂଗୋଳ ଓ ଦାରିଦ୍ର୍ୟର ମାନଚିତ୍ର' ବଦଳାଇବାକୁ ଆହ୍ୱାନ ଦେଇଛନ୍ତି । ୨୦୨୪ର ଜି୨୦ ବୈଠକ ପାଇଁ ବ୍ରାଜିଲ ପକ୍ଷରୁ ତିନୋଟି ବିଷୟକୁ ରଖାଯାଇଥିଲା- (୧) ଅନାହାର ବିରୋଧୀ ସଂଗ୍ରାମରେ ସମାଜକୁ ସଂପୃକ୍ତ କରିବା, (୨) ଶକ୍ତିର ସଂକଟ ଓ ନିରନ୍ତର ସାମାଜିକ, ଆର୍ଥିକ ଏବଂ ପରିବେଶଗତ ବିକାଶ, (୩) ଜାତିସଂଘ ପରି ବିଶ୍ୱ ସଂଗଠନ ଗୁଡିକରେ ସଂସ୍କାର । ବ୍ରାଜିଲ ରାଷ୍ଟ୍ରପତି ଲୁଲା ୧୦ ସେପ୍ଟେମ୍ବର ୨୦୨୩ରେ ଭାରତରେ ଜି ୨୦ ରାଷ୍ଟ୍ରଗୋଷ୍ଠୀର ଆଲୋଚନାରେ ଅଂଶଗ୍ରହଣ କରି ଜଳବାୟୁ ପରିବ□ନ ପାଇଁ ଆନ୍ତର୍ଜାତିକ ସ୍ତରରେ କାର୍ଯ୍ୟଗୋଷ୍ଠୀ ଗଠନ ଲାଗି ଆହ୍ୱାନ ଦେଇଥିଲେ । ଜଳବାୟୁ ପରିବ□ନ ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ଅସମାନତା ହ୍ରାସ ପାଇଁ ପଦକ୍ଷେପ ନେବାକୁ ସେ କହିଥିଲେ । ଆନ୍ତର୍ଜାତିକ ସ୍ତରର ସଂଗଠନଗୁଡିକର ସମନ୍ୱିତ ସଂସ୍କାର ଅଣାଯିବା ସଂକ୍ରାନ୍ତରେ ଲୁଲା ଗୁରୁତ୍ୱାରୋପ କରିଥିଲେ । ବିଶ୍ୱବ୍ୟାଙ୍କ, ବିଶ୍ୱ ମୁଦ୍ରା ପାଣ୍ଠି, ବିଶ୍ୱ ବାଣିଜ୍ୟ ସଂଗଠନ, ଜାତିସଂଘର ସୁରକ୍ଷା ପରିଷଦରେ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତିନିଧି ସଂଖ୍ୟା ବୃଦ୍ଧି କରିବା, ବିଶ୍ୱ ପଟଳରେ ଦକ୍ଷିଣ ବିଶ୍ୱର ପ୍ରଭାବ ବୃଦ୍ଧି କରାଯିବା ଲାଗି ଉଲ୍ଲେଖ କରିଥିଲେ । ପ୍ରଥମ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ସିଭିଲ ସୋସାଇଟୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଶିଖର ବୈଠକ ନିମି□ ସେମାନଙ୍କ ପରାମର୍ଶ ପାଇଁ ଆହ୍ୱାନ ଦେଇଥିଲେ । ତଦନୁଯାୟୀ ୨୪ ଜୁଲାଇ ୨୦୨୪ରେ ବ୍ରାଜିଲ ସରକାରଙ୍କ ଦ୍ୱାରା କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ଆନ୍ତର୍ଜାତିକ ମେ□ ଗଠନ ନିମନ୍ତେ ପ୍ରସ୍ତାବ ପ୍ରସ୍ତୁତ କରିଥିଲେ । ୨୦୨୪ନଭେମ୍ବର ଆଲୋଚନା କାଳରେ ସେହି ପ୍ରସ୍ତାବପତ୍ରରେ ସଂଶୋଧନ ଆଣିବାକୁ କୁହାଯାଇଥିଲା । ବ୍ରାଜିଲ ସରକାର ଜି୨୦ ବୈଠକକୁ ଦେଶର ୧୫ଟି ସହରରେ ପହ□ାଇବା ସହ କାର୍ଯ୍ୟକ୍ରମ ଆୟୋଜନ ନିମି□ ୬୦ ମିଲିଅନ ଡଲାର ପ୍ରଦାନ କରିଥିଲେ । ୨୧-୨୨ ଫେବୃଆରୀ ୨୦୨୪ରେ ଦେଶରେ ଅନୁଷ୍ଠିତ ଜି୨୦ ରାଷ୍ଟ୍ରସମୂହର ବୈଦେଶିକ ମନ୍ତ୍ରୀମାନଙ୍କ କାର୍ଯ୍ୟକ୍ରମ ଲାଗି ସରକାର ପ୍ରାୟ ୧୨୦୦ ସେନା ଯବାନ ଓ ଅଧିକାରୀ, ପୋଲିସ ଅଧିକାରୀଙ୍କୁ ମୁତୟନ କରିଥିଲେ । ଆଲୋଚନାସ୍ଥଳୀ ଥିବା ଆଧୁନିକ କଳା ସଂଗ୍ରହାଳୟ (ରିଓ) ଠାରେ ଅଧିକ ନିର୍ମାଣ ପାଇଁ ପ୍ରାୟ ୭.୬ ମିଲିଅନ ଆମେରିକା ଡଲାର ଖର୍ଚ୍ଚ କରିଥିଲେ । ଏପ୍ରିଲ ମାସରେ ସୁରକ୍ଷା ପାଇଁ ମକଡ୍ରିଲ କରାଯାଇଥିଲା । ସା□ୋସ ଡୁମ□ ବିମାନବନ୍ଦରକୁ ବନ୍ଦ ରଖିବାକୁ ନିଷ୍ପ□ି ନିଆଯାଇଥିଲା । ବ୍ରାଜିଲର ବାୟୁସେନା ଆକାଶମାର୍ଗରୁ ସୁରକ୍ଷା ଦେବାକୁ ନିଯୁକ୍ତ ହେବେ ବୋଲି କୁହାଯାଇଥିଲା । ଆଲୋଚନା ପାଇଁ ସରକାର ପ୍ରାୟ ୨୦ ହଜାର ସୁରକ୍ଷାକର୍ମୀ, ପୋଲିସ ଓ ଯବାନଙ୍କୁ ମୁତୟନ କରିଥିଲେ । ସେମାନେ ୮ଟି କେନ୍ଦ୍ରରେ ସୁରକ୍ଷା ଦେବା ପାଇଁ ନିଯୁକ୍ତ ଥିଲେ । ବିଷୟ ଦୃଷ୍ଟିରୁ ରୁଷିଆ- ୟୁକ୍ରେନ ଯୁଦ୍ଧ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଗିରଫ କରାଯିବାଲାଗି ଆନ୍ତର୍ଜାତିକ ଅଦାଲତ ଗିରଫ ପରଓ୍ୱାନା ଜାରି କରିଥିଲା । ୯ ସେପ୍ଟେମ୍ବର ୨୦୨୩ ଦିନ ଲୁଲା କହିଥିଲେ ଯେ ପରବ□ୀ ବର୍ଷ ୨୦୨୪ରେ ପୁଟିନ ରିଓଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ଯୋଗଦାନ କରିପାରିବେ । କିନ୍ତୁ ବସ୍ତୁସ୍ଥିତି ସେପରି ନଥିଲା । ଡିସେମ୍ବର ୨୦୨୩ରେ ଲୁଲା କହିଲେ ଯେ ବ୍ରାଜିଲରେ ପୁଟିନ ଗିରଫ ହୋଇପାରନ୍ତି, କିନ୍ତୁ ଏହାର ନିଷ୍ପ□ି କେବଳ ବ୍ରାଜିଲର ସ୍ୱାଧୀନ ନ୍ୟାୟପାଳିକା ନେବ, ସରକାର ନୁହେଁ । ଫଳତଃ ୧୮ ଅକ୍ଟୋବର ୨୦୨୪ରେ ପୁଟିନ ନିଜ ଆଡୁ କହିଲେ, "ମୋ ଗସ୍ତ ଗୋଷ୍ଠୀର କାର୍ଯ୍ୟକୁ ବାଧା ପହ□ାଇବାର ସମ୍ଭାବନା ରହିଛି ।" ତେଣୁ ସେ ବୈଠକକୁ ନଆସିବାକୁ ନିଷ୍ପ□ି ନେଇ ବିଦେଶ ମନ୍ତ୍ରୀ ଲାଭାରୋଭଙ୍କୁ ପଠାଇଲେ । ସଂପ୍ରତି ବିଶ୍ୱ ଏକ ସନ୍ଧିକ୍ଷଣ ସମୟ ଦେଇ ଗତି କରୁଛି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ହାରିଯିବା ପରେ ଡେମୋକ୍ରାଟ ଦଳର ପ୍ରାର୍ଥୀ ଜୋ ବାଇଡେନ ରିପବ୍ଲିକାନ ଦଳର ଟ୍ରମ୍ପ ସରକାର କ୍ଷମତା ଗ୍ରହଣ କରିବା ପୂର୍ବରୁ ଚତୁର୍ଦ୍ଦିଗରେ ବ୍ୟାପକ ଅସ୍ଥିରତା ସୃଷ୍ଟି କରିବା ଉଦ୍ୟମ ଆରମ୍ଭ କରିଛନ୍ତି । ୟୁକ୍ରେନକୁ ରୁଷିଆର ମସ୍କୋକୁ ରକେଟମାଡ କରିବାଲାଗି ବାଇଡେନ କ୍ଷେପଣାସ୍ତ୍ର ପ୍ରଦାନ କରିଛନ୍ତି । ଏଣେ ଭାରତ ବିରୋଧରେ ନୂତନ ମୋର୍ଚ୍ଚା ଖୋଲିବା ଲାଗି ନିଜ ଇକୋସିଷ୍ଟମକୁ ସକ୍ରୀୟ କରି ଦେଇଛନ୍ତି । ଯାହାର ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି । ବାଇଡେନଙ୍କ ସିଷ୍ଟମ୍ସ ଭାବେ ଭାରତରେ କାର୍ଯ୍ୟରତ ରାହୁଲ ଗାନ୍ଧି ମଧ୍ୟ ଆମେରିକା ତାଳରେ ନାଚିବା ଆରମ୍ଭ କରିଦେଇଛନ୍ତି । ଆଦାନୀଙ୍କ ବିରୁଦ୍ଧରେ ଅତୀତରେ ଆମେରିକାରେ ଅଭିଯୋଗ ଉଠିଥିଲା, ଯାହାପରେ ମିଛ ବୋଲି ଜଣାପଡିଲା । ଏବେ ମଧ୍ୟ ଠିକ୍ ସେମିତି ନୂଆ ଅଭିଯୋଗ ଉଠିଛି । ଆଉ ସେମାନଙ୍କ ଦଳରେ ଭାରତର କଂଗ୍ରେସ ଦଳ ମଧ୍ୟ ଅଭିଯୋଗ ଆଣି ନାଚିବାରେ ଲାଗିଛି ଲେଫ୍ଟ ଲିବରାଲ-ଇସଲାମିଷ୍ଟ ସିଷ୍ଟମ ଆମେରିକାରେ ଦୁର୍ବଳ ହେଲାପରି ଭାରତରେ ଏହି ସିଷ୍ଟମ୍ସ ଭାବେ ପରିଚିତ କଂଗ୍ରେସ ଦଳ ମଧ୍ୟ ସମାନ ଢଙ୍ଗରେ ଦୁର୍ବଳ ହେଲାବେଳେ ଦଙ୍ଗା, ଜଳାପୋଡା, ମିଛ ଅଭିଯୋଗ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରିବାକୁ ଲାଗିପଡିଛି । ତେଣୁ ଜି ୨୦ ବୈଠକରେ ଯୋଗ ଦେଇଥିବା ଭାରତ ମଧ୍ୟ ଆମେରିକାର ଇକୋ ସିଷ୍ଟମ୍ସ ପ୍ରତି ସତର୍କ ରହି କାର୍ଯ୍ୟ କରୁଛି । ନିକଟରେ ବଙ୍ଗଳାଦେଶ କ୍ଷମତା ପରିବ□ନରେ ସଫଳ ହୋଇଥିବା ବାଇଡେନ ପ୍ରଶାସନ ଭାରତରେ କ୍ଷମତା ପରିବ□ନ କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲା । ସାହିନବାଗର ଦଙ୍ଗା, ସିଙ୍ଘୁ ସୀମାରେ କୃଷକଙ୍କ ଧାରଣା, ପଞ୍ଜାବରେ ଖାଲିସ୍ଥାନରେ ଅଭ୍ୟୁଦୟ, ତାମିଲନାଡୁ ଓ କର୍ଣ୍ଣାଟକରେ ଭାରତ ବିରୋଧୀ ଆଭିମୁଖ୍ୟ, କେରଳରେ ଦେଶ ବିରୋଧୀ ନୀତି ଗ୍ରହଣ ଆଦି ଏହାର କାରଣ । ତେଣୁ ଜି ୨୦ ବୈଠକ କାଳରେ ଭାରତ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଛି । ଖାଲିସ୍ଥାନୀ ସନ୍ତ୍ରାସବାଦୀଙ୍କୁ ସମର୍ଥନ ଦେଉଥିବା କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କୁ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱ ଦେଇ ନଥିଲେ । ଅପରପକ୍ଷେ ସେ ବୈଠକର ସୁଯୋଗରେ ଅନେକ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏହି ଅବସରରେ ବ୍ରାଜିଲ ଦ୍ୱାରା ଗଠିତ କ୍ଷୁଧା ଓ ଦାରିଦ୍ର୍ୟ ବିରୋଧୀ ବିଶ୍ୱ ମେ□ରେ ୧୪୭ତମ ସଦସ୍ୟ ଭାବେ ଭାରତ ଯୋଗଦାନ କରିଥିଲା । ଦ୍ୱିପାକ୍ଷିକ ଆଲୋଚନା ବେଳେ ବ୍ରାଜିଲ ଭାରତକୁ ନିଜ ପ୍ରତିରକ୍ଷା ପରିବହନ ବିମାନ ଦେଇ ଭାରତରୁ ତେଜସ ଯୁଦ୍ଧ ବିମାନ ପାଇବାକୁ ଇଚ୍ଛାପ୍ରକାଶ କରିଥିଲା । ଏହା ବସ୍ତୁ ବଦଳରେ ବସ୍ତୁ ପ୍ରଦାନ ଢା□ାରେ ହେବ ବୋଲି କହିଥିଲା । ଭାରତ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିବାକୁ ହେବ । କାରଣ ତେଜସ ଯୁଦ୍ଧ ବିମାନର ଅନେକ ପ୍ରଶଂସା ଅତୀତରେ ଶୁଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଣେ ଗ୍ରାହକ ପାଇବା କଷ୍ଟକର ହୋଇଛି । ବ୍ରାଜିଲ ଯଦି ତେଜସ ନେବାକୁ ସକ୍ଷମ ହୁଏ ତେବେ ସେ ଭାରତର ପ୍ରଥମ ଯୁଦ୍ଧବିମାନ ଗ୍ରାହକ ହେବ, ଯାହା ରହୁଁଛି । ଏହି ଶିଖର ଆଲୋଚନାରେ ଜି୨୦ର ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଆର୍ଜେ□ନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚୀନ, ଜର୍ମାନୀ, ଫ୍ରାନ୍ସ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା, ବ୍ରାଜିଲ ଆଦି ରାଷ୍ଟ୍ରର ମୁଖ୍ୟ କିମ୍ବା ପ୍ରତିନିଧି ଯୋଗଦାନ କରିଥିଲେ । ତେବେ ଜି ୨୦ ବୈଠକକୁ ସଫଳ କରିବାଲାଗି ପ୍ରୟାସ ଗତବର୍ଷରୁ ଆରମ୍ଭ ହୋଇଥିଲା । ୧ ଡିସେମ୍ବର ୨୦୨୩ରେ ବ୍ରାଜିଲ ହାତକୁ ଏହାର ଅଧ୍ୟକ୍ଷତା ଆସିଲା ପରେ ଲୁଲା ଦା ସିଲଭା ଅତି ସଫଳତାର ସହ ପରିଚାଳନା କରିଥିଲେ । ୨୧-୨୨ ଫେବୃଆରୀ ୨୦୨୪ରେ ଜି୨୦ ବିଦେଶମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା । ୨୮-୨୯ଫେବୃଆରୀ ୨୦୨୪ରେ ସାଓ ପାଓଲୋ ସହରରେ ଜି ୨୦ ସଦସ୍ୟ ରାଷ୍ଟ୍ରଗୁଡିକର କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ଏକ ବୈଠକ ହୋଇଥିଲା । ୧୩ମାର୍ଚ୍ଚ ୨୦୨୪ରେ ଜି୨୦ ସଦସ୍ୟ ରାଷ୍ଟ୍ରମାନଙ୍କ ସ୍ୱାସ୍ଥ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ଆଭାସୀ ବ୍ୟବସ୍ଥାରେ ହୋଇଥିଲା । ନିସିଆ ତ୍ରିନିଦାଦେଙ୍କ ଅଧ୍ୟକ୍ଷତାରେ ଜି୨୦ ସ୍ୱାସ୍ଥ୍ୟ କାର୍ଯ୍ୟ ଗୋଷ୍ଠୀ ଆଲୋଚନା ହୋଇଥିଲା । ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମହାମାରୀ ସମସ୍ୟା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଟେକ୍ନୋଲୋଜି ସବୁ ରାଷ୍ଟ୍ରଙ୍କୁ ଦେବା ଉପରେ ଜୋର ଦିଆଯାଇଥିଲା । ୨୨-୨୩ ଜୁଲାଇ ୨୦୨୪ରେ ରିଓ ଡି ଜେନେରୋଠାରେ ବିକାଶମନ୍ତ୍ରୀମାନଙ୍କ ବୈଠକ ହୋଇଥିଲା । ୨୫-୨୬ ଜୁଲାଇରେ ରିଓଠାରେ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣରମାନଙ୍କର ବୈଠକ ହୋଇଥିଲା, ଯେଉଁଥିରେ ଆନ୍ତର୍ଜାତିକ ଟିକସ ସହାୟତା ପାଇଁ ଆଲୋଚନା ହୋଇଥିଲା । ସେମିତି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀସ୍ତରିୟ ବୈଠକରେ କାର୍ଯ୍ୟକ୍ଷେତ୍ରରେ ଥିବା ଅସମାନତାକୁ ହ୍ରାସ କରାଯିବା ଲାଗି ସ୍ଥିର ହୋଇଥିଲା । କାର୍ଯ୍ୟ କ୍ଷେତ୍ରରେ ଶ୍ରମିକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦେବାଲାଗି କୁହାଯାଇଥିଲା । ୧୨-୧୩ ସେପ୍ଟେମ୍ବର ୨୦୨୪ରେ ମାଟୋ ଗ୍ରୋସୋ ରାଜ୍ୟରେ ଜି୨୦ କୃଷିମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ୧୯ ସେପ୍ଟେମ୍ବର ୨୦୨୪ରେ ମନାଉସଠାରେ ନବସର୍ଜନ ଓ ଗବେଷଣା ପାଇଁ ମନ୍ତ୍ରିସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା । ଏଠାରେ ବିବିଧତା, ସମାନତା, ଗ୍ରହଣଶୀଳତାକୁ ବିଜ୍ଞାନ,ବୈଷୟିକଜ୍ଞାନ ଓ ନବସର୍ଜନ ସହ ସମ୍ମିଶ୍ରଣ କରାଯିବାଲାଗି ମତପ୍ରକାଶ ପାଇଥିଲା । ୨୧ ସେପ୍ଟେମ୍ବର ୨୦୨୪ରେ ବେଲେମଠାରେ ଜି୨୦ ପର୍ଯ୍ୟଟନ ମନ୍ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ଯୋଗ୍ୟତା ପଦକ୍ଷେପ ଓ ବୈଷୟିକ ପ୍ରଶିକ୍ଷଣ ଉପରେ ଜୋରଦେବାକୁ ମତ ଉଠିଥିଲା । ୨୭ ସେପ୍ଟେମ୍ବର ୨୦୨୪ରେ ଜି୨୦ ଅର୍ଥ ଓ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କର ମିଳିତ ବୈଠକ ଏମ୍‌ପକ୍ସର ମୁକାବିଲା ପାଇଁ ହୋଇଥିଲା । ରିଓ ଡି ଜେନେରୋଠାରେ ୩ ଅକ୍ଟୋବର ୨୦୨୪ରେ ଜଳବାୟୁ ଓ ପରିବେଶ ମନ୍ତ୍ରୀମାନଙ୍କର ବୈଠକ ହୋଇଥିଲା । ୪ ଅକ୍ଟୋବର ୨୦୨୪ରେ ଫୋଜ୍ ଡୁ ଇଗନାକୁଠାରେ ଶକ୍ତି ମନ୍ତ୍ରୀମାନଙ୍କର ବୈଠକରେ ଶୁଦ୍ଧ, ସ୍ଥାୟୀ ସହଜରେ ଉପଲବ୍ଧ ଶକ୍ତିର ଯୋଗାଣ ଦରିଦ୍ର ଲୋକମାନଙ୍କୁ କରାଯିବା ଦରକାର ବୋଲି ମତପ୍ରକାଶ ପାଇଥିଲା । ୧୦ ଅକ୍ଟୋବର ୨୦୨୪ରେ ବ୍ରାସିଲିଆଠାରେ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା ହୋଇଥିଲା ।

**ସୌମେନ୍ଦ୍ର ଜେନା**
**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# ମହାକାନ୍ତାର, ତ୍ରିକଳିଙ୍ଗ, କାରୁଣ୍ଡ ମଣ୍ଡଳ, ଇନ୍ଦ୍ରବନ, ଚକ୍ରକୋଟ ମଣ୍ଡଳ ରୁ ଆଧୁନିକ କଳାହାଣ୍ଡି

କଳା ରେ ଭରପୁର ହାଣ୍ଡି ଏବଂ କଳା ହାଣ୍ଡି ଭଳି କଳାହାଣ୍ଡି ପାଇଁ ଅନେକ ବ୍ୟାଖ୍ୟା ହେଉଥିବା ବେଳେ ମହାକାନ୍ତାର, ତ୍ରିକଳିଙ୍ଗ, କାରୁଣ୍ଡ ମଣ୍ଡଳ, ଇନ୍ଦ୍ରବନ, ଚକ୍ରକୋଟ ମଣ୍ଡଳ ଭଳି ଅନେକ ନାମ ରୁ ଆଧୁନିକ କଳାହାଣ୍ଡି ର ନାମ କରଣ ହୋଇଥିବାର ଇତିହାସ ପୃଷ୍ଠଭୂମି ରହିଛି । ଅଠର ଗଡ ର ରାଜ୍ୟ ଥିଲା କଳାହାଣ୍ଡି । କଳାହାଣ୍ଡି ଜିଲ୍ଲା ଗଠନ ୧୯୪୯ ମସିହା ୧ ତାରିଖ ଦିନ ହୋଇଥିବା ବେଳେ ପୂର୍ବରୁ ଏହା କଳାହାଣ୍ଡି ଗଡଜାତ ରାଜ୍ୟ ଭାବେ ପରିଗଣିତ ହେଉଥିଲା । ସମଗ୍ର ଓଡ଼ିଶାର ୨୭ ଗୋଟି ଗଡଜାତ ମଧ୍ୟରୁ କଳାହାଣ୍ଡି ଗଡଜାତ ଅନ୍ୟତମ ରାଜ୍ୟ । କଳାହାଣ୍ଡି ର ତତ୍କାଳୀନ ମହାରାଜା ହିଁ ଓଡ଼ିଶାର ଶେଷ ରାଜା ଯିଏ କି ଭାରତ ବର୍ଷରେ ବିଲୀନ ହେବା ପାଇଁ ସବା ଶେଷରେ କଟକ ଠାରେ ସ୍ୱାକ୍ଷରିତ କରିଥିଲେ । ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାପଡେ ଯେ, କଳାହାଣ୍ଡି ରାଜ୍ୟ ୧ ନଭେମ୍ବର ୧୯୪୮ ରେ ଭାରତ ବର୍ଷରେ ମିଶ୍ରଣ ହେବା ପରେ ସମ୍ବଲପୁର ଜିଲ୍ଲା ଅଧୀନ ରେ ଥିବା ନୂଆପଡ଼ା ଉପଖଣ୍ଡ କୁ କଳାହାଣ୍ଡି ରେ ମିଶ୍ରଣ କରି ଓଡ଼ିଶା ସରକାରଙ୍କ ଅଧୀନରେ ନୂତନ କଳାହାଣ୍ଡି ଜିଲ୍ଲା ଭାବେ ଘୋଷଣା କରାଯାଇଥିଲା । ସେତେବେଳେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ର ଧର୍ମଗଡ ଉପଖଣ୍ଡ, ଭବାନୀପାଟଣା ଉପଖଣ୍ଡ ଏବଂ କାଶୀପୁର ବ୍ଲକ ଥିଲା ଏବଂ ସେଥିରେ ନୂଆପଡ଼ା ଉପଖଣ୍ଡ ସାମିଲ ହୋଇ ଏକ ବୃହତ କଳାହାଣ୍ଡି ଜିଲ୍ଲା ୧ ନଭେମ୍ବର ୧୯୪୮ ଗଠନ ହେଲା । ସେହି ଦିନ ଠାରୁ ନଭେମ୍ବର ୧ ତାରିଖ କୁ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି । ଅବଶ୍ୟ ପ୍ରଶାସନିକ ସୁବିଧା ଦୃଷ୍ଟିକୋଣରୁ ୧୯୬୭ ମସିହାରେ କାଶୀପୁର ବ୍ଲକ କୁ କୋରାପୁଟ ଜିଲ୍ଲା ର ରାୟଗଡା ଉପଖଣ୍ଡ ରେ ସାମିଲ କରାଯାଇଥିବା ବେଳେ ୧୯୯୩ ମସିହାରେ ନୂଆପଡ଼ା ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରାଯାଇଛି । ଅର୍ଥାତ ୧୯୪୮ ମସିହାରେ କଳାହାଣ୍ଡି ଜିଲ୍ଲା ର ଯେଉ ପରିସୀମା ଥିଲା ଆଜି ତାହା ଆଉ ନାହି । କଳାହାଣ୍ଡି ଆଜିମଧ୍ୟ ରତ୍ନଗର୍ଭା । ଚାଷ ରେ ଉନ୍ନତ ଥିବା ବେଳେ ବଙ୍ଗ ଦୁର୍ଭିକ୍ଷ ସମୟରେ କଳାହାଣ୍ଡି ରୁ ଏକ ଲକ୍ଷ ଟନ ଚାଉଳ ଯୋଗାଣ କରାଯାଇଥିବା ତଥ୍ୟ ରହିଛି । ସେହିପରି ଚାଷ କାର୍ଯ୍ୟ ରେ ଜଳସେଚନ ର ଉନ୍ନତି ପାଇଁ କଳାହାଣ୍ଡି ରେ ୧୯୩୦ ମସିହାରେ ଇନ୍ଦ୍ରାବତୀ ଜଳ ସେଚନ ଯୋଜନା ର ପରିକଳ୍ପନା କରାଯାଇଥିଲା ଯାହାକି ସ୍ୱାଧୀନତା ପରେ ୧୯୭୮ ରେ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିପାରିଥିଲା । ଏତେ ସମୃଦ୍ଧ ଥିଲେ ମଧ୍ୟ କଳାହାଣ୍ଡି ରେ ୧୯୬୭ ପରଠାରୁ ୧୯୮୦ ମଧ୍ୟରେ ବିଶେଷ କରି ନୂଆପଡ଼ା ଅଞ୍ଚଳରେ ଦୁର୍ଭିକ୍ଷ ହେବପରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଆଗମନ ହେବାପରେ ଏହି ଅଞ୍ଚଳ ର ବିକାଶ ପାଇଁ କେବିକେ ପ୍ରୋଜେକ୍ଟ ନାମରେ ଏକ ନୂତନ ଯୋଜନା ର ସୂତ୍ରପାତ ହୋଇଥିଲା । ସେଦିନର ଭୋକର ଭୂଗୋଳ କଳାହାଣ୍ଡି ଆଉ ନାହିଁ, ଆଜିର କଳାହାଣ୍ଡି ରାଜ୍ୟର ଦ୍ୱିତୀୟ ବୃହତ ଧାନ ଉତ୍ପାଦନକାରୀ ଜିଲ୍ଲା ଭାବେ ପରିଗଣିତ । ସେଦିନର କଳାହାଣ୍ଡି ଏବଂ ଆଜିର କଳାହାଣ୍ଡି ମଧ୍ୟ ରେ ଆକାଶ ପାତାଳ ଫରକ ଦେଖାଗଲାଣି । ଆଜି ର କଳାହାଣ୍ଡି ମାଟିରେ ଅନେକ ଜିଲ୍ଲା ଓ ରାଜ୍ୟର ଅନେକ ଲୋକ ଆସି ବସ ବାସ କଲେଣି, ଫଳତଃ ଏହାର ସାଂସ୍କୃତିକ, ସାମାଜିକ ଓ ପାରିବାରିକ ପରମ୍ପରା କ୍ରମଶଃ ବଦଳିବାରେ ଲାଗିଛି । କଳାହାଣ୍ଡି ଗଡଜାତ ରାଜ୍ୟ ବ୍ରିଟିଶ ଶାସନାଧୀନ ଥିବା ସମୟରେ କାରୁଣ୍ଡ ମଣ୍ଡଳ ନାମରେ ନାମିତ ଥିବା ସହିତ ଏହାର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀ ଅଟନ୍ତି । ରତ୍ନଗର୍ଭା କଳାହାଣ୍ଡି ରେ ଥିବା ମାଣିକ୍ୟ ର ଅଧୀଶ୍ୱରୀ ବୋଲି ଦେବୀଙ୍କ ନାମ ମାଣିକେଶ୍ୱରୀ ହୋଇଥିବା କୁହାଯାଏ । ଏସବୁ ସତ୍ୱେ କଳାହାଣ୍ଡି ର ଅସ୍ତିତ୍ୱ କୁ ବିଚାର କୁ ନେଲେ ଜୁନାଗଡ ର ଗୁରୁତ୍ୱ ରହିଛି । ଯଦିଓ ୧୦୦୫ ମସିହାରୁ କଳାହାଣ୍ଡି କୁ ନାଗ ବଂଶୀ ରାଜା ମାନେ ଶାସନ କରୁଥିଲେ ଏବଂ ସେମାନଙ୍କ ରାଜଧାନୀ ୧୮୪୯ ମସିହା ପର୍ଯ୍ୟନ୍ତ ଜୁନାଗଡ ରେ ହିଁ ଥିଲା । ବର୍ତ୍ତମାନ ର ଜୁନାଗଡ ସେ ସମୟରେ କଳାହାଣ୍ଡି ନଗର ନାମରେ ନାମିତ ଥିଲା । କଳାହାଣ୍ଡି ଅଧୀନରେ ଅଠର ଗୋଟି ଗଡ ଥିବାର ଜଣାଯାଏ । ସେହିପରି ଛଅ କୋଡି ବନ୍ଧ କୁ ନଅ କୋଟି ତୋଟା ର ନଗର ଥିଲା କଳାହାଣ୍ଡି ନଗର ବା ଆଧୁନିକ ଜୁନାଗଡ । କଳାହାଣ୍ଡି ର ଇତିହାସ ରେ ଜୁନାଗଡ ର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିବା ବେଳେ ୧୮୪୯ ମସିହାରେ ତତ୍କାଳୀନ ମହାରାଜା ଫତେ ନାରାୟଣ ଦେଓ ଙ୍କ ସମୟରେ କଳାହାଣ୍ଡି ନଗର ରୁ ଭୌମଦେବ ପାଟଣା ତଥା ଆଜିର ଭବାନୀପାଟଣା କୁ କଳାହାଣ୍ଡି ର ରାଜଧାନୀ କୁ ସ୍ଥାନାନ୍ତର କରାଗଲା ଏବଂ ମାଣିକେଶ୍ୱରୀ ଙ୍କୁ ଇଷ୍ଟ ଦେବୀ ଭାବେ ପୂଜା କରିବାକୁ ଲାଗିଲେ । ନବମ ଓ ଦଶମ ଶତାବ୍ଦୀ ମଧ୍ୟରେ କଳାହାଣ୍ଡି, କୋରାପୁଟ ଓ ବସ୍ତର ଅଞ୍ଚଳ କୁ ମିଶାଇ ତ୍ରିକଳିଙ୍ଗ ନାମରେ ନାମିତ କରାଯାଇଥିଲା । ଏହି ଅନୁସାରେ କଳାହାଣ୍ଡି ସେସମୟରେ ତ୍ରିକଳିଙ୍ଗ ର ଅଂଶ ବିଶେଷ ଥିଲା । ଏହାର କିଛି ସମୟ ପରେ କଳାହାଣ୍ଡି ଚକ୍ରକୋଟ ମଣ୍ଡଳ ମଧ୍ୟରେ ଥିବାର ମଧ୍ୟ କୁହାଯାଏ । ପଞ୍ଚମ ଶତାବ୍ଦୀ ରେ କଳାହାଣ୍ଡି ର ତେଲ ନଦୀ ଅବବାହିକା ଅଞ୍ଚଳ ରେ ପର୍ବତ ଦ୍ୱାରକା ନାମକ ରାଜ୍ୟ ସ୍ଥାପନ କରାଯାଇ ବର୍ତ୍ତମାନ ର ବେଲଖଣ୍ଡି ନିକଟରେ ତାଳଭମ୍ରକ ଠାରେ ରାଜଧାନୀ ସ୍ଥାପନ କରାଜିଥିବାର ବର୍ଣ୍ଣିତ ହୋଇଛି । ଚତୁର୍ଥ ଶତାବ୍ଦୀ ରେ କଳାହାଣ୍ଡି, କୋରାପୁଟ ଓ ବସ୍ତର ଅଞ୍ଚଳକୁ ମିଶାଇ ମହାକାନ୍ତାର ରାଜ୍ୟ ନାମରେ ଶାସନ କରାଯାଉଥିଲା । ସେ ସମୟରେ ଘଞ୍ଚ ଜଙ୍ଗଲ ଥିବା ଯୋଗୁ ଏହି ଅଞ୍ଚଳ ର ନାମ କାନ୍ତାର ବା ମହାକାନ୍ତାର ନାମରେ ନାମିତ ହୋଇଥିଲା । ସେ ସମୟରେ କଳିଙ୍ଗ ଓ ମହାକାନ୍ତାର ମଧ୍ୟରେ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିବାରେ ଅସୁର ଗଡ ପ୍ରମୁଖ ଭୂମିକା ନେଇଥିବା କୁହାଯାଏ । ପଞ୍ଚମ ଶତାବ୍ଦୀ ରେ କାନ୍ତାର ବା କଳାହାଣ୍ଡି ରେ ଜଗନ୍ନାଥ ସଂସ୍କୃତି ଆଧାର ରେ ସ୍ତମ୍ଭ ପୂଜାର ଅୟମାରମ୍ଭ କରାଯାଇଥିବା ବେଳେ ସ୍ତମ୍ଭେଶ୍ୱରୀ ଙ୍କ ସାଧନା ପାଇଁ ଅସୁର୍ଗଡ ରେ ପ୍ରଥମ ଇଟା ନିର୍ମିତ ମନ୍ଦିର ନିର୍ମାଣ କରାଯାଇଥିବା ଜଣାପଡିଛି । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ଆଟବିକ ଅଞ୍ଚଳ ନାମରେ ନାମିତ ଥିବା ବେଳେ ଅସୁର ଗଡ ର ଆଟବିକ ଯୋଦ୍ଧା ମାନେ କଳିଙ୍ଗ ଯୁଦ୍ଧରେ ସମ୍ରାଟ ଅଶୋକ ଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ଇତିହାସ ପୃଷ୍ଠା ରୁ ଜଣାପଡେ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ଇନ୍ଦ୍ରବନ ନାମରେ ନାମିତ ହୋଇଥିବା ଇତିହାସ ପୃଷ୍ଠା ରୁ ଜଣାପଡେ । ଏହି ଅଞ୍ଚଳ ଅନେକ ମୁଲ୍ୟବାନ ପଥର ରେ ଭରପୁର ଥିବା ହେତୁ ଏହି ଅଞ୍ଚଳକୁ ଇନ୍ଦ୍ରବନ ନାମରେ ନାମିତ କରାଯାଇଥିବା ଐତିହାସିକ ମାନେ ମତ ପ୍ରକାଶ କରିଥିବା କୁହାଯାଉଛି । କୌଟିଲ୍ୟ ହିଁ କଳାହାଣ୍ଡି ନଗର କୁ ଇନ୍ଦ୍ରବନ ନାମରେ ନାମିତ କରିଥିବା ଜଣାପଡେ । କୌଟିଲ୍ୟ ପ୍ରଣିତ ଅର୍ଥ ଶାସ୍ତ୍ର ରେ ବର୍ଣ୍ଣନା ଅନୁସାରେ ଇନ୍ଦ୍ରାବତୀ ନଦୀ ଓ ତେଲ ନଦୀ ର ମଧ୍ୟ ଭାଗ ଅଞ୍ଚଳ ହିଁ ଇନ୍ଦ୍ରବନ ହୋଇଥିବା ମତ ପ୍ରକାଶ ପାଉଥିବା ବେଳେ ଇନ୍ଦ୍ରବନ ଅନୁସାରେ ଇନ୍ଦ୍ରାବତୀ ନଦୀ ର ନାମ କରଣ ହୋଇଥିବା କୁହାଯାଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ରେ କଳାହାଣ୍ଡି ଅଞ୍ଚଳ ତିତିଲକ ଜନପଦ ନାମରେ ନାମିତ ହୋଇଥିବା ବେଳେ କଳାହାଣ୍ଡି ବିଭିନ୍ନ ସମୟରେ ବିଭିନ୍ନ ନାମରେ ନାମିତ ହୋଇ ଆସିଛି । କଳାହାଣ୍ଡି ର ଇତିହାସ କୁ ଅବଲୋକନ କଲେ ପ୍ରାକ୍ତନ କଳାହାଣ୍ଡି ନଗର ବା ଆଧୁନିକ ଜୁନାଗଡ ର ସ୍ୱତନ୍ତ୍ରତା ରହିଛି । ମନ୍ଦିର ମାଳିନି ସହର ଏହି ଜୁନାଗଡ ରେ ଅନେକ ଐତିହାସିକ ପୃଷ୍ଠ ଭୂମି ରହିଥିବା ବେଳେ ଜୁନାଗଡ ସହର ମଧ୍ୟରେ ଅନେକ ସତୀ ପଥର ସମେତ ବହୁ ପୁରାତନ ଭିତ୍ତିଭୂମି ରହିଛି । କଳାହାଣ୍ଡି ନଗର ରେ ଆଜି ମଧ୍ୟ ଇନ୍ଦ୍ରଖୁଣ୍ଟି ରହିଛି । ଏଠାରେ ସ୍ୱୟଂ ଦେବରାଜ ଇନ୍ଦ୍ର ଙ୍କୁ ଖୁଣ୍ଟ ରେ ବନ୍ଧା ଯାଇଥିବା ଜନଶ୍ରୁତି ରହିଛି । ତତ୍କାଳୀନ କଳାହାଣ୍ଡି ର ମହାରାଜା ଙ୍କ କଳାହାଣ୍ଡି ନଗର ସ୍ଥିତ ରାଜ ପ୍ରସାଦ ନିକଟ ବର୍ତ୍ତୀ କନକଦୁର୍ଗା ମନ୍ଦିର ପାର୍ଶ୍ୱରେ ଏହି ଇନ୍ଦ୍ରଖୁଣ୍ଟି ଥିବାର ଦେଖାଯାଏ । ଏପରିକି କଳାହାଣ୍ଡି ନଗର ରେ ଗଡଖାଇ ର ଅଂଶ ବିଶେଷ ଆଜି ମଧ୍ୟ ରହିଥିବା ବେଳେ ଚତୁର୍ପାର୍ଶ୍ୱରେ ଚାରି ଗୋଟି ଭୈରବ ମୂର୍ତ୍ତି ଗଡ ଜଗୁଥିବାର ଆଜି ମଧ୍ୟ ନଜିର ରହିଛି । ଏପରିକି ସଅଳ ମର୍ଦ୍ଦନ ପଥର, ସତୀ ପଥର ଭଳି ଅନେକ ପ୍ରତ୍ନତାତ୍ତ୍ୱିକ ଭିତ୍ତିଭୂମି ରହିଥିବା ବେଳେ ଏଠାରେ ଥିବା ସମିଆ ବନ୍ଧ ମଧ୍ୟରେ ଏକ ବିରାଟ ପଥର ରହିଥିବା କୁହାଯାଏ । ଏସବୁର ପ୍ରତ୍ନତାତ୍ତ୍ୱିକ ସର୍ଭେ କରାଗଲେ ବହୁ ପୁରାତନ ତଥ୍ୟ ପଦାକୁ ଆସିପାରନ୍ତା । କଳାହାଣ୍ଡି ନଗର ହିଁ ପୁରାତନ ଇନ୍ଦ୍ରବନ ତେବେ ପୌରଣିକ ଭିତ୍ତିଭୂମି ଅନୁସାରେ ଏଠାରେ ହିଁ ରାବଣ ପୁତ୍ର ମେଘନାଦ ଦେବରାଜ ଇନ୍ଦ୍ର ଙ୍କୁ ପରାଜିତ କରି ଇନ୍ଦ୍ରଜିତ ନାମରେ ନାମିତ ହୋଇଥିବା ବିଶ୍ୱାସ କରାଯାଏ । ସେହିପରି ଲଙ୍କା ର ଅଧୀଶ୍ୱରୀ ଲଙ୍କେଶ୍ୱରୀ ହିଁ କଳାହାଣ୍ଡି ନଗର ବା ଇନ୍ଦ୍ରବନ ତଥା ଆଧୁନିକ ଜୁନାଗଡ ର ଅଧିଷ୍ଠାତ୍ରୀ ଦେବୀ ହୋଇଥିବା କାରଣରୁ ଇନ୍ଦ୍ରବନ ନାମ ର ଯଥାର୍ଥତା ପ୍ରତିପାଦନ କରୁଥିବା ଜଣାପଡେ । ଏହି ପରିପ୍ରେକ୍ଷୀ ରେ ଆଧୁନିକ କଳାହାଣ୍ଡି ର ମୂଳ ପିଣ୍ଡ ଭାବରେ କଳାହାଣ୍ଡି ନଗର ବା ଜୁନାଗଡ ର ଗୁରୁତ୍ୱ ରହିଛି, ଏହାକୁ ଅସ୍ୱୀକାର କରାଯାଇ ପାରେନା ।

**ଦୁଷ୍ମନ୍ତ କୁମାର ପଣ୍ଡା , ଜୁନାଗଡ, କଳାହାଣ୍ଡି,**



ଶ୍ରୁତି ହାସନ

# ହଲିଉଡ୍ ୱେବ୍ ସିରିଜ୍‌ରେ ଶ୍ରୁତି

ଅଭିନେତ୍ରୀ ତଥା ଗାୟିକା ଶ୍ରୁତି ହାସନ ଅନ୍ତର୍ଜାତୀୟ ଅଡିଓ ଡ୍ରାମା 'ସ୍ୟାଣ୍ଡମ୍ୟାନ୍: ଆକ୍ଟ ଥାର୍ଡ'ରେ ତାଙ୍କ ସ୍ୱର ସହିତ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ଶ୍ରୁତି ତାଙ୍କର ଇଂରାଜୀ ଏକଲ 'ଶି ଇଜ୍ ଏ ହିରୋ' ରିଲିଜ୍ ହେବାର କିଛି ଦିନ ପରେ ଆସିଥିଲା। ଯାହାକୁ ଦର୍ଶକ ଏବଂ ସମାଲୋଚକମାନେ ଏହି ସଂଗୀତକୁ ଖୁବ୍ ପସନ୍ଦ କରିଥିଲେ। ନ୍ୟୁୟର୍କ ଟାଇମ୍ସର ସର୍ବଶ୍ରେଷ୍ଠ ବିକ୍ରୟ, ମଲ୍ଟିପାର୍ଟ ଅଡିଓ ଡ୍ରାମା ସିରିଜର ତୃତୀୟ କିସ୍ତି କେବଳ ଅଡିବଲ ବିଶେଷ ରୂପରେ ଡିସି ଦ୍ୱାରା ମୁକ୍ତିଲାଭ କରିଛି। ୱାର୍ଲ୍ଡ ଏଣ୍ଡ୍ ସିରିଜ୍‌ରେ ଶ୍ରୁତି ଜଣେ ଜମିଦାର ଭୂମିକାରେ ଅଭିନୟ କରିଛନ୍ତି। ଶ୍ରୁତିଙ୍କ ପାଇଁ ଏହା ଏକ ସ୍ୱପ୍ନ ସାକାର ହେଲା ପରି ହୋଇଛି, ଯିଏ ତାଙ୍କ ସାକ୍ଷାତକାରରେ ସର୍ବଦା ଉଲ୍ଲେଖ କରିଛନ୍ତି ଯେ ସେ ସ୍ୟାଣ୍ଡମ୍ୟାନ୍ ସିରିଜର ଜଣେ ବଡ଼ ପ୍ରଶଂସକ ଏବଂ ସେ ନୀଲ ଜିଆମାନଙ୍କ ଜଣେ ବଡ଼ ପ୍ରଶଂସକ। 'ଟ୍ରେଡଷ୍ଟୋନ୍' ଏବଂ 'ଫ୍ରୋଜେନ୍ ୨' ପରେ ଏହା ଶ୍ରୁତିଙ୍କର ତୃତୀୟ ଅନ୍ତର୍ଜାତୀୟ ପ୍ରୋଜେକ୍ଟ ଏବଂ ଏହି ସିରିଜରେ ଜେମ୍ସ ମ୍ୟାକବଏ, କ୍ୟାଟ୍ ଡେନିଙ୍ଗ୍ସ, ମରିୟମ୍ ମାରଗୋଲିସ୍ ଏବଂ ଜଷ୍ଟିନ ବିବିଆନ୍ ବଣ୍ଡ ମଧ୍ୟ ସାମିଲ ଅଛନ୍ତି। ସମାନ କଥା ଶ୍ରୁତି ମଧ୍ୟ କହିଛନ୍ତି, 'ନୀଲ ଜିଆମାନଙ୍କ ଦ୍ୱାରା ଲିଖିତ ଏଭଳି ଏକ ଆଇକନିକ ସିରିଜର ଏକ ଛୋଟ ଅଂଶ ହେବା ଅତ୍ୟନ୍ତ ଗର୍ବ ଅନୁଭବ କରୁଛି। 'ସ୍ୟାଣ୍ଡମ୍ୟାନ୍: ଆକ୍ଟ ଥାର୍ଡ' ସହିତ ନିର୍ମାତାମାନେ ଏହି ସିରିଜକୁ ଅନ୍ୟ ସ୍ତରକୁ ନେଇଛନ୍ତି। ଶ୍ରୁତିଙ୍କ ଆଗାମୀ ଚଳଚ୍ଚିତ୍ର ବିଷୟରେ କହିବାକୁ ଗଲେ ଶ୍ରୁତି ପ୍ରଶାନ୍ତ ନୀଲଙ୍କ 'ସାଲାର'ରେ ପ୍ରଭାସଙ୍କ ବିପକ୍ଷରେ ନଜର ଆସିବେ। 'ସାଲାର' ବ୍ୟତୀତ ଅଭିନେତ୍ରୀ ଘଇକ ୧୦୭ ଏବଂ ଚିରୁଞ୍ଜୀବୀଙ୍କ ସହ ଚିରୁ ୧୫୪ ସୁଟିଂରେ ବ୍ୟସ୍ତ ଅଛନ୍ତି।



# ୨୫ ବର୍ଷରେ ୨୨ ପିଲାର ମା'

୨୫ ବର୍ଷ ବୟସରେ ୨୨ ପିଲାର ମା'। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ୍ୟ। ବର୍ତ୍ତମାନ ସେ ଆହୁରି ୮୦ ସନ୍ତାନ ଜନ୍ମ କରିବାକୁ ଚାହୁଁଥିବା କହିଛନ୍ତି। ଘଟଣାଟି ହେଉଛି ବ୍ରିଟେନରେ। 'ଦି ସନ୍' ୱେବ୍‌ସାଇଟ୍ ଅନୁଯାୟୀ ବ୍ରିଟେନରେ ରହୁଥିବା ଏହି ମହିଳାଙ୍କ ନାମ ହେଉଛି ଖ୍ରୀଷ୍ଟିନା ଓଜଟର୍କ। ସେ ଜଣେ କୋଟିପତି ପୁରୁଷଙ୍କୁ ବିବାହ କରିଛନ୍ତି। ୨୦୧୪ ମସିହାରେ କ୍ରିଷ୍ଟିନାଙ୍କୁ ମାତ୍ର୧୭ ବର୍ଷ ହୋଇଥିଲା। ଯେତେବେଳେ ସେ ଝିଅ ଜନ୍ମ ଦେଇଥିଲେ। ସେତେବେଳେ ଝିଅର ଚିତ୍କାର ଏବଂ ଖେଳିବାକୁ ପସନ୍ଦ କଲେ ଯେ ସେମାନେ ୧୦୫ ରୁ ଅଧିକ ପିଲା ଜନ୍ମ କରିବାର ଲକ୍ଷ୍ୟ ରଖିବାକୁ ସ୍ଥିର କଲେ। କିନ୍ତୁ ମାନବ ଶାରୀରିକ ବିଜ୍ଞାନ ଅଧୀନରେ ଏହା ସମ୍ଭବ ନୁହେଁ। ତେଣୁ ସେ ସରୋଗେସିର ରାସ୍ତା ବାଛିଥିଲେ। ସେମାନଙ୍କର ଇଚ୍ଛା ପୂରଣ କରିବା ପାଇଁ, ଦମ୍ପତି ସରୋଗେସି କରୁଥିବା କମ୍ପାନୀଗୁଡ଼ିକୁ ନିଯୁକ୍ତି ଦେଇଥିଲେ। ସେ ବିଭିନ୍ନ ମହିଳାଙ୍କ ଗର୍ଭରେ ଫର୍ଟିଲାଇଜ୍ କରିଥିଲେ। ଏହି ପ୍ରକ୍ରିୟା ମାଧ୍ୟମରେ, ଦମ୍ପତି ଏପର୍ଯ୍ୟନ୍ତ ୨୧ ଟି ସନ୍ତାନ ଜନ୍ମ ଦେଇଛନ୍ତି। ଅର୍ଥାତ୍ ସେମାନଙ୍କର ବର୍ତ୍ତମାନ ୨୨ ସନ୍ତାନ ଅଛି। ସେମାନଙ୍କର ଲକ୍ଷ୍ୟ ପୂରଣ କରିବାକୁ, ଆହୁରି ୮୩ ପିଲା ଜନ୍ମ କରିବାକୁ ଚାହୁଁଛନ୍ତି। ଏହି ଇଚ୍ଛା ପୂରଣ କରିବାକୁ, ସେମାନେ ୧୦୦ହଜାର ଡଲାର ଅର୍ଥାତ୍ ପ୍ରତି ପିଲାଙ୍କ ପାଇଁ ପ୍ରାୟ ୮ଲକ୍ଷ ଟଙ୍କା ଦେଉଛନ୍ତି। କ୍ରିଷ୍ଟିନା ଓଜଟୁର୍କ କହିଛନ୍ତି ଯେ ତାଙ୍କର ପୁରା ଦିନ ତାଙ୍କ ପିଲାମାନଙ୍କର ଯତ୍ନ ନେବାରେ ଅତିବାହିତ ହେଉଛି। ସେମାନେ ସେମାନଙ୍କ ବିଷୟରେ ପ୍ରତ୍ୟେକ ଛୋଟ ଜିନିଷର ଯତ୍ନ ନିଅନ୍ତି। ବର୍ତ୍ତମାନ ସେ ବହୁତ ଖୁସି ମଧ୍ୟ ଅଛନ୍ତି।

# ପ୍ରେମ ମାନେନି ପାତର ଅନ୍ତର



ପ୍ରେମ ମାନେନା ଜାତି, ଧର୍ମ, ଗରିବ ଓ ଧନୀ। ପ୍ରେମ ସଂସାରର ସବୁଠାରୁ ଭଲ ଅନୁଭବ। ପ୍ରେମ ବୁଝେନା ଧନୀ-ଗରିବ, ଯାହାର ପ୍ରମାଣ ଅନେକ ରହିଛି। ପ୍ରେମରେ ଅନ୍ଧ ହୋଇ ଜଣେ ୨୦ ବର୍ଷର ଯୁବତୀ ତାଙ୍କ ଚାକରକୁ ବାହା ହୋଇ ଯୁବପିଢ଼ିଙ୍କୁ ଏକ ବାର୍ତ୍ତା ଦେଇଛନ୍ତି ୟୁ ଟ୍ୟୁବ ମାଧ୍ୟମରେ। ଘଟଣାଟି ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଘଟିଛି। ଯୁବତୀ ଜଣଙ୍କର ନାମ ହେଉଛି ମୁସ୍କାନ। ଭିଡିଓ ମାଧ୍ୟମରେ ସେ କହିଛନ୍ତି, ସେ ନିଜ ଘରର ପଶୁମାନଙ୍କର ଯତ୍ନ ନେବା ପାଇଁ ଜଣେ ଚାକରକୁ ନିଯୁକ୍ତ କରିଥିଲେ । ମୁସ୍କାନ ଚାକରଙ୍କ ସଚ୍ଚୋଟତା ଦେଖି ତାକୁ ଭଲପାଇ ବସିଲେ ଏବଂ ପରେ ତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଯେତେବେଳେ ମୁସ୍କାନ, ଅମିରଙ୍କୁ ବାହାଘର ପାଇଁ ପ୍ରସ୍ତବ ଦେଇଥିଲେ ସେତେବେଳେ ଅମିର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମୁସ୍କାନ୍ ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଦେଇଥିଲେ। ଅମିର ତାଙ୍କ ପରିବାର ଲୋକଙ୍କ ପରାମର୍ଶ କରି ବିବାହ ପାଇଁ ରାଜି ହୋଇଥିଲେ। ଚାରକକୁ ବିବାହ ପାଇଁ ମୁସ୍କାନଙ୍କ ମାଆ ମଧ୍ୟ ମନା କରି ନଥିଲେ। ବିବାହ ପରେ ଅମିରଙ୍କ କାମ ପାଇଁ ଆଉ ତିନି ଜଣ ଲୋକଙ୍କୁ ମୁସ୍କାନ ରଖି କହିଛନ୍ତି। ଅମିରଙ୍କୁ ବିବାହ କରି ସେ ସବୁକିଛି ପାଇଛନ୍ତି ବୋଲି ମୁସ୍କାନ କହିଛନ୍ତି। ଏକ ଭିଡିଓ ମାଧ୍ୟମରେ ମୁସ୍କାନ କହିଛନ୍ତି ଯେ, ଛୋଟ କି ବଡ, ଧନୀ ଏବଂ ଗରିବ ପ୍ରେମରେ ଦେଖାଯାଏ ନାହିଁ। ଏହି ପରିପ୍ରେକ୍ଷୀରେ ଅମୀର ତାଙ୍କ ପତ୍ନୀ ମୁସ୍କାନଙ୍କ ପାଇଁ ଏକ ଗୀତ ମଧ୍ୟ ଗାଇଛନ୍ତି – ତେରେ ଇସ୍କ ମେଁ ପାଗଲ ହୋ ଗୟା, ଦିୱାନା ତେରେ ... ଯେଉଁଠାରେ, ମୁସ୍କାନ ମଧ୍ୟ ଏକ କବିତା ମାଧ୍ୟମରେ ପ୍ରେମ ବ୍ୟକ୍ତ କରିଛନ୍ତି – ଚାନ୍ଦନୀ ଚନ୍ଦ୍ରର, ତାରାର ନୁହେଁ, ପ୍ରେମ ଜଣକଙ୍କୁ ହୁଏ ହଜାରେଙ୍କୁ ନୁହେଁ।

# ନିରାଶ କଲେ, ଟ୍ରୋଲ ହେଲେ ପ୍ରଭାସ



ଦର୍ଶକଙ୍କୁ ଖୁସି କରିବା ବଦଳରେ ସାଉଥ ସୁପରଷ୍ଟାହ ପ୍ରଭାସ ନିରାଶ କରିଛନ୍ତି। ସୋସିଆଲ ମିଡିଆରେ ୟୁଜର୍ସମାନେ ପ୍ରଭାସଙ୍କୁ ଟ୍ରୋଲ୍ କରିବା ସହ କଟୁ କଥା ଶୁଣାଉଛନ୍ତି। ନିକଟରେ ରିଲିଜ ହୋଇଛି ବହୁ ପ୍ରତିକ୍ଷିତ ଫିଲ୍ମ 'ଆଦିପୁରୁଷ'ର ଟିଜର। ଏହି ଫିଲ୍ମର ଟିଜରକୁ ଲୋକେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ। ତେବେ ଏହି ଟିଜର ସାମ୍ନାକୁ ଆସିବା ପରେ ଫ୍ୟାନ୍‌ମାନଙ୍କ ମନ ପାଣି ଫୋଟକା ଭଳି ଫାଟିଯାଇଛି। ଏହା ପଛର କାରଣ ହେଉଛି ଫିଲ୍ମରେ ବ୍ୟବହୃତ ହୋଇଥିବା ଖରାପ ଭିଏଫ୍‌ଏକ୍ସ। ରିଲିଜ ହୋଇଥିବା 'ଆଦିପୁରୁଷ'ର ଟିଜରରେ ପ୍ରଭାସଙ୍କୁ ପ୍ରଭୁ ରାମଙ୍କ ଭୂମିକାରେ ଦେଖିବାକୁ ମିଳିଛି। ଯିଏ ମାତା ସୀତାଙ୍କୁ ଲଙ୍କାରୁ ଫେରାଇ ଆଣୁଛନ୍ତି। ରାମ ସୀତାଙ୍କ ସହିତ ଏକ ବାନାର ସେନା ମଧ୍ୟ ଅଛନ୍ତି । ହେଲେ ଏହି ସମସ୍ତ ଦୃଶ୍ୟ ଏକ ଆନିମେସନ୍ ଫିଲ୍ମ ଭଳି ଦେଖାଯାଉଛି। ଏହା ଲାଇଭ୍ ଆକ୍ସନ୍ ଫିଲ୍ମ ନୁହେଁ। ଏହାକୁ ନେଇ ପ୍ରଶଂସକମାନେ ବିଭିନ୍ନ କଥା କହୁଛନ୍ତି। ୟୁଜର୍ସମାନେ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ ପ୍ରଭାସଙ୍କୁ ଜୋରଦାର ଟ୍ରୋଲ କରିଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି ଯେ ନିର୍ଦ୍ଦେଶକ ବାନର ସେନାର ସୈନିକମାନଙ୍କୁ ମୂଳ କାହାଣୀ ପରି ଅଧା ମାନବ ଏବଂ ଅଧା ମାଙ୍କଡ଼ କରିବା ଉଚିତ୍। କେବଳ ସେତିକି ନୁହେଁ ସୈଫ ଖାନଙ୍କ ଫର୍ମ ଏବଂ ପ୍ରଭାସଙ୍କ ରୂପାନ୍ତର ମଧ୍ୟ ୟୁଜର୍ସମାନଙ୍କୁ ପସନ୍ଦ ଆସିନାହିଁ। ନିର୍ଦ୍ଦେଶକ ଓମ ରାଉତ ତାଙ୍କ ଚଳଚ୍ଚିତ୍ର 'ଆଦିପୁରୁଷ' ରାମାୟଣର ପୌରାଣିକ କାହାଣୀ ଉପରେ ନିର୍ମାଣ କରିଛନ୍ତି। ଜାପାନର ଆନିମେଟେଡ୍ ଫିଲ୍ମ ରାମାୟଣ ଦେଖିବା ପରେ ଏହି ଚଳଚ୍ଚିତ୍ର ତିଆରି କରିବା ପାଇଁ ସେ ଚିନ୍ତା କରିଥିଲେ। କୋଭିଡ -୧୯ର ଲକଡାଉନ୍ ସମୟରେ ସେ 'ଆଦିପୁରୁଷ'ର କାହାଣୀ ଲେଖିଥିଲେ। ଫିଲ୍ମର ବଜେଟ୍ ୫୦୦ କୋଟି ଟଙ୍କା ବୋଲି କୁହାଯାଉଛି। ଭିଏଫ୍‌ଏକ୍ସ କାର୍ଯ୍ୟରେ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଫିଲ୍ମରେ ସୁପରଷ୍ଟାର ପ୍ରଭାସ ପ୍ରଭୁ ରାମଙ୍କ ଭୂମିକାରେ ନଜର ଆସିଥିବା ବେଳେ କ୍ରିତି ସାନନ୍ ସୀତା ଭୂମିକାରେ ଅଛନ୍ତି। ଲକ୍ଷ୍ମଣଙ୍କ ଭୂମିକାରେ ସନ୍ନି ସିଂହ ଓ ରାବଣ ଭୂମିକାରେ ସୈଫ୍ ଅଲି ଖାନ୍‌ଙ୍କୁ ଦେଖିବାକୁ ମିଳିବ। ରିଲିଜ ହୋଇଥିବା ଟିଜରରେ କ୍ରିତିଙ୍କର ଏକ ଛୋଟ ଏବଂ ସୁନ୍ଦର ଝଲକ ମଧ୍ୟ ଦେଖିବାକୁ ମିଳିଛି। ୧୨ ଜାନୁଆରୀ ୨୦୨୩ରେ ଫିଲ୍ମ ରିଲିଜ୍ ହେବ।

# ମହିଳା କେଶ କାଟିଲେ ଅପରାଧ

ଦୁନିଆରେ ବିଭିନ୍ନ ଧର୍ମର ଲୋକ ବସବାସ କରନ୍ତି ଏବଂ ଧର୍ମକୁ ନେଇ ବହୁ ବିଶ୍ୱାସ ରହିଛି। ଯେଉଁମାନେ ନିଜ ସମ୍ପ୍ରଦାୟର ନିୟମକୁ ମାନିଥାଆନ୍ତି। ସେମିତି ଏକ ଧର୍ମ ଅଛି। ଯେଉଁଥିରେ ଝିଅ କିମ୍ବା ମହିଳାମାନଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କେଶ କାଟିବାକୁ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ, ଏହି ସମ୍ପ୍ରଦାୟର ମହିଳାମାନେ ନିଜ ଶରୀରର କୌଣସି ଅଙ୍ଗରୁ କେଶ କାଢି ପାରିବେ ନାହିଁ। ଆନାବାପ୍ଟିଜିମ୍ ଖ୍ରୀଷ୍ଟିଆନ ଚର୍ଚ୍ଚ ସହିତ ଜଡିତ ଆମିଷ୍ ସମ୍ପ୍ରଦାୟ ଦୀର୍ଘ ଦିନ ଧରି ଏହି ନିୟମ ପାଳନ କରିଆସୁଛି। ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ସମୟ ବଦଳିଛି, କିନ୍ତୁ ସେମାନଙ୍କ ମାନସିକତା ତଥା ପରମ୍ପରାରେ ପରିବର୍ତ୍ତନ ଆସିପାରିନାହିଁ। ଏହି ସମ୍ପ୍ରଦାୟ ଏହାର ପରମ୍ପରା ଏବଂ ବିଶ୍ୱାସକୁ ପରିବର୍ତ୍ତନ କରିନାହିଁ। ଏହି ସମ୍ପ୍ରଦାୟର ଲୋକମାନେ ପୁରାତନ ରୀତିନୀତି ଅନୁସରଣ କରି ନିଜ ଜୀବନକୁ ଆଗକୁ ବଢାଉଛନ୍ତି। ଆମିଷ୍ ସମ୍ପ୍ରଦାୟର ମହିଳାମାନେ ସେମାନଙ୍କର କେଶ ସମ୍ବନ୍ଧରେ ବାଇବଲ ନିୟମ ଅନୁସରଣ କରନ୍ତି। ପ୍ରାଚୀନ ନିୟମ ଅନୁଯାୟୀ, ଏହି ସମ୍ପ୍ରଦାୟର ମହିଳାଙ୍କୁ କୌଣସି ସର୍ତ୍ତରେ କେଶ କାଟିବାକୁ ଦିଆଯାଇନଥାଏ। ଏହା ସହିତ ଆମିଷ୍ ମହିଳାମାନଙ୍କୁ କେଶକୁ ବାନ୍ଧି କପଡ଼ାରେ ଘୋଡାଇ ରଖିବାକୁ ପଡିଥାଏ। ଏହି ସମ୍ପ୍ରଦାୟର ମହିଳାମାନେ କେବଳ ଘର ଭିତରେ କେଶ ଖୋଲି ପାରିବେ। ଯଦି କୌଣସି ମହିଳା ଭୁଲ୍ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ କେଶ କାଟନ୍ତି, ତେବେ ଏହା ଲଜ୍ଜାଜନକ ଏବଂ ପାପ ଭାବରେ ବିବେଚନା କରାଯାଏ। ମହିଳାମାନଙ୍କୁ ମଧ୍ୟ ଏହି ନିୟମ ଅନୁଯାୟୀ ସେମାନେ ନିଜ ଶରୀରର କେଶକୁ ମଧ୍ୟ ବାହାର କରିପାରିବେ ନାହିଁ। ଯଦି ଜଣେ ମହିଳା କେଶ କାଟନ୍ତି କିମ୍ବା ରେଜର ବ୍ୟବହାର କରନ୍ତି, ତେବେ ତାଙ୍କୁ ଦଣ୍ଡ ଦିଆଯାଇପାରେ।

# ହଜାର ବର୍ଷ ପୁରୁଣା କବରସ୍ତାନରୁ ମିଳିଲା ବସ୍ତି ଏବଂ କଙ୍କାଳ

ପଶ୍ଚିମ ସ୍ଲୋଭାକିଆର ଭ୍ରାବେଲ୍ ଟାଉନରେ ପ୍ରତ୍ନତତ୍ତ୍ୱବିତମାନେ ଏକ ପୁରୁଣା କବରସ୍ତାନର ସନ୍ଧାନ କରିଛନ୍ତି। ଏହା ଅନେକ ହଜାର ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ପ୍ରତ୍ନତତ୍ତ୍ୱବିତଙ୍କୁ ପ୍ରାୟ ୩୬ଟି ବିନା ମୁଣ୍ଡର କଙ୍କାଳ ମିଳିଛି। କୁହାଯାଉଛି କି ଯେଉଁ ଲୋକମାନଙ୍କ ଏହି କଙ୍କାଳ ସେମାନେ ୫୨୫୦-୪୯୫୦ ଖ୍ରୀଷ୍ଟପୂର୍ବ ସମୟରେ ଏଠାରେ ରହୁଥିଲେ। ପ୍ରତ୍ନତତ୍ତ୍ୱବିତଙ୍କୁ ମଧ୍ୟ ୟୁରୋପର ସବୁଠାରୁ ବଡ ନିଓଲିଥିକ ବସ୍ତିର ଖନନ ସମୟରେ ଏହି କଙ୍କାଳ ସବୁ ମିଳିଛି। ସ୍ଲୋଭାକିଆର ଏହି ଟାଉନରେ ସ୍ଲୋଭାକ ଏବଂ ଜର୍ମାନ ପ୍ରତ୍ନତତ୍ତ୍ୱବିତ ଏକାଠି ମିଶି ପ୍ରସ୍ତର ଯୁଗର ସବୁଠାରୁ ବଡ ବସ୍ତିକୁ ନେଇ ସନ୍ଧାନ କରୁଛନ୍ତି। ପ୍ରତ୍ନତତ୍ତ୍ୱବିତଙ୍କ ସୂଚନା ଅନୁସାରେ ଏହି ସମସ୍ତ ଲୋକଙ୍କୁ କୌଣସି କଲ୍ଟ ସେଲିବ୍ରେଶନ ସମୟରେ ମାରିଦିଆଯାଇଥିବ। ଗତ ୭ ବର୍ଷରେ ଜାରି ଖନନ ଏବଂ ସର୍ଭେରେ ୧୨୦ ଏକରରେ ବ୍ୟାପିଥିବା ଏହି ବସ୍ତିରେ ଏପର୍ଯ୍ୟନ୍ତ ୩୦୦ରୁ ବଡ ଘରର ସନ୍ଧାନ ମିଳିଛି। ଏଥିରୁ ୫୦ରୁ ୭୦ ଘର ଏମିତି ଥିଲା ଯାହାକି ସେ ସମୟରେ ବ୍ୟବହାର ହେଉଥିଲା। ପ୍ରତି ବସ୍ତିରେ ସୁରକ୍ଷାକୁ ନଜରରେ ରଖି ଚାରିପଟେ ବାଡ ବା ପାଚେରୀ ବ୍ୟବସ୍ଥା କରାଯାଇଛି। ବସ୍ତିରେ ପଶିବା ପାଇଁ ୬ଟି ରାସ୍ତା ଅଛି ଯାହା ସୁରକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ଗାତ ମଧ୍ୟ ଦେଇ ଯାଉଛି। ଗତ ଖନନରେ ଏହି ସ୍ଥାନରେ ଅନେକ ଅଲଗା ଅଲଗା ସମାଧିର ମଧ୍ୟ ସନ୍ଧାନ ମିଳିଥିଲା । ଏବେ ଏହି ଖନନରେ ପ୍ରତ୍ନତତ୍ତ୍ୱବିତଙ୍କୁ ବସ୍ତି ଭିତରକୁ ଯାଉଥିବା ରାସ୍ତା ପାଖରେ ଖାଇରେ ପ୍ରାୟ ୩୬ ଜଣଙ୍କ ଅବଶେଷ ମିଳିଛି। ଏହି ସମସ୍ତ କଙ୍କାଳର ମୁଣ୍ଡ ନାହିଁ। ତେବେ ସବୁଥିରେ ହାତ ଗୋଡ ଅଛି। ଏଥିରେ ପୁରୁଷଙ୍କ ସମେତ ମହିଳା ଏବଂ ଶିଶୁଙ୍କ କଙ୍କାଳ ମଧ୍ୟ ସାମିଲ ରହିଥିବା ଜଣାପଡିଛି। ତେବେ କେବଳ ଗୋଟିଏ ଶିଶୁର କଙ୍କାଳରେ ମୁଣ୍ଡ ମିଳିଛି। ବର୍ତ୍ତମାନ ସମସ୍ତ ଅବଶେଷକୁ ଟିମ ଯାଞ୍ଚ ପାଇଁ ନେଇଛି। ଖୁବ୍‌ଶୀଘ୍ର ସେମାନଙ୍କ ଯାଞ୍ଚ ଆରମ୍ଭ ହୋଇଯିବ, ଯାହାପରେ ଅନୁମାନ କରାଯାଉଛି କି ଏମିତି କିଛି ସୂଚନା ମିଳିପାରିବ ଯାହା ପ୍ରତ୍ନତତ୍ତ୍ୱବିତଙ୍କୁ ଆଗକୁ ସନ୍ଧାନ ଜାରି ରଖିବାରେ ସାହାଯ୍ୟ କରିବ।



# ଜିଲ୍ଲା ବିକାଶ ସମନ୍ୱୟ ଏବଂ ତଦାରଖ କମିଟି : 'ଦିଶା"ର ଦ୍ୱିତୀୟ ବୈଠକ




ବରଗଡ **୨୩/୪ (ନି.ପ୍ର):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି " ଦିଶା"ର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରଥମ ସଂପାନରେ ମାନ୍ୟବର ବରଗଡ ସାଂସଦ ଶ୍ରୀ ପୁରୋହିତ ପ୍ରଥମ ବୈଠକରେ ଆଲୋଚ୍ୟ ବିଷୟ ଅନୁଯାୟୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡିକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଥିଲେ ।ଏଥିରେ ସୋହେଲା ଠାରୁ ସୋନପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଦୁଇ ହଜାର କୋଟି ଟଙ୍କାର ଅନୁଦାନ ଦେଇଥିବାରୁ ଦିଶା କମିଟିର ସମସ୍ତ ସଦସ୍ୟ ତଥା ଜିଲ୍ଲାବାସୀ ଙ୍କ ତରଫରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥା ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି,ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ,କେନ୍ଦ୍ରୀୟ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଏବଂ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ବୈଠକର ଦ୍ୱିତୀୟ ସଂପାନରେ ଶ୍ରୀ ପୁରୋହିତ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ପଚାରି ବୁଝି ରାଜ୍ୟ ସରକାରଙ୍କୁ ଅତିରିକ୍ତ ୨୦୦୦ ନଳକୂପ ଖନନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହାପରେ ରାସନ କାର୍ଡ ବଣ୍ଟନ ନିମନ୍ତେ ପଞ୍ଜିକରଣ ସ୍ଥିତି, ଉଜ୍ଜ୍ୱଳା ଗ୍ୟାସ ବିତରଣର ସ୍ଥିତି ସମୀକ୍ଷା କରି କୃଷି ଏବଂ କୃଷକ ସାଶକ୍ତି କରଣ ନିମିତ୍ତ ଉପଲବ୍ଧ ବିଭିନ୍ନ ଯୋଜନା ତଥା ପ୍ରଧାନ ମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନ ମନ୍ତ୍ରୀ କୃଷି ସିଂଚାଇ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ସଏଲ ହେଲଥ କାର୍ଡ ବିତରଣ, ଉଦ୍ୟାନ, କୃଷି ଏଂ ମତ୍ସ୍ୟ ବିଭାଗର ସମସ୍ତ ଯୋଜନାର ପ୍ରଗତି, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ି କରଣ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହିଳା ଓ ଶିଶୁ ବିକାଶ ବିଭାଗର ବେଟି ବଚାଓ ବେଟି ପଢାଓ, ସମ୍ପୃକ୍ତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ଶ୍ରମ ନିଯୁକ୍ତି ନିମିତ୍ତ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଦିନ ଦୟାଲ ଅନ୍ତୋଦୟ ଯୋଜନା, ସହ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା,ସ୍ୱଚ୍ଛ ଭାରତ ମିଶନ ଏବଂ ସାମାଜିକ କଲ୍ୟାଣ ଓ ଭିତ୍ତିଭୂମିର ଉନ୍ନତି ନିମନ୍ତେ ଥ୍। ଭିଭିନ୍ନ ଫ୍ଲାଗସିପ ପ୍ରୋଗ୍ରାମ, ଶକ୍ତି ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଯୋଜନାର ବର୍ତ୍ତମାନର ସ୍ଥିତି ଏବଂ ପ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରି ସାସ୍ଥ୍ୟ,ଶିକ୍ଷା,କୃଷି, ଜଙ୍ଗଲ,ଉଦ୍ୟାନ,ପୂର୍ତ୍ତ,ରାଜସ୍ୱ,ପାନୀୟ ଜଳ ଯୋଗାଣ ଏବଂ ଜଳ ସେଚନ ଭଳି ସମସ୍ତ ବିଭାଗ ଗୁଡ଼ିକରେ ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ଯଥାଶିଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଜିଲ୍ଲାର ସର୍ବାଙ୍ଗୀଣ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଛନ୍ତି ।ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଚେୟାରମେନ ଏଂ ପୌରାଧ୍ୟକ୍ଷ ପୌରାଧ୍ୟକ୍ଷାଙ୍କ ସମେତ ମାନ୍ୟବର ବିଧାୟକ ବରଗଡ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ଅତାବିରା ନିହାର ରଞ୍ଜନ ମହାନନ୍ଦ, ମାନ୍ୟବର ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସମ୍ମାନୀୟା ବିଧାୟିକା ପଦ୍ମପୁର ଶ୍ରୀମତୀ ବର୍ଷା ସିଂ ବରିହା ଏବଂ ବିଜେପୁର ବିଧାୟକ ପ୍ରତିନିଧି ସୁରେଶ୍ୱର ସତପଥୀଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ଦୃଢ ପରିଶ୍ରମ କରି ଲୋକଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପହଁଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ମୁନି ସମାଜ ର ସତସଙ୍ଗ ଅନୁଷ୍ଠିତ



ପାଟଣା **୨୩/୪ (ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ଗ୍ରାମ ପଞ୍ଚାୟତ ଅଧୀନସ୍ଥ କଟାବେଡା ଗ୍ରାମର ମୁନି କ୍ଷିରୋଦ ଚନ୍ଦ୍ର ମହାନ୍ତଙ୍କ ବାସ ଭବନରେ ମୁନି ସମାଜର ଏକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କେନ୍ଦୁଝର ଜିଲ୍ଲା ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ମୀନକେତନ ମୁନିଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ ହୋଇଥିଲା । ପତାକା ସଙ୍ଗୀତ ଗାନ କରିଥିଲେ ଯୋଗ ଶିକ୍ଷୟିତ୍ରୀ କୁମୁଦିନୀ ନାୟକ । କାର୍ଯ୍ୟକ୍ରମ ରେ ଆଦିମୁନୀଶ୍ୱର ଯୋଗେଶ୍ୱର ସଦଗୁରୁଦେବ ଶିବ ମୁନିଙ୍କ ସ୍ଥାପିତ ମୁନି ସମାଜର ସିଦ୍ଧାନ୍ତ ଯୋଗ,ସ୍ୱାସ୍ଥ୍ୟ,ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାର ଉପରେ ଆଧାରିତ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ଜ୍ଞାନଯଜ୍ଞର ଅଧ୍ୟକ୍ଷ ଭାବରେ ଯୋଗୀ ବିଶ୍ୱାମିତ୍ର ମୁନି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବରେ ଯୋଗୀ ଅରୁଣ କୁମାର ମୁନି ନିଜର ବକ୍ତବ୍ୟରେ ମନ, ବୁଦ୍ଧି,ଚିତ୍ତ ଅହଙ୍କାର ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ମୀନକେତନ ମୁନି ନିଜର ବକ୍ତବ୍ୟରେ ରୋଗ ସୃଷ୍ଟି ଓ ଆରୋଗ୍ୟର କାରଣ ଉପସ୍ଥାପନ କରିଥିଲେ । ସମ୍ମାନିତ ବକ୍ତା ଭାବରେ ଯୋଗାଚାର୍ଯ୍ୟ ତ୍ରିଲୋଚନ ମୁନି ସ୍ୱାଧ୍ୟାୟ ,ସତସଙ୍ଗ ,ସାଧନ ନିୟମିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ, ଅନ୍ୟତମ ସମ୍ମାନିତ ବକ୍ତା କେନ୍ଦୁଝର ଜିଲ୍ଲାର ଉପାଧ୍ୟକ୍ଷ ଶମ୍ଭୁନାଥ ମୁନି ନିଜର ବକ୍ତବ୍ୟରେ ଅଷ୍ଟାଙ୍ଗ ଯୋଗର ସତ୍ୟ ଓ ଅସ୍ତେୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ମୁନି ସମାଜର ଉପଦେଷ୍ଟା ମୁନିରାଜ ନାଗେଶ କୁମାର ବ୍ରହ୍ମ ନିଜର ବକ୍ତବ୍ୟରେ ପରଂବ୍ରହ୍ମ ଆତ୍ମଦେବଙ୍କ କୃପା ପାଇବାର ଉପାୟ ବତାଇ ଦେଲେ । ସମ୍ମାନିତ ଅତିଥି ଭାବରେ ପୂର୍ବତନ ସଂଗଠନ ପ୍ରଚାର ମନ୍ତ୍ରୀ ଯୋଗୀ ଲକ୍ଷ୍ମି ବହ୍ଲଭ ନିଜ ବକ୍ତବ୍ୟରେ ଯୋଗ କଣ ବୋଲି ପରିଚୟ କରାଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗୀ ଗୋପୀନାଥ ମୁନି ନିଜ ବକ୍ତବ୍ୟରେ ତନ୍ ମନ୍ ଧନ ଜନ ରୋଟି,କପଡ଼ା ଓ ମକାନ୍ ଆଦି ଭୌତିକ ସମ୍ପତ୍ତି ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି କେନ୍ଦୁଝର ଜିଲ୍ଲା ମୁନି ସମାଜର ସମ୍ପାଦକ ଯୋଗୀ ଘନଶ୍ୟାମ ମୁନି ସତ୍ୟ ଜ୍ଞାନ ଉପରେ ନିଜର ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ଆସନ୍ତା ମାସ ତା ୩ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ପଯ୍ୟନ୍ତ ଆଞ୍ଚଳିକ ମହାବିଦ୍ୟାଳୟ,ସ୍ୱାମ ପାଟଣା ଠାରେ ଅନୁଷ୍ଠିତ ହେବାକୁ ଥିବା ତ୍ରିଦିବସୀୟ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରକୁ ସହଯୋଗ ପୂର୍ବକ ସାଫଲ୍ୟ ମଣ୍ଡିତ କରିବା ପାଇଁ ଆହ୍ୱାନ କରିଥିଲେ । ଯୋଗୀ କାର୍ତ୍ତିକ ମୁନି,ଯୋଗୀ ବୃଷକେତୁ ମୁନି,ଯୋଗୀ ଲକ୍ଷ୍ମୀ ଧର ମୁନି,ଯୋଗୀ ଫକିର ଚରଣ ମୁନି ତଥା ଉପସ୍ଥିତ ଥିବା ମୁନିରାଜ ଓ ମୁନିରାଜ୍ଞି ସତସଙ୍ଗ ସଞ୍ଚାଳନରେ ସାହାଯ୍ୟ କରିଥିବାବେଳେ ମୁନି କ୍ଷିରୋଦ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।କେନ୍ଦୁଝର ଜିଲ୍ଲା ମୁନି ସମାଜର ଉପାଧ୍ୟକ୍ଷ ଯୋଗୀ ତଥା ଆଜିକାର ଜ୍ଞାନଯଜ୍ଞର ଅଧ୍ୟକ୍ଷ ଯୋଗୀ ବିଶ୍ୱାମିତ୍ର ମୁନି ନିଜର ସଭାପତିତ୍ୱ ଭାଷଣରେ ମୁନି ସମାଜରେ ସଦସ୍ୟତା ଗ୍ରହଣ କରି ନିୟମିତ ଭାବେ ସାଧନ କରିବା ପାଇଁ ନିବେଦନ କରିଥିଲେ ।

## ଏପ୍ରିଲ ୨୬ରେ ଅନଗୁଳ ଜିଲ୍ଲା ମହୋତ୍ସବଏବଂ ପଲ୍ଲିଶ୍ରୀ ମେଳା

ଅନଗୁଳ **୨୩/୪ (ନି.ପ୍ର):** ଅନଗୁଳ ଜିଲ୍ଲା ଆସନ୍ତା ଏପ୍ରିଲ ୨୬ତାରିଖ ରେ ପାଳିବାକୁ ଯାଉଛି ୧୨ତମ ମହୋତ୍ସବ ଧୁମ ଧାମ ରେ ପାଳିତ ହେବାକୁ ଯାଉଛି ଆଲୁମିନିୟମ ର ସହର ଅନଗୁଳ ।ଆଠମଲ୍ଲିକ, ତାଳଚେର, ବଅଂ ର ପାଳ, ଛେଣ୍ଡିପଦା, ପାଲଲହଡା ଅନଗୁଳ ର ପ୍ରମୁଖ ସହର ହୋଇଥିବା ବେଳେ ଚାରି ଆଡୁ ଦର୍ଶକ ଙ୍କ ଭିଡ଼ ଜମିବ ବୋଲି ଅନୁମାନ କରାଯାଇଛି। ଏଥି ସହ ପଲ୍ଲୀଶ୍ରୀ ମେଳା ମଧ୍ୟ ଅନଗୁଳ ଷ୍ଟାଡିଅମ ରେ ଆସନ୍ତା ଏପ୍ରିଲ ୨୬ତାରିଖ ଠାରୁ ୨୮ତାରିଖ ପର୍ଯ୍ୟନ୍ତ ହେବ ଏହି ମହୋତ୍ସବ। ମହୋତ୍ସବ ରେ ବହୁ ମାନ୍ୟ ଗଣ୍ୟ ଅତିଥି ଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ମନୋରଞ୍ଜନ ଧାର୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ରହିଛି ।ସିନେ କଳାକାର ଙ୍କ ସୁରେ ସୁରେ ଝୁମିବ ସାରା ସହର ଏବଂ କମେଡି ଛୁଙ୍କ ରେ ଧୂମାଲ ହସିବେ ଦର୍ଶକ ବୋଲି ଅନୁମାନ କରାଯାଉଥିବା ବେଳେ ଶାନ୍ତ ଶୃଙ୍ଖଳା ପ୍ରତି ମଧ ପ୍ରଶାସକ ଦୃଷ୍ଟି ଦେବା ସହ ସୁଚାରୁ ଭାବେ ପାଳିତ ହେବ ବୋଲି ନଜିର ରହିଛି। ପୂର୍ବ ରୁ ସେଥିପାଇଁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସର ରେ ଆଠମଲ୍ଲିକ ଉପ ଖଣ୍ଡ ପ୍ରଶାସନ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ପ୍ରସ୍ତୁତି କରିବା ସହ ଦେଉଳ ଝରି ଶୈବ ପୀଠ ରେ ପୂଜାର୍ଚ୍ଚନା ନାମ ସଂକୀର୍ତ୍ତନ କରାଯାଇ ଦେଉଳ ଝରି ରୁ ବାହାରି ଠାକୁରଗଡ଼ ରେ ପହଞ୍ଚିଥିଲା। ଠାକୁର ଗଡ଼ ରେ ମଧ ପୁରୁଷ ଏବଂ ମହିଳା ମାନେ ସ୍ୱାଗତ କରିଥିଲେ ।ଏଭଳି ଭାବେ ଅନଗୁଳ ଜିଲ୍ଲା ସଦର ମହୁକୁମା ମଶାଲ ଶୋଭାଯାତ୍ରା ପହଂଚି ଥିବା ଜଣାଯାଇଛି।

## ରକ୍ତ ଦାନ ଶିବିର ୧୦୧ୟୁନିଟ ରକ୍ତ ସଂଗ୍ରହ

ନିମାପଡା **୨୩/୪ (ନି.ପ୍ର):** ନିମାପଡା -ଗୋପ ନିର୍ବାଚନ ମଣ୍ଡଳୀ ର ପ୍ରିୟ ନେତୃତ୍ୱ ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ମହୋଦୟଙ୍କ ଶୁଭ ଜନ୍ମଦିନ ଅବସରରେ ରତ୍ନାକର ଦାଶ ଫାଉଣ୍ଡେସନ ଆନୁକୂଲ୍ୟରେ ଯୁବ ନେତୃତ୍ୱ ରାକେଶ ବେହେରା, ସତ୍ୟଜିତ ଆଚାର୍ଯ୍ୟ, ମନ୍ଦୀପ ପାଇକରାୟ ଏବଂ ସରୋଜ ମାଝିଙ୍କ ନେତୃତ୍ୱ ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି ଏଥିରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ମୁଖ୍ୟ ଅତିଥି ଭାବେ ମାନ୍ୟବର ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ମହୋଦୟ ଯୋଗଦେବା ସହିତ ନିମାପଡା ବ୍ଲକ ଅଧ୍ୟକ୍ଷ ଶ୍ରୀଯୁକ୍ତ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ପ୍ରଦୀପ୍ତ ଖଟୋଇ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ କୁମାର ସାହୁ,ସାନାତନ ପ୍ରଧାନ, ଅଜୟ କୁମାର ସ୍ୱାଇଁ ଏବଂ ସମସ୍ତ ଯୁବ, ଛାତ୍ର ଓ ବରିଷ୍ଠ ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ନାହିଁ ; ବିଦ୍ୟୁତ କାଟରେ ସହରବାସୀ ଅତିଷ୍ଠ

ହିଞ୍ଜିଳିକାଟୁ **୨୩/୪ (ନି.ପ୍ର):** ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବା ଏବଂ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ଲକ୍ଷ୍ୟରେ ବିଦ୍ୟୁତ ବିତରଣ କମ୍ପାନୀ ସାଉଥକୋକୁ ଟାଟା ପାୱାରକୁ ହସ୍ତାନ୍ତର କରାଯାଇଛି । ଟାଟାପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟୁତ ସେବାରେ ନିଶ୍ଚିତ ଉନ୍ନତି ଆସିବ ବୋଲି ଗ୍ରାହକଙ୍କ ମହଲରେ ଏକ ଧାରଣା ସୃଷ୍ଟି ହୋଇଥିଲା । ହେଲେ ବର୍ତ୍ତମାନ ଏହା ଭୂଲ ପ୍ରମାଣିତ ହେବାରେ ଲାଗିଛି । ପୂର୍ବରୁ ସାଉଥକୋ ଠାରୁ ମିଳୁଥିବା ଗ୍ରାହକ ସେବା ଠାରୁ ଟାଟା ପାୱାର ବିତରଣ କମ୍ପାନୀର ଗ୍ରାହକ ସେବା ଅତ୍ୟନ୍ତ ଖରାପ ବୋଲି ସ୍ଥାନୀୟ ସହରର ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ବିନା କାରଣରେ ସହରର କେଉଁଠି ନା କେଉଁଠି ବିଦ୍ୟୁତ କାଟ ନିତିଦିନିଆ ଘଟଣା ଘଟିବାରେ ଲାଗିଛି । ପୂର୍ବରୁ କେବଳ ଗ୍ରୀଷ୍ମ ଋତୁରେ ସ୍ଥାନୀୟ ସହରର ବିଭିନ୍ନ ସ୍ଥାନରେ ଲୋଭୋଲଟେଜ ସମସ୍ୟା ରହୁଥିଲା । ଏଭଳି ସମୟରେ ଜନସାଧାରଣଙ୍କ ବିଦ୍ୟୁତ ବ୍ୟବହାର ବୃଦ୍ଧି ପାଉଥିବା ଯୋଗୁଁ ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପ ପଡ଼ିବା ଯୋଗୁଁ ଲୋଭୋଲଟେଜ ସମସ୍ୟା ଲାଗି ରହୁଥିବା କଥାକୁ ଲୋକେ ବିଶ୍ୱାସ କରି ନେଉଥିଲେ । ଆକାଶରେ କଳା ବାଦଲ ଦେଖିଲେ ବିଦ୍ୟୁତ ବିଭାଗୀୟ କର୍ମଚାରୀ ମାନେ ବିଦ୍ୟୁତ ବିଚ୍ଛିନ୍ନ କରିଦେଉଥିବା ଦେଖିବାକୁ ମିଳିଛି । ୨୦୨୧ ମସିହା ଆରମ୍ଭରୁ ଟାଟାପାୱାର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ବର୍ଷ ଆରମ୍ଭରୁ ଆରମ୍ଭ କରି ଏଯାବତ୍ ବିଦ୍ୟୁତ କାଟ ଲାଗି ରହୁଛି । ଟାଟାପାୱାର ଦାୟିତ୍ୱ ନେବାର ଦୀର୍ଘ ୪ବର୍ଷ ୩ ମାସ ଅତିବାହିତ ହୋଇଯାଇଥିଲେ ମଧ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସୁଫଳ ମିଳି ପାରିନାହିଁ । ପୁରୁଣା ଭିତ୍ତିଭୂମି ଉପରେ କେବଳ ନାମ ପରିବର୍ତ୍ତନ କରାଯାଇଛି ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି । ଏଭଳି ଅଘୋଷିତ ବିଦ୍ୟୁତ କାଟକୁ ନେଇ ଉପଭୋକ୍ତା ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ପ୍ରତିଦିନ ସହରର ବିଭିନ୍ନ ସ୍ଥାନରେ ବହୁ ସମୟ ଧରି ବିଦ୍ୟୁତ କାଟ କରାଯାଉଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଘରୋଇକରଣ କରାଯିବା ପରେ ଲୋକେ ଏଥିରୁ ସୁଫଳ ପାଇବା ପରିବର୍ତ୍ତେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗତ ସପ୍ତାହେ ଧରି ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ବିଦ୍ୟୁତ କାଟ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ୍ କାଟ ଲୋକଙ୍କୁ ଦାଉ ସାଧୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେତେବେଳେ ବିଦ୍ୟୁତ୍ ରହୁଛି ଏବଂ କେତେବେଳେ ବିଦ୍ୟୁତ୍ ବିଛିନ୍ନ କରାଯାଉଛି ଜନସାଧାରଣ ଜାଣିବା ମୁସ୍କିଲ ହୋଇପଡିଛି । ଏପରିକି ବିଳମ୍ବିତ ରାତିରେ ବିଦ୍ୟୁତ୍ କାଟ କରାଯାଉଥିବାରୁ ଏହାର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ହୋଇପଡିବା ସହ ସ୍ଥାନୀୟ ଅଞ୍ଚଳରେ ଗତ କିଛି ଦିନ ଧରି ଛୋଟମୋଟ ଚୋରୀ ହେଉଥିବା ଜଣାପଡ଼ିଛି । ଟାଟାପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ଭିତ୍ତିଭୂମିର ବିକାଶ ଉପରେ ଯେତିକି ଗୁରୁତ୍ୱ ଦେବା କଥା ତାହା ନକରି ରାଜସ୍ୱ ଆଦାୟ ପଛରେ ଲାଗିପଡ଼ିଥିବା ଜଣାପଡ଼ିଛି ।ସାଉଥକୋ ଦାୟିତ୍ୱ ସମୟରେ ସ୍ଥାନୀୟ ଅଞ୍ଚଳର କୁଶଳୀ ଶ୍ରମିକଙ୍କ ଠିକା ଭାବେ ନିଯୁକ୍ତି ଦେଇ କାର୍ଯ୍ୟ ହାସଲ କରୁଥିବା ବେଳେ ଟାଟାପାୱାର ଆସିବା ପରେ ଅଣଓଡ଼ିଆ ଠିକା କର୍ମଚାରୀ ନିଯୁକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି । ଅଣଓଡ଼ିଆ କର୍ମଚାରୀଙ୍କ ସହରର ସମସ୍ୟା ସମ୍ପର୍କରେ ଧାରଣା ନଥିବା ଯୋଗୁଁ ସମସ୍ୟା ଅଧିକ ରହୁଥିବା ନେଇ ଜୈନିକ କର୍ମଚାରୀ ନିଜ ନାମକୁ ଗୋପନ ସୂତ୍ରରେ ସୂଚନା ପ୍ରଦାନ କରିଛନ୍ତି । ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୁନିଲ କୁମାର ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇପାରିନାହିଁ । ଟାଟାପାୱାର କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଦ୍ୟୁତକାଟ ଭଳି ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ଏକ ବଡ଼ ଧରଣର ଜନଆନ୍ଦୋଳନ ଗଢି ଉଠିବ, ଏଥିରେ ନିସନ୍ଦେହ ।

## ଆଧାରେ କାମ ଛାଡି ଦେଇ ଠିକାଦାର ଛୁ

### ଆଶା ଆଶଙ୍କାରେ ହିନ୍ଦୋଳ ଉପଖଣ୍ଡର ଭବିଷ୍ୟତ



ଓଡ଼ାପଡ଼ା/ହିନ୍ଦୋଳ**୨୩/୪ (ନି.ପ୍ର):** ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଚିରଅବହେଳିତ, ଏଠାରେ ଏବେ ଅନେକ ଗ୍ରାମ ଅଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ, ମୋବାଇଲ ସଂଯୋଗ, ଗମନାଗମନ କ୍ଷେତ୍ରରେ ଚିର ଅବହେଳିତ ହୋଇରହିଛି। ଏଥି ସ୍ଥାନ ମାନଙ୍କରେ ଧୋବଫରଫରିଆ ବାବୁ/ ବାବୁଆଣୀ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ପାଦ ପଡେନାହିଁ। ଏବେବି ରହିଛି ଅନେକ ବିଛିନ୍ନାଞ୍ଚଳ ଯାହାର ଚିତ୍ର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେବି ନିଦ ଭାଙ୍ଗୁନି ସରକାରୀ ବାବୁ ନିର୍ବାଚିତ ପ୍ରତିନିଧିଙ୍କର। ସମସ୍ତେ ନିଜନିଜ ପକେଟ ଗରମ କରିବାରେ ବ୍ୟସ୍ତ। ତେବେ ହିନ୍ଦୋଳ ଉପଖଣ୍ଡରେ ମେଗା ପାନୀୟ ଜଳ ପ୍ରକଳ୍ପ କଚ୍ଛପ ଗତିରେ ଚାଲିଥିବା ବେଳେ କେତେକ ଜାଗାରେ ରାସ୍ତାକୁ ଖୋଳି ଦେଇ ଠିକାଦାର ଛୁ ମାରିଥିବା ବେଳେ ସଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ଗ୍ରାମପଞ୍ଚାୟତ ଖଜୁରିଆ ଗ୍ରାମଠାରୁ ରଞ୍ଜାଗୋଳ ଗ୍ରାମକୁ ଯାଇଥିବା ରାସ୍ତାର ମଝିରେ ଏକ ବଡ଼ ଗାତ ଖୋଳି ଦେଇ ଠିକାଦାର ଛୁ ମାରିଥିବା ବେଳେ ସଧାରଣ ଲୋକ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବେଳେ ବେଳେ ଛୋଟ ବଡ଼ ଦୁର୍ଘଟଣା ମାନ ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ବିଭାଗୀୟ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ଦେଉ ନଥିବା ଜଣା ପଡ଼ିଛି ।ତେବେ ଏଥିରେ ବଡ଼ ଧରଣର ପିସି କାରବାର ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଚ୍ଛର୍ନ ହାତ ଥିବାରୁ ପୂର୍ବ କାର୍ଯ୍ୟମାନଙ୍କ ଭଳି ଏହା ଇତିହାସ ପାଲଟିଯିବ ବୋଲି ଜନସାଧାରଣ ଚର୍ଚ୍ଚା ହେବା ସହ ଏହାର ତଦନ୍ତ ଦାବି ହେଉଛି।

## ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧ୍ୟକ୍ଷା - ସ୍ୱଇଚ୍ଛାରେ ଦେବେ ଇସ୍ତଫା- ନା ଆସିବ ତାଙ୍କ ବିରୁଦ୍ଧରେ ଅନାସ୍ଥା

ନିଶ୍ଚିନ୍ତକୋଇଲି **୨୩/୪ (ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ୪୧ ଗୋଟି ପଂଚାୟତକୁ ନେଇ ଗଠିତ । ଏଥି ମଧ୍ୟରୁ ୨୭ ଗୋଟି ପଂଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଅଧିନରେ ଆସୁଥିଲା ବେଳେ ୧୪ ଗୋଟି ପଂଚାୟତ କଟକ ସଦର ବିଧାନସଭା କ୍ଷେତ୍ର ଅଧିନରେ ରହିଛି ।ଗତ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଏହି ପଂଚାୟତ ସମିତିର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଉଭୟେ ବିଜୁ ଜନତା ଦଳ ସମର୍ଥୀତ ପ୍ରାର୍ଥୀ ବିଜୟୀ ହୋଇ ପଦବୀ ଅଧିକୃତ କରିଥିଲେ । ସେତେବେଳେ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ଶ୍ରୀଯୁକ୍ତ ପ୍ରତାପ ଜେନା ଓ କଟକ ସଦର ବିଧାନସଭା କ୍ଷେତ୍ରରୁ ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା ପ୍ରତିନିଧିତ୍ୱ କରୁଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଉଭୟ ମାହାଙ୍ଗା ଓ କଟକ ସଦରର ରାଜନୈତିକ ପାଣିପାଗ ବଦଳିଗଲା । ମାହାଙ୍ଗାରୁ ସ୍ୱାଧୀନବିଧାୟକ ଶାରଦା ପ୍ରଧାନ ଓ କଟକ ସଦରରୁ ବିଜେପି ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପ୍ରତିନିଧିତ୍ୱ କରୁଛନ୍ତି । ଏହାରି ଭିତରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ରାଜନୀତିର ସମୀକରଣ ବଦଳିବାରେ ଲାଗିଛି । ବିଗତ କିଛି ଦିନ ତଳେ ପଂଚାୟତ ସମିତି ଉପାଧ୍ୟକ୍ଷ ତାଙ୍କ ପଦବୀରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଇଥିଲେ । ପରେ ଉପାଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ଦୁଇ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିଲେ । ଜଣେ କଟକ ସଦର ବିଧାୟକଙ୍କ ସମର୍ଥୀତ ପ୍ରାର୍ଥୀ ହୋଇଥିଲା ବେଳେ ଅନ୍ୟ ଜଣେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ସମର୍ଥନରେ ପ୍ରତିଦ୍ୱନ୍ଦିତା କରୁଥିଲେ । ଉପନିର୍ବାଚନରେ ସ୍ୱାଧୀନ ବିଧାୟକଙ୍କ ପ୍ରାର୍ଥୀ ଉପାଧ୍ୟକ୍ଷ ପଦବୀ ଅକ୍ତିଆର କରିଥିଲେ । ଏହାପରଠାରୁ ପଂଚାୟତ ସମିତିର ରାଜନୀତି ଅଧିକ ସରଗରମ ହୋଇଛି । ବିଧାୟକ ନିକଟରେ ସମସ୍ତ ସରପଂଚମାନଙ୍କୁ ଡାକି ସମୀକ୍ଷା ବୈଠକ କରିଛନ୍ତି । ପଂଚାୟତରେ ପୂର୍ବରୁ ଯେଉଁ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ହୋଇଅଛି ଯଦି ତାହାର କାଗଜପତ୍ର ଠିକ୍ ଥାଏ । ତାହାହେଲେ କାର୍ଯ୍ୟର ବିଲ୍ ବାବଦ ଅର୍ଥକୁ ପଇଠ କରାଯିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ନୂତନ ଯୋଜନାରେ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାରି ଭିତରେ ଏହି ସମୀକ୍ଷା ବୈଠକକୁ ନେଇ ରାଜନୈତିକ ବିଶାରଦମାନଙ୍କ ମଧ୍ୟରେ ଭିନ୍ନ କଥା ଶୁଣିବାକୁ ମିଳୁଛି । ସ୍ୱାଧୀନ ବିଧାୟକ ଉପାଧ୍ୟକ୍ଷ ପଦ ହାତେଇଲା ପରେ ଏବେ ଅଧ୍ୟକ୍ଷା ପଦବୀ କୁ ନିଜ ଅକ୍ତିଆରକୁ ନେବା ପାଇଁ ମସୁଧା ଚଳାଉଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ଦେଖିବାକୁ ବାକି ରହିଲା ବ□ମାନର ଅଧ୍ୟକ୍ଷା ସ୍ୱେଚ୍ଛାକୃତ ଇସ୍ତଫା ଦେଉନ୍ତି ନା ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସୁଛି ।

## ୮(ଇ) ଶାଖା କେନାଲ ବନ୍ଧରୁ ଜବରଦଖଲ ହଟାଇ ଗମନାଗମନ ସୁବିଧା ପାଇଁ ଦାବି

ନିଶ୍ଚିନ୍ତକୋଇଲି /ମାହାଙ୍ଗା **୨୩/୪ (ନି.ପ୍ର):** କେନ୍ଦୁପାଟଣା ଜଳସେଚନ ବିଭାଗ ଅଧିନରେ ଥିବା ୮(ଇ) ଶାଖା କେନାଲଟି ନିଶ୍ଚିନ୍ତକୋଇଲି ବଜାର ଦେଇ ନତକାଇ ଖସାଅ□। ଛକକୁ ସଂଲଗ୍ନ ହୋଇଛି । ଏହି ଶାଖା କେନାଲ ବନ୍ଧକୁ ନିଶ୍ଚିନ୍ତକୋଇଲି ବଜାର ନିକଟରେ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଦୀର୍ଘ ଦିନ ହେବ ଅଜାୟୀ ଜବରଦଖଲ କରିଛନ୍ତି । ଏହି କେନାଲ ବନ୍ଧ ଏବଂ କେନାଲ ଉପରେ କ୍ୟାଭିନ୍ ପକାଇ ଚାଳଘର ନିର୍ମାଣ କରି ସେଥିରେ ନିଦ୍ୱନ୍ଦରେ ବ୍ୟବସାୟ କରିଚାଲିଛନ୍ତି । ଫଳରେ ଏହି କେନାଲ ବନ୍ଧ ରାସ୍ତା ବହୁ ଦିନ ହେବ ଅବରୋଧ ହୋଇ ରହିଥିବାରୁ ଗମନାଗମନ କରିବା ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାଛଡ଼ା ଉକ୍ତ ଜବରଦଖଲକାରୀ ମାନଙ୍କ ଦ୍ୱାରା ମଧ୍ୟ ନିଶ୍ଚିନ୍ତକୋଇଲି ଲଳିତଗିରି ରାସ୍ତା ପ୍ରଭାବିତ ହୋଇଛି । ପ୍ରତ୍ୟେକ ଦିନ ଏହି ରାସ୍ତା ଉପରେ ଶହ ଶହ ଭାରିଯାନ ଚଳାଚଳ କରୁଥିଲା ବେଳେ ସ୍କୁଲ କଲେଜ ଯିବା ପାଇଁ ଅନେକ ଛାତ୍ର ଛାତ୍ରୀ ନିର୍ଭର କରିଥାନ୍ତି । ଏହାଛଡ଼ା ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପାଳିରେ ବହୁ ଚାଷୀ, ବ୍ୟବସାୟୀ ଓ ଖାଉଟି ମାନଙ୍କ ଯାତାୟତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ଅଟେ । ଜବରଦଖଲକାରୀଙ୍କ କବଜାରେ ଏହି ରାସ୍ତା ରହିଥିବାରୁ ଅନେକ ସମୟରେ ଏହି ରାସ୍ତାରେ ବହୁ ଭିଡ଼ ହୋଇ ଦୁର୍ଘଟଣା ଘଟି ବହୁ ଧନଜୀବନ ମଧ ନଷ୍ଟ ହେବାର ନଜିର ରହିଛି । ବ□ମାନ ୮ନଂ(ଇ) କେନାଲକୁ ଲାଇନିଂ କରାଯିବା ପାଇଁ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପ୍ରରୀପେକ୍ଷୀରେ ଉକ୍ତ କେନାଲ ବନ୍ଧର ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇ ସର୍ବସାଧାରଣଙ୍କ ଗମନାଗମନ ନିମନ୍ତେ ବ୍ୟବସ୍ଥା କରିବାକୁ ନିଶ୍ଚିନ୍ତକୋଇଲି,ଓଥକା,ଏକରୁଖି ଓ ନତକାଇ ଗ୍ରାମର ଗ୍ରାମବାସୀମାନେ ଦାବି କରିଛନ୍ତି । କେନାଲ ବନ୍ଧ ରାସ୍ତାକୁ ଗମନାମନ ସୁବିଧା କରାଇଲେ ନିଶ୍ଚିନ୍ତକୋଇଲି ଲଳିତଗିରି ରାସ୍ତାରେ ହେଉଥିବା ଟ୍ରାଫିକ୍ ଜାମର ସମସ୍ୟା ଦୂର ହୋଇପାରିବ । ଏ ସଂକ୍ରାନ୍ତରେ ଯୁବ ସ୍ୱେଚ୍ଛାସେବୀ ରାକେଶ ସେଠୀ , ଯୁଗଳଚରଣ ସାମଲ, ଭରତ ଦାସ,ସନ୍ତୋଷ ରାଉତ, ସୁରଜକାନ୍ତ ଗୋଚ୍ଛାୟତ ପ୍ରମୁଖ କେନ୍ଦୁପାଟଣା ଜଳସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ ,ନିଶ୍ଚିନ୍ତକୋଇଲି ତହସିଲଦାର ଏବଂ ମାହାଙ୍ଗା ବିଧାୟକଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରି ଏହାର ତୁରନ୍ତ ପଦକ୍ଷେପ ପାଇଁ ଦାବି କରିଛନ୍ତି ।

## ୟୁଏସ୍ଆଇ ସଂଗଠନର ଭାର୍ଚ୍ୟୁଆଲ ମୋଡ଼ରେ ପ୍ରସ୍ତୁତି ବୈଠକ

ମୟୂରଭଞ୍ଜ **୨୩/୪ (ନି.ପ୍ର):** ଓଡ଼ିଶା ୟୁଏସ୍ଆଇ ସଂଗଠନ ପକ୍ଷରୁ ଜଳଛତ୍ର ସହ ଦହି ସରବତ,ଛତୁଆ ସରବତ,ଲେମ୍ବୁପାଣି,ଓଆର୍.ଏସ୍ ପାଣି ବଣ୍ଟନ ନିମନ୍ତେ ଏବଂ ପକ୍ଷୀ ମାନଙ୍କ ପାଇଁ ବରଗଛ,ଆମ୍ବଗଛ ତଥା ପାହାଡ଼ିଆ ଅଞ୍ଚଳରେ ଘଟ ଭର୍ତ୍ତି ପାଣିର ବ୍ୟବସ୍ଥା କରିବା ନିମନ୍ତେ ୟୁଏସ୍ଆଇ ସଂଗଠନ ର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀଙ୍କ ପ୍ରଚେଷ୍ଟା କ୍ରମେ ଏକ ଭାର୍ଚ୍ୟୁଆଲ ମୋଡ଼ରେ ବୈଠକ ଅନୁଷ୍ଠିତ ହୋଇଯାଇଛି ।ସଂଗଠନ ର ପ୍ରତିଷ୍ଠାତା ଅଖିଲ୍ କୁମାର ସାହୁ,ମ୍ୟାନେଜିଂ ଟ୍ରଷ୍ଟି ଡଃ ରଶ୍ମିରେଖା ସାହୁ,ଅଧ୍ୟକ୍ଷ ବନୋଜ ତ୍ରିପାଠୀ,ଆବାହକ ପ୍ରତୀକ୍ଷା ମିଶ୍ର, ସଂଯୋଜିକା ପିଙ୍କି ଶତପଥୀ,ସମାଜସେବୀ କିଶୋର କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ମସ୍ତଫା ଅଲ୍ଲୀ,ଲକ୍ଷ୍ମୀଧର ପାତ୍ର, ସମାଜସେବୀ ସୁବାଷ ଚନ୍ଦ୍ର ମଣ୍ଡଳ,ମନୋଜ ମଣ୍ଡଳ, ଦେବକିଶୋର କାଳନ୍ଦୀ,ଆନନ୍ଦ ବିନ୍ଧାଣୀ, ଲକ୍ଷ୍ମଣ ଟୁଡୁ ପ୍ରମୁଖ ଭାର୍ଚ୍ୟୁଆଲ ମୋଡ଼ରେ ଆଲୋଚନା କରିଥିଲେ । ରାଇରଙ୍ଗପୁର-ଜାମଦା ରାସ୍ତାରେ ମଇ ପହିଲାରୁ ଜଳ ବଣ୍ଟନ ସହ ଦହି,ଓଆର୍.ଏସ,ଛତୁଆ ସରବତ,ଲେମ୍ବୁ ସରବତ ବଣ୍ଟନ କରାଯିବାର ସ୍ଥିର କରାଯାଇଛି ।

## ଆଦିବାସୀ ମହାସଂଘ ବୈଠକ

ଭେଡେନ **୨୩/୪ (ନି.ପ୍ର):** ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ସଂଘର ମାସିକ ବୈଠକ ଅରେଇଗୁଡି ଗ୍ରାମ ପଞ୍ଚାୟତ ସାହ୍ଲେପାଲି ଠାରେ ଅନୁଷ୍ଠିତ ହୋଇଛି କ୍ଷ ଭେଡେନ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଆଦିବାସୀ ମାନଙ୍କୁ ଏକତ୍ରିତ କରି ପ୍ରତେକ ଗାଁରେ ଗାଁ କମିଟି ପଞ୍ଚାୟତରେ ପଞ୍ଚାୟତ କମିଟି ମଜଭୁତ କରିବା ପାଇଁ ଏବଂ ଆଦିବାସୀ ମାନଙ୍କ ହକ ଅଧିକାର ସରକାରଙ୍କ ଯୋଜନା ଗରିବ ଆଦିବାସୀ ମାନଙ୍କ ପାଖକୁ ଏବଂ ଅନ୍ୟ ବର୍ଗର ଗରିବ ଲୋକମାନଙ୍କ ପାଖକୁ କି ଭଳି ଭାବରେ ପହଞ୍ଚି ପାରିବ ଏଥିପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ମୂଖ୍ୟ ଅତିଥି ଭାବରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ଯୋଗଦାନ କରିଥିଲେ ଭେଡେନ ବ୍ଲକର ବ୍ଲକ ସଭାନେତ୍ରୀ ପ୍ରେମସିଲା ବରିହା , ସମ୍ପାଦକ ପ୍ରମୋଦ କୁମାର ବାରିକ , ସଦାନନ୍ଦ ବରିହା , ମଗସିର ଭୁଏ , ସାହ୍ଲେପାଲି ଗ୍ରାମର ଶ୍ରୀକାନ୍ତ ବରିହା , ରସିକ ଭୁଏ ଏବଂ ଅରେଇଗୁଡ଼ି ଗ୍ରାମ ପଞ୍ଚାୟତର ଆଦିବାସୀ ମହିଳା ଓ ପୁରୁଷ ମାନେ ଯୋଗଦାନ କରିଥିଲେ । ।

## ହିନ୍ଦୋଳ ନାବାଳିକା ଧର୍ଷଣ ମାମଲା

### ପୀଡ଼ିତାଙ୍କ ପରିବାର ପାଖରେ ପହଞ୍ଚିଲା କଂଗ୍ରେସର ପ୍ରତିନିଧି ଦଳ

ହିନ୍ଦୋଳ**୨୩/୪ (ନି.ପ୍ର):** ୭ ବର୍ଷୀୟ ଶିଶୁ କନ୍ୟାକୁ ବଳାତ୍କାର ପରେ ବୁଦା ମୂଳକୁ ଫିଙ୍ଗିଦେବା ଘଟଣା ୨ ଦିନ ବିତିଯାଇଥିବା ବେଳେ,ଏହି ସ୍ୱର୍ଶ କାତର ଘଟଣା ଏବେ ରାଜ୍ୟରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି କ୍ଷପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ବେଳେ ଏବେ ଡାକ୍ତରଖାନାରେ ଜୀବନ ସହିତ ସଂଗ୍ରାମ କରୁଛି ପୀଡିତା ନାବାଳିକା, ପୋଲିସ ଏବେ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବ ସାହୁକୁ ଗିରଫ କରିଛି, ଘଟଣାକୁ ବିଭିନ୍ନ ମହଲ ରେ ନିନ୍ଦା କରାଯାଉଥିବା ବେଳେ ଅଭିଯୁକ୍ତକୁ କଠୋର ଦଣ୍ଡ ବିଧାନ ଦାବି କରୁଛନ୍ତି ଅଞ୍ଚଳ ର ଅଧିବାସୀ ।ତା୨୧/୦୪/୨୦୨୫ରିଖ ସୋମବାର ଦିନ ଘଟଣା ସ୍ଥଳରେ କଂଗ୍ରେସ ଦଳର ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ସହିତ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ, କଂଗ୍ରେସ ନେତା ନଗେନ୍ଦ୍ର ପ୍ରଧାନ,ସସ୍ମିତା ବେହେରା, ହିନ୍ଦୋଳ ପୂର୍ବତନ ବିଧାୟକ ମହେଶ୍ୱର ନାୟକ, ଯୁବ ନେତା ଗୋବର୍ଧନ ନାୟକ,ତ୍ରିନାଥ ବେହେରାଙ୍କ ସମେତ ବହୁ ଦଳିତ ନେତା ପୀଡିତାଙ୍କ ଗ୍ରାମ ସରାସିଙ୍ଗି ଗ୍ରାମରେ ପହଁଞ୍ଚି ପୀଡିତାଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ସହିତ ଆଶ୍ୱାସନା ଦେଇ ଯାଇଥିବା ଦେଖିବାକୁ ମିଳିଛି ।

## ରାଜ୍ୟ ଖାଦ୍ୟ ଆୟୋଗ କର୍ମକର୍ତ୍ତାଙ୍କ ତିନିଦିନିଆ ବରଗଡ ଜିଲ୍ଲା ଗସ୍ତ

ବରଗଡ଼ **୨୩/୪ (ନି.ପ୍ର):** ଓଡିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଏବଂ ଅକ୍ଷୟ କୁମାର ବେହେରା ତିନି ଦିନିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ସୋହେଲା ବ୍ଲକ ଅନ୍ତର୍ଗତ କେନ୍ଦମଣ୍ଡି ଓ ଗର୍ଭଣା ଗ୍ରାମାଞ୍ଚଳ ର ଅଙ୍ଗନୱାଡ଼ି କେନ୍ଦ୍ର,ଗର୍ଭଣା ସେବାଶ୍ରମ, ଚିଟିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଚେନ ଗାର୍ଡେନ ଏବଂ ଚିଟିଣ୍ଡା ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଅପ୍ରତ୍ୟାଶିତ ଭାବରେ ପରିଦର୍ଶନ କରି ପିଲାମାନଙ୍କୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନ ଏବଂ ଛତୁଆର ଗୁଣାତ୍ମକ ମାନ ଯାଞ୍ଚ କରିବା ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ବିଦ୍ୟାଳୟ ପରିସରରେ ପିଲା ମାନଙ୍କ ଗୁଣାତ୍ମକ ଦକ୍ଷତା ବିକାଶ ନିମ ନ୍ତେ ପନିପରିବା ଚାଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ସଦସ୍ୟଙ୍କ ଗସ୍ତ ସମୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରା,ଭାରପ୍ରାପ୍ତ ସିଡିପିଓ ଏଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସାମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ,କାର୍ମଚାରୀ ଉପସ୍ଥିତ ଥିଲେ।

## ଡିଜେ ଗାଡି ଜବତ, ଜଣେ ଅଟକ

ହିଞ୍ଜିଳିକାଟୁ **୨୩/୪ (ନି.ପ୍ର):** ବିନା ଅନୁମତିରେ ବିଳମ୍ବିତ ରାତିରେ କର୍କଶ ଶବ୍ଦ ପ୍ରଦ୍ୟୁଷଣ କରି ଡିଜେ ବଜାଇବା ପଡିଛି ମହଙ୍ଗା। ସଂପୃକ୍ତ ଘଟଣାରେ ହିଞ୍ଜିଳି ପୁଲିସ ଡିଜେ ଗାଡିକୁ ଜବତ କରିବା ସହ ଡିଜେ ମାଲିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଏଭଳି ଏକ ଘଟଣା ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ଶାସନଆମ୍ବଗାଁ ଗ୍ରାମରେ ଘଟିଛି। ? ସୋମବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ଶାସନଆମ୍ବଗାଁ ଗ୍ରାମରେ ଏକ ବିବାହ ଶୋଭାଯାତ୍ରାରେ ଏକ ଡିଜେ ଗାଡି କର୍କଶ ଶବ୍ଦ ପ୍ରଦ୍ୟୁଷଣ କରି ଗ୍ରାମ ଦାଣ୍ଡରେ ଗାଡି ଚାଲିଥିଲା। ଡିଜେ ଶବ୍ଦ କମ୍ କରିବା ପାଇଁ ଗ୍ରାମର କିଛି ବ୍ୟକ୍ତି ସଂପୃକ୍ତ ଡିଜେ ମାଲିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଡିଜେ ମାଲିକ ଅଧିକ ଶବ୍ଦ କରି ଗାଁ ଦାଣ୍ଡରେ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସଂପୃକ୍ତ ଡିଜେ ମାଲିକଙ୍କୁ ଅନୁମତି ପତ୍ର ମାଗିଥିଲେ । ବିନା ଅନୁମତିରେ ବିବାହ ଶୋଭାଯାତ୍ରାରେ ଡିଜେ ବ୍ୟବହାର କରିବା ସହ ଶବ୍ଦ ପ୍ରଦ୍ୟୁଷଣ କରିବା ଅଭିଯୋଗରେ ଡିଜେ ଗାଡିକୁ ଜବତ କରିବା ସହ ଡିଜେ ମାଲିକଙ୍କୁ ଥାନାରେ ଅଟକ ରଖିଛି । ଅଟକ ଜଣଙ୍କ ହେଲେ ଆସିକା ଗ୍ରାମର ଏମ୍. ରାଜେନ୍ଦ୍ର । ଏ ନେଇ ହିଞ୍ଜିଳି ଥାନାରେ ପିଆର କେସ ନଂ- ୪୯/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ।

# ଜଳୁଛି ଇଟାଭାଟି ବଢୁଛି ତାତି: ପ୍ରଶାସନର କଟକଣା ନାହିଁ



ବାଲିଗୁଡା **୨୩/୪ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ସମେତ ଆଖପାଖ ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ମାର୍ଚ୍ଚ ପ୍ରଥମ ସପ୍ତାହରୁ ହିଁ ସବୁଦିନର ତାପମାତ୍ରା ୪୦ ଡିଗ୍ରୀରେ ପହଞ୍ଚିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଫେବୃଆରୀ ମାସ ଶେଷ ସପ୍ତାହରୁ ତାପମାତ୍ରା ଅଚାନକ ବୃଦ୍ଧି ପାଇଥିବା ବେଳେ ମାର୍ଚ୍ଚ ମାସରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ସଦର, ବାଲିଗୁଡା, ତୁମୁଡିବନ୍ଧ, କୋଟଗଡ଼ ସହର ତତଲା ତାଓ୍ୱାରେ ପରିଣତ ହେଲାଣି । ଗ୍ରୀଷ୍ମ ଆରମ୍ଭରୁ ଖରା ଜନସାଧାରଣଙ୍କୁ କଲବଲ କରିବା ଆରମ୍ଭ କରିଥିବାରୁ ଆଗକୁ ଅବସ୍ଥା ଅସମ୍ଭାଳ ହେବାର ଆଶଙ୍କା ଦେଖାଦେଇଛି । ସମଗ୍ର କନ୍ଧମାଳ ଜିଲ୍ଲା ରେ ବ୍ୟାପକ ଜଙ୍ଗଲହାନୀ ସହ ବେଆଇନ ଇଟାଭାଟି ତାପମାତ୍ରା ବୃଦ୍ଧି ପ୍ରମୁଖ କାରଣ ବୋଲି ପରିବେଶବିତ ମାନେ ଅଭିଯୋଗ କରିଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବେଆଇନ ମାଟିରେ ତିଆରି ଇଟାଭାଟି କୁଟୀର ଶିଳ୍ପରେ ପରିଣତ ହୋଇଛି। ଜିଲ୍ଲାର ଫୁଲବାଣୀ, ଫିରିଙ୍ଗିଆ, ବାଲିଗୁଡା, କ.ନୂଆଗାଁ, ଦାରିଙ୍ଗବାଡି, ତୁମୁଡିବନ୍ଧ ଓ କୋଟଗଡ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମାଳମାଳ ଇଟାଭାଟି ଗଢ଼ି ଉଠିଛି । ମାଟି ତିଆରି ଇଟା ବ୍ୟବହାର ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ କଡ଼ାକଡ଼ି କଟକଣା ଜାରି କରାଯାଇ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ମାଟି ଇଟାଭାଟିକୁ ବେଆଇନ ଘୋଷଣା ସହ ସରକାର ପାଉଁଶ ଇଟାକୁ ପ୍ରୋତ୍ସାହନ ଯୋଗାଇଛନ୍ତି । ତେବେ ଜିଲ୍ଲାର ବିଭିନ୍ନ ତହସିଲ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ପାଉଁଶ ଇଟା ବଦଳରେ ବେଆଇନ ଇଟାଭାଟି ମାଲିକଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ମିଳୁଛି । ବେଆଇନ ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି । ଅନ୍ୟପକ୍ଷେ ଇଟାଭାଟି ମାଲିକ ଚଢ଼ା ଦରରେ ମାଟିଇଟା ବିକ୍ରି କରି ଲାଭବାନ ହେଉଛନ୍ତି । ରାଜ୍ୟ ତଥା ଜିଲ୍ଲା ତଥା ଜିଲ୍ଲା ବାହାର ଶ୍ରମିକଙ୍କୁ ଅଣାଯାଇ ଇଟା ତିଆରିରେ ନିୟୋଜିତ କରାଯାଇଛି । ମାଟିରେ ଇଟା ତିଆରି ପରେ ଜଙ୍ଗଲରୁ ଗଛର କାଠ କାଟି ଇଟା ପୋଡ଼ାଯାଉଛି । ନିୟମିତ ଶହ ଶହ ଟ୍ରାକ୍ଟର ଇଟା ପରିବହନରେ ନିୟୋଜିତ କରାଯାଇଛି । ମାଟି ଇଟାର ଚାହିଦା ଥିବାରୁ ଜିଲ୍ଲାର ଗ୍ରାମାଞ୍ଚଳ ସହ ସହରରେ ଚାଲିଥିବା କୋଠାବାଡ଼ି ନିର୍ମାଣ ପାଇଁ ଆବଶ୍ୟକ ଇଟା ଅଧିକାଂଶ ଇଟା ମାଟି ଇଟାଭାଟିରୁ ଆସୁଛି । ବର୍ଷ ତମାମ୍ ଏଠାରେ ବେଆଇନ ଇଟା ତିଆରି ଚାଲିଛି । ଦିନ ରାତି ଇଟା ତିଆରି ସହ ପାହାଡ଼ ଭଳି ଇଟା ଗଦା କରାଯାଉଛି । କେତେକ ଅସାଧୁ କର୍ମଚାରୀ ଓ ଇଟାଭଟି ମାଲିକଙ୍କ ମଧୁଚନ୍ଦ୍ରିକା ଯୋଗୁ ବେଆଇନ ଇଟାଭାଟି ଉପରେ ରୋକ ଲଗାଇବାରେ ପ୍ରଶାସନ ବିଫଳ ହେଉଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି । ଏନେଇ ଜିଲ୍ଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ଅନଗୁଳ ମହୋତ୍ସବ ନିମନ୍ତେ ମଶାଲ ଶୋଭା ଯାତ୍ରା



ଆଠମଲ୍ଲିକ **୨୩/୪ (ନି.ପ୍ର):** ଅନଗୁଳ ଜିଲ୍ଲା ମହୋତ୍ସବ ନିମନ୍ତେ ସମସ୍ତ ଉପଖଣ୍ଡ ର ଦୈବିପୀଠ ମାନଙ୍କ ରୁ ମଶାଲ ବାହାରି ମା ହିଙ୍ଗୁଳା ପୀଠ କୁ ଯାତ୍ରା ଆରମ୍ଭ ହୋଇଯାଇଛି। ଏହି କ୍ରମ ରେ ଅଜି ସକାଳ ୬ଘଟିକା ସମୟ ରେ ପ୍ରସିଦ୍ଧ ଦେଉଳଝରୀ ପୀଠ ବାବା ସିଦ୍ଧେଶ୍ୱର ଙ୍କ ଠାରେ ପୂଜାର୍ଚ୍ଚନା କରି ଅଗ୍ନି ସଂଯୋଗା କରାଯାଇ ଆଠମଲ୍ଲିକ ରେ ପହଂଚି ଥିଲା। ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଜ୍ଞାପିତଅଞ୍ଚଳ ପରିଷଦ ର ଅଧକ୍ଷା ଆଶା କୁମାରୀ ସାହୁ, ବହୁ ଅଧିକାରୀ ଓ ରାଜନୈତିକ ବ୍ୟକ୍ତି ପୁଷ୍ପ ମାଲ୍ୟ ଦେଇ ସ୍ୱାଗତ କରି ସହର ପରିକ୍ରମା କରାଇଥିଲେ। ସହର ର ବିଭିନ୍ନ ଛକରେ ପୂର୍ଣ୍ଣକୁମ୍ଭ ବସାଯାଇ ମଶାଲ କୁ ସ୍ୱାଗତ କରାଯାଥିଲା। ଅଧିଷ୍ଠାତ୍ରୀ ଦେବୀ ମା ମାହେଆଶ୍ୱରୀ ଙ୍କ ମନ୍ଦିର ରେ ପହଂଚି ପୂଜାର୍ଚ୍ଚନା ପରେ ଏକ ସଂକୀର୍ତ୍ତନ ମଣ୍ଡଳୀ ପଟୁଆର ରେ ଗାନ୍ଧୀ ଛକ କୁ ଅଣାଯାଇଥିଲା। ସେଠାରେ ଏକ ସ୍ୱତନ୍ତ୍ର ଗାଡି ଯୋଗେ ମା ହିଙ୍ଗୁଳା ଙ୍କ ପୀଠ କୁ ଯାତ୍ରା ଆରମ୍ଭ କରିଥିଲା।ଏହି ଶୋଭା ଯାତ୍ରା ରେ ଅତିରିକ୍ତ ତହସିଲଦାର ଭେଙ୍କଟେସ୍ୱ ରାଓ, ବିଡ଼ିଓ ଟିଟସ ମହାନନ୍ଦିଆ,ଏନ ଏ ସି ନିର୍ବାହୀ ଅଧିକାରୀ ଚନ୍ଦ୍ର କାନ୍ତ ବେହେରା, ଉପାଧକ୍ଷା ଗଦାଧର ସ୍ୱାଇ, ବ୍ଲକ ପ୍ରତିନିଧି ପ୍ରକାଶ କୁମାର ସାହୁ, ଙ୍କ ସମେତ ବହୁତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ସରକାରଙ୍କ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ।

## କାର ଦୁର୍ଘଟଣାରେ ତିନି ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର



ପୋଲସରା **୨୩/୪ (ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡା ଶାସନ ଗ୍ରାମ ନିକଟସ୍ଥ ଧନେଇ କେନାଲ ଶଙ୍ଖ କାନ୍ଥରେ କାର ପିଟି ହୋଇ ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର ହୋଇଥିବା ବେଳେ ଜଣେ ଆହାତ ବ୍ୟକ୍ତି ପୋଲସରା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସୂଚନା ମୁତାବକ ଭାବରଡା ଗ୍ରାମରୁ ଏକ କାର ଚିରିକିପଡା ଶାସନ ଅଭିମୁଖେ ଆସୁଥିବା ବେଳେ କାରଟି ଭାରସାମ୍ୟ ହରାଇ ଧନେଇ କେନାଲ ଶଙ୍ଖ କାନ୍ଥରେ ପିଟି ହୋଇଥିଲା। କାରରେ ବସିଥିବା ପୂର୍ଣ୍ଣଚନ୍ଦ୍ର ସେଠୀ, ବର୍ଷା ସେଠୀ ଓ ଦୁଇ ବର୍ଷର ଛୋଟ ଶିଶୁ ସାହିଲ ସେଠୀ ଗୁରୁତର ଭାବେ ଆହତ ହୋଇ ଥିବା ବେଳେ ଅନିଲ ସେଠୀ ସାମାନ୍ୟ ଆହାତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସ ଦ୍ୱାରା ପୋଲସରା ମେଡିକାଲ ଆଣାଯାଇ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତିନି ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି। ସାମାନ୍ୟ ଆହାତ ଅନିଲଙ୍କୁ ଚିକିତ୍ସା ପରେ ଛାଡିଦିଆଯାଇଛି। ସମସ୍ତ ଆହତ ବ୍ୟକ୍ତି ଭାବରଡା ଗ୍ରାମର ବୋଲି ଜଣାପଡିଛି। ପୋଲସରା ମେଡିକାଲରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବର୍ଣ୍ଣମାଳା ଉଦ୍ୟାନରେ ଓଡ଼ିଆ ଅନୁସାରେ ଲାଗିଛି ଗଛ

କୋଷାଗୁମୁଡା **୨୩/୪ (ନି.ପ୍ର):** ସଂକଟରେ ଓଡ଼ିଆ ଭାଷା ରହିଥିବାବେଳେ ପରିବେଷର ସୁରକ୍ଷା ଶହ ଭାଷା ସମ୍ପର୍କରେ ଶିକ୍ଷାଦେବାକୁ ନବରଙ୍ଗପୁର ବନ ବିଭାଗ ତରଫରୁ ଅଭିନବ ପ୍ରୟାସ କରାଯାଇଛି। ଯାହାର ସଫଳ ତଥା ଅତିସୁନ୍ଦର ପ୍ରତିଫଳନ କୋଡ଼ିଙ୍ଗା ବନାଞ୍ଚଳ ଅନ୍ତର୍ଗତ ଫାର୍ଷାଗୁଡାରେ ଦେଖିବାକୁ ମିଳିଛି। ଏହି ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ ୩୦ ଏକର ଜମିରେ ନିର୍ମାଣ ହୋଇଛି। ବନ ବିଭାଗ ନୂଆ ଜଙ୍ଗଲ ସୃଷ୍ଟି କରିବାକୁ କିଛି ମାସ ତଳେ ନିଷ୍ପତି ନେଇଥିଲା। ତେବେ ଏହି ଜଙ୍ଗଲକୁ ଓଡ଼ିଆ ଭାଷାରେ ପ୍ରଚାର ତଥା ପ୍ରସାର ଲାଗି ଗୋଟିଏ ଉଦାହରଣ ରୂପେ ଗଢିବା ପାଇଁ ଅନେକ ବିଚାରବିମର୍ଶ ହୋଇଥିଲା। ଶେଷରେ ଜଙ୍ଗଲର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଆ ବର୍ଣ୍ଣମାଳା ଅନୁସାରେ ସଜାଇବା ପାଇଁ ନିଷ୍ପତି ନିଆଯାଇଥିଲା। ପ୍ରଥମ ଓଡ଼ିଆ ଅକ୍ଷର 'ଅ' ରୁ ଆରମ୍ଭ କରି 'ଳ' ପର୍ଯ୍ୟନ୍ତ ବୃକ୍ଷ୍ୟ ରୋପଣ କରାଯାଇଛି। ଯେଭଳି 'ଅ' ଅକ୍ଷରରୁ ଆରମ୍ଭ ଅଁଳା, 'ବ' ଅକ୍ଷରରୁ ଆରମ୍ଭ ବେଲ, 'କ' ଅକ୍ଷରୁ ଆରମ୍ଭ କଇଥ ଗଛ ପର୍ଯ୍ୟାୟକ୍ରମେ ଲାଗିଛି। ସେହିପରି ଉଦ୍ୟାନ ଭିତରେ ନିର୍ମିତ ଘରର କାନ୍ଥରେ କୌଣସି ରଙ୍ଗ ଦିଆ ଯାଇନାହିଁ। କାନ୍ଥ ସାରା ୧୨୦ ଟି ବର୍ଣ୍ଣକ୍ଷର ଚିତ୍ରଣ କରାଯାଇଛି। ସହରାଞ୍ଚଳ ବୃକ୍ଷରୋପଣ ଯୋଜନାରେ ୧୬୦ ପ୍ରଜାତିର ୮ ହଜାର ଗଛ ଉଦ୍ୟାନରେ ଲାଗିଛି। ଅକ୍ଷର ବ୍ୟତୀତ ପୂରଣ, ସଂସ୍କୃତ ଶ୍ଳୋକ ଅନୁସାରେ ଅନେକ ଗଛ ଲାଗିଛି। ଭାରତର ମାନଚିତ୍ର କରି ପ୍ରତି ରାଜ୍ୟର ରାଜ୍ୟଗଛ ବି ରୋପଣ ହୋଇଛି। ଏହା ବ୍ୟତୀତ ବିଭିର୍ଣ୍ଣ ଔଷଧୀୟ ବୃକ୍ଷ, ପୁଷ୍ପ, ମସଲା ବୃକ୍ଷର ବଗିଚା ତିଆରି କରାଯାଇଛି। ଉଦ୍ୟାନର ୪ ବର୍ଷ ନିମନ୍ତେ ରକ୍ଷଣାବେକ୍ଷଣ ଲାଗି ବ୍ୟୟ ଅଟକଳ କରି ପ୍ରଥମ ବର୍ଷ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ନବରଙ୍ଗପୁର ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା, ଏସିଏଫଓ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ କୋଡ଼ିଙ୍ଗା



ବନାଞ୍ଚଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କ ଉଦ୍ୟମରେ ପରିକଳ୍ପନା ସାକାର ହୋଇଛି। ନବରଙ୍ଗପୁର ଜିଲ୍ଲା ନୋଡାଲ ଅଧିକାରୀ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ଏହି ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ ପରିଦର୍ଶନ କରିଥିଲେ। ଓଡ଼ିଆ ଭାଷା ଶହ ପ୍ରକୃତିକୁ ଯୋଡିବାର ଏହି ନିଆରା ପ୍ରାୟସକୁ ପ୍ରଶଂସା କରିଥିଲେ। ପୂର୍ବରୁ ଏହି ଉଦ୍ୟାନର ଗୋଟିଏ ମଡେଲ ମଣ୍ଡେଇ ପଡିଆରେ ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଆଗକୁ ଏହି ଉଦ୍ୟାନ ଶିକ୍ଷା ଶହ ପ୍ରାକୃତିକ ପରିବେଷର ଭିର୍ଣ୍ଣ ଅନୁଭୂତି ହେବ ବୋଲି ମତ ପ୍ରକାଶ ପାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ସହ ହତ୍ୟା ଧମକ

ହିଞ୍ଜିଳିକାଟୁ **୨୩/୪ (ନି.ପ୍ର):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ସହ ହତ୍ୟା ଧମକ ଦେବା ଅଭିଯୋଗ ହୋଇଛି। ଆକ୍ରମଣରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ହିଞ୍ଜିଳି ଥାନା ରାଳବ ଗ୍ରାମର ଶୁଭମ୍ ବରଡ (୧୯) । ଆହତ ଯୁବକଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ କେସ ନଂ- ୩୨୭/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ଅଭିଯୋଗ ପ୍ରକାରେ, ହିଞ୍ଜିଳି ଥାନା ରାଳବ ଗ୍ରାମର ଶୁଭମ୍ ସହ ସେହି ଗ୍ରାମର ବୁଲୁ ପ୍ରଧାନଙ୍କ ମଧ୍ୟରେ ପୂର୍ବରୁ ଶତୃତା ଲାଗି ରହିଥିଲା। ଗୁରୁବାର ଦିନ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବୁଲୁଙ୍କୁ ଆକ୍ରମଣ ହେଉଥିବା ବେଳେ ସେହି ଗ୍ରାମର ନିଳ ଭଉଳ ହସ୍ତକ୍ଷେପ କରି ଦୁହେଁ ମିଶି ଶୁଭମଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଶୁଭମ୍ ଗୁରୁତର ଆହତ ହୋଇ ସଂଜ୍ଞାହୀନ ହୋଇ ଘଟଣା ସ୍ଥଳରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ଆହତ ଯୁବକ ଘରକୁ ଫେରିବା ପରେ ଦୁହେଁ ମିଶି ପୁଣିଥରେ ଶୁଭମଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ଶୁଭମ୍ ସୋମବାର ରାତିରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

## ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଘାଟିତ



ଭେଡେନ **୨୩/୪ (ନି.ପ୍ର):** ବରଗଡ଼ ଜିଲ୍ଲା ଭେଡେନ ସଂକୁଳ ସ୍ତରୀୟ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭେଡେନ ଠାରେ ଉଦଘାଟିତ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ସୁଶାନ୍ତ ଦାଶ (ଭାରପ୍ରାପ୍ତ ଥାନା ଅଧିକାରୀ ଭେଡେନ ଥାନା) ଯୋଗ ଦେଇଥିଲେ। ପଶ୍ଚିମ ସଂଭାଗ କୋଷାଧକ୍ଷ ଶ୍ରୀଯୁକ୍ତ ଶିବପ୍ରସାଦ ବାଗ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରି 'ଶତାବ୍ଦୀର ପଞ୍ଚ ପରିବର୍ତ୍ତନର କ୍ରିୟାନ୍ୱୟନରେ ଆମର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ। ପଶ୍ଚିମ ସଂଭାଗ ସଂଯୋଜକ ଶ୍ରୀଯୁକ୍ତ ଜ୍ୟୋତିରଞ୍ଜନ ମିଶ୍ର 'ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା'କୁ ନିଜ ନିଜ ବିଦ୍ୟାଳୟରେ କ୍ରିୟାନ୍ୱୟନ କରିବା ପାଇଁ ଗୁରୁମା ଗୁରୁଜୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ।ବିଦ୍ୟାଳୟର ସଂପାଦକ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ବାରିକ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ।ସଂଭାଗ କାର୍ଯ୍ୟାଳୟ ପ୍ରମୁଖ ଶ୍ରୀମାନ୍ ବିକ୍ରାନ୍ତ ବେହେରା ମଞ୍ଚାସୀନ ଥିଲେ।ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଭୋଜରାଜ ଦୁଆନ,ଶ୍ରୀଯୁକ୍ତ ଶିବାନନ୍ଦ ଦାଶ,ଶ୍ରୀଯୁକ୍ତ ନରେନ୍ଦ୍ର ରଣା, ଶ୍ରୀଯୁକ୍ତ ମକୁନ୍ଦ ମହାରଣା, ଶ୍ରୀଯୁକ୍ତ ସୁବ୍ରତ କୁମାର ଶତପଥୀ ସହଯୋଗ କରିଥିଲେ।ସଂକୁଳ ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ୧୧୫ଜଣ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ପରିଶେଷରେ ଶ୍ରୀଯୁକ୍ତ ଶଙ୍କର୍ଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା ଗୁରୁଜୀ ସାହାଯ୍ୟ ଓ ସହଯୋଗ କରିଥିଲେ।

## ଜିଲ୍ଲାପାଳ ହେବ ତ ଏମିତି ଜିଲ୍ଲାପାଳ ଙ୍କ ଦ୍ୱାରା ପାନୀୟ ଜଳ ଯୋଗାଣ



ସିନାପାଲି **୨୩/୪ (ନି.ପ୍ର):** ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ନିଲଜି ଉପରପଡା ପିଇବା ପାଣିର ଉତ୍କଟ ସମସ୍ୟା ଦେଖା ଦେଇଛି। ଗତକାଲି ସୋମବାର ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ପୁଣି ଗୋର୍ଲା ଠାରେ ପ୍ରବାସୀଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଯୋଗଦାନ ପାଇଁ ନିଲଜୀ ରାସ୍ତା ଦେଇ ଗୋର୍ଲାକୁ ଜିଲ୍ଲାପାଳ ମଧୁସୂଦନ ଦାସ ନିଜ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ଯାଇଥିଲେ। ନିଲଜୀ ଉପରପଡା ଗ୍ରାମବାସୀ ଏହା ଜାଣିଲା ପରେ ଶତାଧିକ ମହିଳା ମାନେ ରାସ୍ତା କଡ଼ରେ ଗରିଆ ମାଠିଆ ଧରି ଜିଲ୍ଲାପାଳଙ୍କୁ ଅଟକାଇଥିଲେ।ଜିଲ୍ଲାପାଳ ମଧୁସୂଦନ ଦାସ ବ୍ଲକ ପ୍ରଶାସନକୁ ତାଗିଦ କରିବା ସହ ତୁରନ୍ତ ପିଇବା ପାଣି ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ସିନାପାଲି ବିଡିଓ କାର୍ମୀ ଓରାମ, ସରପଞ୍ଚ ଲକ୍ଷଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ କେଶବ ସାହୁ, ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ ସମେତ ନିଲଜୀ ଉପରପଡା ଗ୍ରାମବାସୀଙ୍କ ଉପସ୍ଥିତିରେ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଇଛି।ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇଥିବାରୁ ସିନାପାଲି ବ୍ଲକ ଅଞ୍ଚଳର ଲୋକମାନେ ଜିଲ୍ଲାପାଳ ଙ୍କୁ ଭୁରି ଭୁରି ପ୍ରଂଶସା କରିଛନ୍ତି।

## ଜିଲ୍ଲାପାଳଙ୍କ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡର ଉନ୍ନତି ମୂଳକ କାର୍ଯ୍ୟର ପରିଦର୍ଶନ



ନୂଆପଡ଼ା **୨୩/୪ (ନି.ପ୍ର):** ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ରେ ଚାଲିଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ । ଗତ ରବିବାର ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ାର କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ ,ଜୁନିୟର ଇଞ୍ଜିନିୟର ଅମିତ କୁମାର ରାଉଳ , ଏନ ଏ ସି ଯନ୍ତ୍ରୀ ରୋଷନ ପ୍ରଧାନଙ୍କ ଗହଣରେ ଜିଲ୍ଲାପାଳ ସମସ୍ତ ପ୍ରକଳ୍ପର ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ । ବର୍ତ୍ତମାନ ନୂଆପଡ଼ା ସହରରେ ୱାର୍ଡ଼ ନମ୍ବର ୧୩ ରେ ହେମଲାଲ୍ ଦଣ୍ଡସେନାଙ୍କ ଘରଠାରୁ ଦର୍ଲି ବନ୍ଧ ଓ ଏନ ଏଚ ଘଣ୍ଟି ରୁ ବିବେକାନନ୍ଦ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ପେଭର୍ ରୋଡ଼ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ ୧୭,୮୫,୦୦୦/- ରେ ସଡ଼କ ଓ ସେତୁ ଯୋଜନାରେ ଚାଲିଛି । ସେହିପରି ୱାର୍ଡ଼ ନମ୍ବର ୦୮ ରେ ସନ୍ତୋଷ ସାହୁଙ୍କ ଘରଠାରୁ ରଞ୍ଜନ ରଶ୍ମି ମହାନ୍ତି ଘର ପର୍ଯ୍ୟନ୍ତ ଓ ପୂର୍ଣ୍ଣିମା ଡେଲି ନିଡ୍ସ ରୁ ଜୟନ୍ତ ସାହୁଙ୍କ ଘର ପର୍ଯ୍ୟନ୍ତ ପେଭର୍ ରୋଡ଼ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ ୧୧,୭୭,୦୦୦/- ରେ ସଡ଼କ ଓ ସେତୁ ଯୋଜନାରେ ଚାଲିଛି । ୱାର୍ଡ ନମ୍ବର ୧୩ ରେ ମୋ ପୋଖରୀ ଯୋଜନାରେ ସର୍କିଟ୍ ହାଉସ୍ ନିକଟସ୍ଥ ଦର୍ଲି ବନ୍ଧର ପୁନରୁଦ୍ଧାର ଆନୁମାନିକ ବ୍ୟୟ ଅଟକଳ ଟ ୬୬.୬୭ ଲକ୍ଷରେ ଚାଲିଛି । ୱାର୍ଡ୍ ନମ୍ବର ୭ ରେ ମୋ ପୋଖରୀ ଯୋଜନାରେ ପଲଶାଗୁଡାରେ ଖମ୍ଭା ବନ୍ଧର ପୁନରୁଦ୍ଧାର ଆନୁମାନିକ ବ୍ୟୟ ଅଟକଳ ଟ ୫୧.୯୦ ଲକ୍ଷରେ ହେଉଛି । ୱାର୍ଡ୍ ନମ୍ବର–୭ରେ ପଲଶାଗୁଡାରେ ୫୦୦ ସିଟିଂ ବ୍ୟବସ୍ଥା ଥିବା ବହୁମୁଖି ହଲ , ମଲ୍ଟିପର୍ପୋଜ୍ ହଲ୍ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ – ଟ ୨.୧୬ କୋଟିରେ ଆଗେଇ ଚାଲିଛି । ୱାର୍ଡ୍ ନମ୍ବର ୧୩ ରେ ୩୦୦ ସିଟିଂ ବ୍ୟବସ୍ଥା ଥିବା ହବହୁମୁଖି ହଲ , ମଲ୍ଟିପର୍ପୋଜ୍ ହଲ୍ ନିର୍ମାଣ ଆନୁମାନିକ ବ୍ୟୟ ଅଟକଳ ଟ ୨.୨୦ କୋଟି ରେ ନିର୍ମିତ ହେଉଛି । ଦେଓ୍ୱାରପଡା ବସ୍ତିକୁ ସାଖାତୋରା, ୱାର୍ଡ୍ ନମ୍ବର ୧କୁ ସ୍ଥାନାନ୍ତର କରିବା ପାଇଁ ଆନୁମାନିକ ବ୍ୟୟ ଅଟକଳ ଟ ୮୪ ଲକ୍ଷରେ ୧୫ତମ ଆର୍ଥିକ ଆୟୋଗ ଅନୁଦାନରେ ଆଗେଇ ଚାଲିଛି । ଜନସାଧାରଣଙ୍କୁ ଉଚିତ୍ ସେବା ଯୋଗାଇ ଦେବା ପାଇଁ ଏହି ସମସ୍ତ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଆମ ଆଦମୀ ପକ୍ଷରୁ ସରକାରୀ ବସ ଚଲାଇବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ଦାବି ପତ୍ର

ନିମାପଡା **୨୩/୪ (ନି.ପ୍ର):** ସାରା ରାଜ୍ୟରେ ପଞ୍ଚାୟତ ଗ୍ରାମଞ୍ଚଳରୁ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଯିବା ଆସିବା କରିବା ପାଇଁ ପୂର୍ବ ବିଜେଡ଼ି ସରକାର ଅମଳରୁ ରିହାତି ମୂଲ୍ୟ ଦେଇ ଯିବା ପାଇଁ ' ଲକ୍ଷ୍ମୀ ବସ ବା ମୁଖ୍ୟମନ୍ତ୍ରୀ ବସ ସେବା ' ସୁବିଧା ଯୋଗାଇ ଦେଇଥିବା ବେଳେ ଏହି ସୁିଧାରୁ ବଞ୍ଚିତ ହୋଇଛନ୍ତି ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ୧୪ ନଂ ଯୋନ ର ଥିବା ସୋରଭା ଓ ଇସାଣପୁର ପଞ୍ଚାୟତର ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବୋଲି ଅଭିଯୋଗ ହୋଇଛି । ଏହି ଦୁଇ ପଞ୍ଚାୟତ କୁ ତୁରନ୍ତ ଲକ୍ଷ୍ମୀ ବସ ଚଲାଇବା ପାଇଁ ଗୋପ ବ୍ଲକ ଆମ ଆଦମୀ ପାର୍ଟି ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ ରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ଦାସ ଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।ଏହି ଦୁଇ ପଞ୍ଚାୟତରୁ ସାଧାରଣ ଲୋକ ଗୋପ ବ୍ଲକ କୁ ବିଭିନ୍ନ ପ୍ରକାର କାର୍ଯ୍ୟ କରିବା ପାଇଁ ପ୍ରାୟ ୨୦ କିଲୋମିଟର ରୁ ଉର୍ଦ୍ଧ୍ୱ ବାଟରୁ ଯାଇ କାର୍ଯ୍ୟ କରିବା ପାଇଁ ନାହିଁ ନଥିବା ଅସୁବିଧାରେ ସମୁଖୀନ ହେଉଛନ୍ତି ।ଯାହା ଫଳରେ ଠିକ ସମୟରେ ନ ପହଞ୍ଚି ନ ପାରି ବିଭିନ୍ନ କାମରୁ ବଞ୍ଚିତ ହେଉଛନ୍ତି । ପାଣିଛତ୍ର ରୁ ବାହାରି ଇସାଣପୁର ପଞ୍ଚାୟତ ,ସୋରଭା ପଞ୍ଚାୟତ ଜହ୍ନିମାଲିଆ ହାଟ ଦେଇ ସୁରେଇ, ତିରୁଣା , ସିରେଇ ,ପାଞ୍ଚଣା ଦେଇ ପଲ୍ଲୀ ଛକ, ବିର୍ଯୁଙ୍ଗ ଦେଇ ଗୋପ ବ୍ଲକ ମୁଖ୍ୟ କାର୍ଯ୍ୟାଳୟକୁ ଗଲେ ଉପକୃତ ହୋଇପାରିବେ ବୋଲି ଆମ ଆଦମୀ ପାର୍ଟିର କର୍ମୀମାନେ ଦାବି କରିଛନ୍ତି । ତୁରନ୍ତ ଲକ୍ଷ୍ମୀ ବସ ଚଲାଇବା ପାଇଁ ସୁରେଇ ,ଶହରା ,ସୋରଭା ,ଦୁର୍ଗାପୁର ,ମୁରୁଡ଼ା ,ପାଞ୍ଚଣା ,ଓଟାଙ୍କ , ଅଇଁଗୋଳ ସହିତ ୨୫ ରୁ ଉର୍ଦ୍ଧ୍ୱ ଗ୍ରାମବାସୀମାନେ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ଲକ୍ଷ୍ମୀ ବସ ସେବାଯୋଗାଇ ଦିଅ ନ ଯାଏ ତାହାଲେ ରାଜରାସ୍ତାକୁ ଓଲହାଇବୁ ବୋଲି ଆମ ଆଦମୀ ପାର୍ଟି ର କର୍ମୀ ପୁରୀ ଜିଲ୍ଲା ଉପ ସଭାପତି ରବୀନ୍ଦ୍ରନାଥ ସାହୁ ,ଭାଗବତ ବେହେରା ,୧୪ ନଂ ଯୋନ ର ସଭାପତି ରମେଶ ଚନ୍ଦ୍ର ମହାନ୍ତି ,ରମାକାନ୍ତ ସ୍ୱାଇଁ ,ପ୍ରକାଶ ମଲ୍ଲିକ ସହିତ ବିଭିନ୍ନ ଗ୍ରାମର ୫୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି ।

# ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ

ଭୁବନେଶ୍ୱର, ଶିଶୁ ମନସ୍ତତ୍ତ୍ୱକୁ ଆଧାର କରି ଶିଶୁ ସାହିତ୍ୟ ରଚନା କରିବା ଆଜିର ଶିଶୁ ସାହିତ୍ୟିକ ମାନଙ୍କ ପାଇଁ ବଡ଼ ଆହ୍ୱାନ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଶିଶୁ ସାହିତ୍ୟକୁ ସେମାନଙ୍କ ନିକଟରେ ପହଞ୍ଚାଇ ପାରିଲେ ଶିଶୁ ସାହିତ୍ୟ ଅଧିକ ସମୃଦ୍ଧ ହୋଇପାରିବ । ଏହି ଭାବଧାରାକୁ ଆଧାର କରି ମାନବ ସମ୍ବଳ ବିକାଶ କେନ୍ଦ୍ର , କଟକ ଓ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦ , ଭଦ୍ରକ ମିଳିତ ଆନୁକୁଲ୍ୟରେ ଆସନ୍ତା ୨୭ ଏପ୍ରିଲ ରବିବାର ଦିନ କଟକସ୍ଥିତ ' ଶତାବ୍ଦୀ ଭବନ ' ଠାରେ ଦିବା ୯ ଘଟିକା ଠାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ' ରାଜ୍ୟ ସ୍ତରୀୟ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ – ୨୦୨୫ ' ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ଶିଶୁ କବିତା ପାଠ , ପୁସ୍ତକ ଉନ୍ମୋଚନ ତଥା ଶିଶୁ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାଖାପାଖି ୨୫୦ ଜଣ ଶିଶୁ ସାହିତ୍ୟିକ ଯୋଗ ଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣ ବିଶିଷ୍ଟ ସୁନାମଧନ୍ୟ ଶିଶୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଯାଇଛି। ସେମାନେ ହେଲେ କେଉଁଝରରୁ ନିରାକାର ଚଇନି , ଢେଙ୍କାନାଳରୁ ନିରଞ୍ଜନ ସାହୁ ଓ ଶ୍ରୀମତୀ ସୁମିତା ରାୟ ପଟ୍ଟନାୟକ , ଭୁବନେଶ୍ୱରରୁ ନୀଳମଣି ଚାନ୍ଦ , ଯାଜପୁରରୁ ଶିଶିର କୁମାର ପଣ୍ଡା , କଟକରୁ ତପନ କୁମାର ସ୍ୱାଇଁ , ପୁରୀରୁ ପ୍ରଶାନ୍ତ କୁମାର ଦାଶ ଏବଂ କେନ୍ଦ୍ରାପଡ଼ାରୁ ଶ୍ରୀମତୀ ସନ୍ନିଭା ମିଶ୍ର ଦାଶ । ଏତଦ୍ ସହ ଦୁଇଟି ଶିଶୁ ସାହିତ୍ୟ ଅନୁଷ୍ଠାନ ମାଟିର ବାସ୍ନା ସାହିତ୍ୟ ସଂସଦ , ଭଦ୍ରକ ଓ ସୁନା ଫୁଲ ସାହିତ୍ୟ ସଂସଦ , ରାଉରକେଲା ସମ୍ବର୍ଦ୍ଧିତ ହେବେ ବୋଲି ମାନବ ସମ୍ବଳ ବିକାଶ କେନ୍ଦ୍ରର ସମ୍ପାଦକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ନାୟକ ଏବଂ ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦର ସଭାପତି ଶ୍ରୀଯୁକ୍ତ ଶଶଧର ପଣ୍ଡା ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଶୁ ପତ୍ରିକା 'ପ୍ରକୃତିର ହସ' ଓ ରମେଶ ଚନ୍ଦ୍ର ନାୟକଙ୍କ ଶିଶୁ କବିତା ସଙ୍କଳନ ' ଶିଶୁ ରାଇଜ ' ଉନ୍ମୋଚିତ ହେବ ବୋଲି ମଧ୍ୟ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଖ୍ୟାତନାମା ବରିଷ୍ଠ ଶିଶୁ ସାହିତ୍ୟିକ ଡ଼ ମହେଶ୍ୱର ମହାନ୍ତି , ମୁଖ୍ୟ ଅତିଥି ଭାବେ ଡ଼ ହରିହର କାନୁନଗୋ , ବରେଣ୍ୟ ଅତିଥି ଭାବେ ଡ଼ ସୁନାମଣି ରାଉତ , ମୁଖ୍ୟ ବକ୍ତା ଭାବେ ପ୍ରଧାପକ ଡ଼ ପ୍ରତିଭା ମହାରଥୀ, ସମ୍ମାନୀୟ ଅତିଥି ଭାବେ ଡ଼ କୃତ୍ତିବାସ ନାୟକ ଓ ଡ଼ାକ୍ତର ରବି ନାରାୟଣ ପଣ୍ଡା ଯୋଗଦେବେ ବୋଲି ସମ୍ମତି ପ୍ରଦାନ କରିଅଛନ୍ତି। ଏହି ଉତ୍ସବରେ ବହୁ ସଂଖ୍ୟାରେ ଶିଶୁ ସାହିତ୍ୟିକମାନେ ଯୋଗ ଦେବାକୁ ଉଭୟ ଅନୁଷ୍ଠାନର ଶ୍ରୀଯୁକ୍ତ ନାୟକ ଓ ଶ୍ରୀଯୁକ୍ତ ପଣ୍ଡା ନିବେଦନ କରିଛନ୍ତି।

# ତାଲିକାରେ ନାହିଁ ଅନେକ ଜଟିଳ ରୋଗ ଚିକିତ୍ସା

ଭୁବନେଶ୍ୱର,୨୩/୪: ଚିକିତ୍ସା କରାଯାଉଛି ୨୦୨୫ ମସିହାରେ, କିନ୍ତୁ ଡାକ୍ତରଖାନାକୁ ପାଉଣା ଦେବା ବେଳକୁ ୨୦୧୫ ମସିହାରେ ଧାର୍ଯ୍ୟ ଦରରେ ହିସାବ କରାଯାଉଛି। ଫଳରେ ଯେଉଁ ଚିକିତ୍ସା ପାଇଁ ବିଏସ୍‌କେୱାଇରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରାବଧାନ ଥିଲା, ଆୟୁଷ୍ମାନରେ ତାହା ୩୦ ହଜାରରୁ ୩୫ ହଜାର ମଧ୍ୟରେ ରହିଛି । ଯାହାକୁ ନେଇ ରୋଗୀମାନେ ଅସୁବିଧାରେ ପଡୁଛନ୍ତି ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମଧ୍ୟ ଦ୍ୱନ୍ଦ୍ୱରେ ରହୁଛନ୍ତି। ଆୟୁଷ୍ମାନ ଲାଗୁ ହେବା ପୂର୍ବରୁ ଏଥିରେ ବିଏସ୍‌କେୱାଇ ଭଳି ସୁବିଧା ଥିବା କୁହାଗଲା, ମାତ୍ର ଯୋଜନା ଲାଗୁ ହେବା ପରେ ଜଣାଗଲା ଯେ ଏଥିରେ ଚିକିତ୍ସା ପ୍ୟାକେଜ୍ (ଖର୍ଚ୍ଚ) ପୂର୍ବାପେକ୍ଷା ଢ଼େର କମ୍। ତେଣୁ ଏତିକି ଟଙ୍କାରେ ହିତାଧିକାରୀଙ୍କ ଚିକିତ୍ସା ସମ୍ଭବ ନୁହେଁ ବୋଲି ବିଭିନ୍ନ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଖୋଲାଖୋଲି କହୁଛନ୍ତି। ଘରୋଇ ଡାକ୍ତରଖାନା ସଂଘ ଆୟୁଷ୍ମାନ ଭାରତ ଚିକିତ୍ସା ପ୍ୟାକେଜ୍‌କୁ ନେଇ ପ୍ରତିବାଦ ଜଣାଇଥିବା ବେଳେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା)ରେ ବଜାର ଦରକୁ ଦୃଷ୍ଟିରେ ରଖି ଚିକିତ୍ସା ପ୍ୟାକେଜ୍ ନିର୍ଦ୍ଧାରଣ କରଯାଇଥିଲା। ଫଳରେ ରୋଗୀ କେବଳ ବିଏସ୍‌କେୱାଇ କାର୍ଡ ଖଣ୍ଡେ ଧରି ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ସୁବିଧାରେ ଚିକିତ୍ସା ପାଉଥିଲେ। ହେଲେ ଏବେ ଆଉ ସେ ପରିସ୍ଥିତି ନାହିଁ। ବିଏସ୍‌କେୱାଇରେ କେବଳ ନାମ ପରିବର୍ତ୍ତନ ହୋଇଛି ସବୁ ନିୟମ ସମାନ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦାବି କରୁଥିଲେ ସୁଦ୍ଧା ବାସ୍ତବ ଚିତ୍ର ଭିନ୍ନ। ଅନେକ ରୋଗୀଙ୍କ କ୍ଷେତ୍ରରେ ଆୟୁଷ୍ମାନ ପ୍ୟାକେଜ ଲାଗୁ କରାଯାଉଛି। ଏପରିସ୍ଥଳେ ଘରୋଇ ଡାକ୍ତରଖାନା ହିତାଧିକାରୀଙ୍କୁ ପ୍ରଥମେ ଟଙ୍କା ଦାଖଲ ପାଇଁ କହୁଥିବା ଅଭିଯୋଗ ଆସିଛି। ବିଏସ୍‌କେୱାଇ ତୁଳନାରେ ଆୟୁଷ୍ମାନ ଭାରତ ଚିକିତ୍ସା ପ୍ୟାକେଜ ୩୦%ରୁ ୬୦% କମ୍ ରଖାଯାଇଛି। ଏଥିସହ ସିଟି ସ୍କାନ, ଏମ୍‌ଆରଆଇ, ପିଏଫ୍‌ଟି, ଏନ୍‌ସିଭି, ଇଏମ୍‌ଜି ଭଳି ବ୍ୟୟବହୁଳ ନିଦାନ ବ୍ୟବସ୍ଥା ଚିକିତ୍ସା ପ୍ୟାକେଜରେ ନାହିଁ। ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିରୋପଣ ହେଉଥିବା ପେସ୍ ମେକର ଦାମ୍ ଦେଢ଼ ଲକ୍ଷ ଟଙ୍କା। କିନ୍ତୁ ଆୟୁଷ୍ମାନ ଯୋଜନାରେ ରହିଛି ୭୫ ହଜାର ଟଙ୍କାର ବ୍ୟବସ୍ଥା। ସେହିପରି କାର୍ଡିଓଟୋକୋଗ୍ରାଫୀ (ସିଟିଜି), ମେରୁଦଣ୍ଡ ଚିକିତ୍ସା,ମସ୍ତିଷ୍କ ରୋଗ, କିଡ୍‌ନୀ ରୋଗ, ସ୍ନାୟୁ ରୋଗ, ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ଭଳି ଗୁରୁତର ମାମଲାରେ ଚିକିତ୍ସା ଖର୍ଚ୍ଚ ବହୁତ କମ୍ ରହିଛି। ଅନେକ ଜଟିଳ ରୋଗକୁ ଚିକିତ୍ସା ପ୍ୟାକେଜରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଅଲ ଓଡିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଫୋରମ୍ ସମ୍ପାଦକ ଡାକ୍ତର ଇନ୍ଦ୍ରମଣି ଜେନା କହିଛନ୍ତି, ବିଏସ୍‌କେୱାଇରେ ଚିକିତ୍ସା ପ୍ୟାକେଜ ବହୁତ ଭଲ ଥିବା ସତ୍ତ୍ୱେ ବର୍ଦ୍ଧିତ ଖର୍ଚ୍ଚ ହେତୁ ସେଥିରେ ଅନ୍ୟୁନ ୩୦% ବୃଦ୍ଧି କରିବା ପାଇଁ ଆମେ ସରକାରଙ୍କ ନିକଟରେ ଦାବି କରୁଥିଲୁ। କିନ୍ତୁ ଆୟୁଷ୍ମାନ ଲାଗୁ ହେବା ଫଳରେ ବଢ଼ିବା ବଦଳରେ ପ୍ୟାକେଜ ଖର୍ଚ୍ଚ ୧୦ ବର୍ଷ ତଳକୁ ଚାଲି ଯାଇଛି। ଅନେକ ବ୍ୟୟବହୁଳ ଚିକିତ୍ସାକୁ ଏଥିରୁ ବାଦ୍ ଦିଆଯାଇଛି। କୌଣସି ରୋଗର ଚିକିତ୍ସା ଖର୍ଚ୍ଚ ବଢ଼ି ନାହିଁ ବରଂ କମାଇ ଦିଆଯାଇଛି। ଏତେ କମ୍ ଖର୍ଚ୍ଚରେ ରୋଗୀ ଚିକିତ୍ସା କରିବା ସମ୍ଭବ ନୁହେଁ। ଏ ସମ୍ପର୍କରେ ଆମେ ସରକାରଙ୍କୁ ଅବଗତ କରି ପ୍ୟାକେଜ ସଂଶୋଧନ ପାଇଁ ଦାବି ଜଣାଇଛୁ। ପ୍ରଚଳିତ ମୂଲ୍ୟରେ ଚିକିତ୍ସା ଯୋଗାଇ ଦେବା ସମ୍ଭବ ନୁହେଁ ବୋଲି ଡ଼ା ଜେନା କହିଛନ୍ତି। ଆରମ୍ଭରୁ ଆୟୁଷ୍ମାନ ଯୋଜନାକୁ ନେଇ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିବା ବେଳେ ଆଜି ଏକ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। 'ଆୟୁଷ୍ମାନ ଭାରତ' ୱେବ୍‌ସାଇଟ୍‌ରେ ଚିକିତ୍ସା ତାଲିକାରୁ ୫ ପ୍ରକାର ଜଟିଳ ଅସ୍ତ୍ରୋପଚାର ହଟାଇ ଦିଆଯାଇଛି। ଏ ସମ୍ପର୍କରେ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚନା ଦିଆଯାଇ ନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଦୋହରା ମାନଦଣ୍ଡକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁସାରେ ଯେଉଁ ହସ୍ପିଟାଲ କିମ୍ବା ନର୍ସିଂହୋମ୍‌ର ଆଇସିୟୁ ନ ଥିବ ସେଠି ଜଟିଳ ରୋଗର ଅସ୍ତ୍ରୋପଚାର କରାଯାଇ ପାରିବ ନାହିଁ। ୟୁରୋଲୋଜି, ଶିଶୁ ରୋଗ, କର୍କଟ ରୋଗ, ସ୍ନାୟୁରୋଗ, ଗ୍ୟାଷ୍ଟ୍ରିକ୍ ଭଳି ରୋଗର ଅସ୍ତ୍ରୋପଚାର ଅନେକ ପଞ୍ଜିକୃତ ଡାକ୍ତରଖାନାଗୁଡିକର ତାଲିକାରୁ କାଢ଼ି ନିଆଯାଇଛି। ଏହା ଦେଖିବା ପରେ କିଛି ନର୍ସିଂହୋମ୍ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରାଯିବା ପରେ ଆଇସିୟୁ ସର୍ତ୍ତ ସମ୍ପର୍କରେ ଜଣାପଡିଥିଲା। ଏ ନେଇ ଅଲ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଫୋରମ୍ ପକ୍ଷରୁ କୁହାଯାଇଛି ଯେ ଆଇସିୟୁ ନଥିବା ସତ୍ତ୍ୱେ ଏପରି ଅସ୍ତ୍ରୋପଚାର କରିବା ପାଇଁ ସରକାର ଆମକୁ ଅନୁମତି ଦେଇଥିଲେ। ବର୍ଷ ବର୍ଷ ଧରି ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି; କିନ୍ତୁ ଆଜି ହଠାତ୍ ଜାଣିବାକୁ ପାଇଲୁ ଯେ ଆଇସିୟୁ ନଥିଲେ ଏପରି ଅସ୍ତ୍ରୋପଚାର ହୋଇପାରିବ ନାହିଁ। ଫଳରେ ଆଜି ବହୁତ ଆୟୁଷ୍ମାନ ହିତାଧିକାରୀ ଚିକିତ୍ସା ନ ପାଇ ଫେରିଥିଲେ। ବହୁ ଦୂରରୁ ରୋଗୀ ଆସି ନିରାଶ ହୋଇଥିଲେ। ତେବେ ଆଶ୍ଚର୍ଯ୍ୟର କଥା ଏସବୁ ଅସ୍ତ୍ରୋପଚାର ପାଇଁ ଆଇସିୟୁ ଥିବା ଜରୁରୀ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗର ନିୟମ କହୁଥିବା ବେଳେ ଆୟୁଷ୍ମାନ ଭାରତରେ ସମାନ ଅସ୍ତ୍ରୋପଚାର ପାଇଁ ଅଲଗା ନିୟମ ଲାଗୁ କରିବା ପଛରେ ଯଥାର୍ଥତା କ'ଣ ବୋଲି ପ୍ରଶ୍ନ କରାଯାଇଛି।

**ତାଲିକାରୁ ହଟିଲା ୫ ଜଟିଳ ଅସ୍ତ୍ରୋପଚାର**

## ଟୋପାଏ ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ



କଲ୍ୟାଣସିଂହପୁର,୨୩/୪: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମ୍ମା ପଞ୍ଚାୟତର ବିଶିପ୍ରାସ୍କା ଗ୍ରାମବାସୀ ବୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଗାଁର ପାନୀୟ ଜଳର ସମସ୍ୟା କହିଲେ ନସରେ। ଗୋଟିଏ କିଲୋମିଟର ଦୂରରେ ଥିବା ତୋଟା ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରି ଆଣି ଘରେ ରୋଷେଇ ଓ ପାନୀୟ ଜଳ ବ୍ୟବହାର କରିଥାନ୍ତି। ଉକ୍ତ ନାଳରେ ଗାଈଗୋରୁ ସହିତ ଗ୍ରାମର ମହିଳା ପୁରୁଷମାନେ ଗାଧୁଆ ଠାରୁ ଆରମ୍ଭ କରି ଲୁଗାପଟା ସଫା କରିଥାନ୍ତି। ଗ୍ରାମବାସୀ ବାଧ୍ୟ ହୋଇ ଏହି ନାଳ ପାଣିର ପାନୀୟ ଜଳ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଯାହା ଫଳରେ ଏହି ପାନୀୟ ଜଳ ବ୍ୟବହାର କରିବା ଦ୍ୱାରା କୁଣ୍ଡିଆ, ମ୍ୟାଲେରିଆ ଓ ଅନେକ ରୋଗରେ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ୨୦ ପରିବାର ରହୁଥିବା ବେଳେ ଲୋକ ସଂଖ୍ୟା ୧୦୦ରୁ ଉର୍ଦ୍ଧ୍ୱ ବସବାସ କରୁଛନ୍ତି। ଏହି ଗାଁରେ ଗୋଟିଏ ନଳକୂପ ମଧ୍ୟ ରହିଛି କିନ୍ତୁ ପାଣି ବ୍ୟବହାର ପାଇଁ ସମ୍ଭବ ନୁହେଁ। ସେଥିରୁ ଲୁହା ପଥର ଗୁଣ୍ଡ ସହ ନାଲି ରଙ୍ଗର ପରି ଦିଶୁଥିବା ପାଣି ବାହାରୁଥିବାରୁ ପିଇବା ମୁଷ୍କିଲ ହୋଇ ପଡୁଛି। ଖରା ଦିନ ପୂର୍ବରୁ ପ୍ରତ୍ୟେକ ନଳକୂପ ମରାମତି କରିବା ପାଇଁ ସରକାର ପକ୍ଷରୁ ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ଏହି ଅଞ୍ଚଳରେ ଆଜି ପର୍ଯ୍ୟନ୍ତ କୌଣସି ପାନୀୟ ଜଳର ସମସ୍ୟା ଦୂର ହୋଇ ପାରୁନି। ଏହାକୁ ନେଇ ଗାଁ ଲୋକମାନେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀ, ବ୍ଲକ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନାହିଁ। ଏହି ଗାଁର ପାନୀୟ ଜଳର ସମସ୍ୟା ଦୂର ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟହେବୁ ବୋଲି ଗ୍ରାମର ଫୁଲକ କାଡ୍ରାକା, ଜୟନ୍ତୀ କାଡ୍ରାକା, ଲକ୍ଷ୍ମୀ ମିଣିଆକା ,କମଳା ହୋବିକା, ବିଭିନା କାଡ୍ରାକା, ଦାନା ମିଣିଆକା, ଚାଚେରୀ ପବିକା, ଭୀମ କାଡ୍ରାକା, ସିନ୍ଧୁରୂ କାଡ୍ରାକା, ସମେତ ମହିଳା ଏବଂ ପୁରୁଷ ଅଭିଯୋଗ କରିଛନ୍ତି।

## ଖଣିଜ ଲୁଟ୍‌ର ଆଉ ଏକ ସାଂଘାତିକ ଚିତ୍ର

### ଜାମକାନି ସଂରକ୍ଷିତ ଜଙ୍ଗଲରେ ବହୁ ଖଣି, ଷ୍ଟକ୍‌ୟାର୍ଡ

ସୁନ୍ଦରଗଡ଼,୨୩/୪: ବହୁ ଚର୍ଚ୍ଚିତ ସୁନ୍ଦରଗଡ଼ ଖଣିଜ କଳେଙ୍କାରୀ ପଦାକୁ ଆସିବା ୧୮ ଦିନ ବିତିଗଲାଣି। ଦିନ ଯେତିକି ଗଡୁଛି, ଖଣିଜ ଲୁଟ୍‌ର ନୂଆ ନୂଆ ତଥ୍ୟ, ଚୋରା ଠିକଣା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି। ସଂରକ୍ଷିତ ଜଙ୍ଗଲରୁ ମାଫିଆମାନେ କିପରି କୋଇଲା କୋରିଛନ୍ତି। ସୁନ୍ଦରଗଡ଼ ବନଖଣ୍ଡ ଗୋପାଳପୁର ବନାଞ୍ଚଳ ରତନସରା ସଂଲଗ୍ନ ଜାମକାନି ସଂରକ୍ଷିତ ଜଙ୍ଗଲ ଭିତରେ ମାଫିଆମାନେ ବହୁ ଖଣି ଖୋଳିବା ସହ କୋଇଲା ଉତ୍ତୋଳନ କରି ଜଙ୍ଗଲ ଭିତରେ ୨୦ରୁ ଅଧିକ ଷ୍ଟକ୍‌ୟାର୍ଡ କରିଥିବା ଦେଖିବାକୁ ମିଳିଛି। ଅନେକ ଷ୍ଟକ୍‌ୟାର୍ଡରୁ ଶହଶହ ଟନ୍ କୋଇଲା ଚାଲାଣ ହୋଇସାରିଛି। କେବଳ ସେତିକି ନୁହେଁ, ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରାସ୍ତା ତିଆରି କରି ମାଫିଆମାନେ ବେଧଡ଼କ୍ କୋଇଲା ପରିବହନ କରି ଚାଲିଛନ୍ତି। ଏହି ଜଙ୍ଗଲିଆ ରାସ୍ତାଟି ଛତିଶଗଡ଼କୁ ଲମ୍ବିଛି। ଏଠାରୁ ବର୍ଷବର୍ଷ ଧରି ଖଣିଜ ଲୁଟ୍ ଚାଲିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବଡ଼ ବଡ଼ ଖଣି ଖୋଳାଯିବା ସହ ଗଛକାଟି ଷ୍ଟକ୍‌ୟାର୍ଡ କରାଯାଇଛି। ଜଙ୍ଗଲ ମଧ୍ୟରେ ରାସ୍ତା ତିଆରି କରି ସେହି ବାଟରେ ଛତିଶଗଡ଼ ଅଞ୍ଚଳକୁ ନିୟମିତ କୋଇଲା ଚାଲାଣ କରାଯାଉଛି। ପ୍ରଥମ କରି ଖଣିଜ ଲୁଟ୍ ସାମନାକୁ ଆସିବା ପରେ ସୁନ୍ଦରଗଡ଼ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ କୌଣସି ବେଆଇନ ଖଣି ଖନନ, କୋଇଲା ଷ୍ଟକ୍‌ୟାର୍ଡ ନଥିବା କହିଥିଲା। ବେଆଇନ୍ ଖଣି ଖନନ ଓ କୋଇଲା ଚୋରି କେବଳ ରାଜସ୍ୱ ଜଙ୍ଗଲରେ ହେଉଥିବା ପ୍ରକାଶ କରିଥିଲା। ଏପରିକି ଜଙ୍ଗଲ ବିଭାଗ ମନ୍ତ୍ରୀ ସୁନ୍ଦରଗଡ଼ ଖଣି କେଳେଙ୍କାରୀ ଦେଖିବାକୁ ଆସିଥିବା



ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବନ ବିଭାଗର କଥାକୁ ଦୋହରାଇ ଥିଲେ। ଏବେ ଜାମକାନି ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ଖଣିଜ ଲୁଟ୍ ସାମ୍ନାକୁ ଆସିବା ପରେ ଅଡୁଆରେ ପଡ଼ି ଯାଇଛି ବନ ବିଭାଗ। ବର୍ଷ ବର୍ଷ ଧରି ସଂରକ୍ଷିତ ଜଙ୍ଗଲରୁ କୋଇଲା ଲୁଟ୍ ହେଉଥିଲା ବେଳେ ବନ ବିଭାଗ କିପରି ଜାଣିପାରିଲାନି ନା ଜାଣିଶୁଣି ଖଣି କେଳେଙ୍କାରୀକୁ ଲୁଚାଇ ଦେବାକୁ ଉଦ୍ୟମ କରିଥିଲା ସେ ନେଇ ଉଠିଛି ପ୍ରଶ୍ନ। ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ମେ' ମାସରେ ଗୋପାଳପୁର ବନାଞ୍ଚଳ ଅଧିକାରୀ ତତ୍କାଳୀନ ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ଚିଠି ଲେଖି ତେଲେନଡିହି ଜଙ୍ଗଲରେ ବେଆଇନ ଖଣି ଖନନ ଓ କୋଇଲା ଚୋରା ଚାଲାଣ ହେଉଥିବା ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀ ମହାନ୍ତି ଚିଠିକୁ ଅଣଦେଖା କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ନଥିଲେ। ତେଣୁ ଜିଲ୍ଲାପାଳ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ବନାଞ୍ଚଳ ଅଧିକାରୀଙ୍କ ଚିଠି ଅନୁଯାୟୀ ଖଣିଜ ଲୁଟ୍ ସମ୍ପର୍କରେ ବନ ବିଭାଗ ମଧ୍ୟ ବର୍ଷେ ତଳୁ ଅବଗତ ଥିଲା। ସେତେବେଳେ ରାଜସ୍ୱ ବିଭାଗ ଜଙ୍ଗଲରୁ ଖଣିଜ ଲୁଟ୍ ପଦାକୁ ଆସିଥିବା ବେଳେ ଏବେ ସଂରକ୍ଷିତ ଜଙ୍ଗଲରେ ବେଆଇନ କୋଇଲା ଖଣି ଠାବ ହେବା ବଡ଼ ପ୍ରଶ୍ନବାଚୀ ଛିଡ଼ା କରିଛି।

## ଘର ବାରଣ୍ଡାରେ ଶିକ୍ଷାଦାନ



ଫୁଲବାଣୀ,୨୩/୪: କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଡଲାବାଲି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନଥିବାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ଶିଶୁମାନଙ୍କୁ ପ୍ରାକ ବିଦ୍ୟାଳୟରେ ଶିକ୍ଷା ଦାନ କରାଯାଉଛି ତ କେତେବେଳେ ବିଦ୍ୟାଳୟ ବାରଣ୍ଡାରେ ଦୀର୍ଘ ବର୍ଷ ଧରି ଗ୍ରାମର ସୁରେଶ କୁମାର ପ୍ରଧାନଙ୍କ ଘର ବାରଣ୍ଡାରେ ପାଠ ପଢ଼ା ହେଉଛି। ଶିକ୍ଷାଦାନରେ ସମସ୍ୟା ସାଙ୍ଗକୁ ବହୁ କଷ୍ଟରେ ରୋଷେଇ କରାଯାଇ ପିଲାଙ୍କୁ ଖାଇବାକୁ ଦିଆଯାଉଛି। ଏ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ଅବନ୍ତୀ ମଲ୍ଲିକ ସିଡିପିଓ ଏବଂ କ ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବହୁବାର ଜଣାଇଛନ୍ତି। କେବଳ ପ୍ରତିଶ୍ରୁତି ମିଳିଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ର ନୂତନ ଗୃହ ନିର୍ମାଣ ପାଇଁ ସେଭଳି କିଛି ପଦକ୍ଷେପ ନିଆଯାଇ ନାହିଁ ବୋଲି ଗ୍ରାମର ନବ୍ର ପ୍ରଧାନ, ଲୁଚନ ପ୍ରଧାନ, ପଞ୍ଚୁ ପ୍ରଧାନ, ସୁନାକର ପ୍ରଧାନ ବ୍ରଜିନ୍ଦ୍ର ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିତ୍ୟାନନ୍ଦ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ପ୍ରତିମା ପ୍ରଧାନ ସମେତ ଡଲାବାଲି ଗ୍ରାମବାସୀ ଦାବି କରିଛନ୍ତି।

## ଏସ୍‌ଟିଏଫ୍ ଅଫିସ୍ ନିକଟରେ ଦାଦାଗିରି

### କଲେଜ ବସ୍ ଭାଙ୍ଗିଲେ, ଚାଳକଙ୍କୁ ଅପହରଣ ଉଦ୍ୟମ






ଭୁବନେଶ୍ୱର,୨୩/୪: ଦିନକୁ ଦିନ ରାଜଧାନୀର ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ଅପରାଧୀମାନେ ଖୋଲାଖୋଲି ଭାବେ ଅପରାଧ ଘଟାଉଛନ୍ତି। ରାଜଧାନୀର ରାଜରାସ୍ତା ଉପରେ ଦିନ ଦିପହରେ ହତ୍ୟା, ଲୁଟ୍ ଓ ଛିନ୍‌ତାଇ ଭଳି ସଂଗିନ୍ ମାମଲା ଘଟୁଛି। ଆଜି ଖୋଦ ପୁଲିସ କାର୍ଯ୍ୟାଳୟ (ଏସ୍‌ଟିଏଫ୍ ଅଫିସ୍ ଓ ଗୁଇନ୍ଦା କାର୍ଯ୍ୟାଳୟ) ନିକଟରେ ୪ଜଣ ଦୁର୍ବୃତ୍ତଙ୍କ ହଙ୍ଗାମା ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି। ଗାଡ଼ି ସାଇଡ୍‌ମରା ଭଳି ସାମାନ୍ୟ କଥାରେ ଦୁର୍ବୃତ୍ତମାନେ ଏକ କଲେଜ ବସ୍ ଭଙ୍ଗାରୁଜା କରିବା ସହ ଚାଳକଙ୍କ ମାଡ଼ ମାରି ଅପହରଣ କରିବାକୁ ଉଦ୍ୟମ କରିଥିଲେ। ସୌଭାଗ୍ୟକୁ ସ୍ଥାନୀୟ ଲୋକେ ଘେରିଯିବାରୁ ବସ୍ ଚାଳକ ରକ୍ଷା ପାଇଗଲେ। ଲୋକେ ଜଣଙ୍କୁ କାବୁ କରିପାରିଥିବା ବେଳେ ଅନ୍ୟ ୩ଜଣ ଖସିପଳାଇଛନ୍ତି। ପୁଲିସ ଅଟକ ଯୁବକକୁ ପଚରାଉଚରା କରି ଫେରାର ହୋଇଯାଇଥିବା ଦୁର୍ବୃତ୍ତମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଘଟଣାଟି ଥିଲା ଏମିତି। ଆଜି ଅପରାହ୍ଣ ପ୍ରାୟ ୧ଟା ବେଳେ ୟୁନିଟ୍-୮ସ୍ଥିତ ବାର୍କିଂ ଓମେନ୍ସ ହଷ୍ଟେଲ୍ ନିକଟ ବସ୍ତି ରାସ୍ତାରେ ଦେଖିବାକୁ ମିଳିଥିଲା ଏହି ଅଭାବନୀୟ ଘଟଣାର ଦୃଶ୍ୟ। ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ସମ୍ମୁଖରୁ ଆସୁଥିବା ଏକ କାରକୁ ସାଇଡ୍ ଦେଇଥିଲା। ମାତ୍ର ସଂକୀର୍ଣ୍ଣ ରାସ୍ତା ଯୋଗୁ କାରଟି ପାସ୍ କରିପାରି ନଥିଲା। ଏତିକିବେଳେ କାରରେ ଥିବା ୪ ଯୁବକ ବାହାରି ଆସି ହଙ୍ଗାମା ଆରମ୍ଭ କରିଦେଲେ। ସେମାନେ ନିକଟରେ ପଡ଼ିଥିବା କାଠଫାଳିଆ ଉଠାଇ ବସ୍‌କୁ ଭଙ୍ଗାରୁଜା କରିଥିଲେ। ଏହାପରେ ବସ୍ ଭିତରକୁ ପଶି ଚାଳକଙ୍କୁ ବାହାରକୁ ଟାଣି ନେଇଥିଲେ। ଦୁର୍ବୃତ୍ତମାନଙ୍କ ଏଭଳି ଉଗ୍ରରୂପ ଦେଖି ଛାତ୍ରଛାତ୍ରୀମାନେ ବିକଳରେ ଚିତ୍କାର କରି ଆଖପାଖ ଲୋକଙ୍କୁ ସାହାଯ୍ୟ କରିବାକୁ ଡାକପକାଇଥିଲେ। ପିଲାଙ୍କ ପାଟି ଶୁଣି ବସ୍ତିବାସିନ୍ଦାମାନେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଲୋକଙ୍କୁ ଦେଖି ୩ ଦୁର୍ବୃତ୍ତ କାର ନେଇ ସେଠାରୁ ଛୁ' ମାରିଥିଲେ। କିନ୍ତୁ ଜଣେ ଧାଇଁ ନପାରି ଧରାପଡ଼ିଗଲା। ବସ୍ତିବାସିନ୍ଦାମାନେ ତାକୁ ବହେ ଛେଚିବା ପରେ ପୁଲିସ ଜିମା ଦେଇଥିଲେ।

## ବ୍ଲକ ମିଶନ ଶକ୍ତି କାଫେରେ କଳାକନା ବୁଲାଇଲେ ଚୋର




ବାଲିପାଟଣା,୨୩/୪: ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ୍ ପରିସରରେ ଥିବା ମିଶନ ଶକ୍ତି କାଫେରୁ ବ୍ୟାପକ ସାମଗ୍ରୀ ଚୋରି ହୋଇଛି। ଗତକାଲି ରାତିରେ କାଫେ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ରୁମରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଆଜି ମିଶନ ଶକ୍ତି କାଫେ ପରିଚାଳିକା ସତ୍ୟଭାମା ବେହେରା ସକାଳୁ କାଫେ ଖୋଲିବାକୁ ପହଁଞ୍ଚିବା ପରେ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। କାଫେରେ ଥିବା ଗ୍ରାଇଣ୍ଡର, ୨ଟି ସିଲିଣ୍ଡର, ୨ଟି ଷ୍ଟାଣ୍ଡ ଫ୍ୟାନ , ରୋଷେଇ ସରଞ୍ଜାମ ଓ ସାମଗ୍ରୀ , ଲୁଗାପଟା ଅନ୍ୟାନ୍ୟ ଜିନିଷ ଦୁର୍ବୃତ୍ତ ଲୁଟି ନେଇଯାଇଛନ୍ତି । ଗତକାଲି ରାତିରେ କାଫେ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ରୁମରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଆଜି ମିଶନ ଶକ୍ତି କାଫେ ପରିଚାଳିକା ସତ୍ୟଭାମା ବେହେରା ସକାଳୁ କାଫେ ଖୋଲିବାକୁ ପହଁଞ୍ଚିବା ପରେ କବାଟ ଭଙ୍ଗା ଯାଇଥିବା ଦେଖିଥିଲେ। କାଫେରେ ଥିବା ଗ୍ରାଇଣ୍ଡର, ୨ଟି ସିଲିଣ୍ଡର, ୨ଟି ଷ୍ଟାଣ୍ଡ ଫ୍ୟାନ , ରୋଷେଇ ସରଞ୍ଜାମ ଓ ସାମଗ୍ରୀ , ଲୁଗାପଟା ଅନ୍ୟାନ୍ୟ ଜିନିଷ ଦୁର୍ବୃତ୍ତ ଲୁଟି ନେଇଯାଇଛନ୍ତି। ମିଶନ ଶକ୍ତି ସଭାନେତ୍ରୀ ପଦ୍ମିନୀ ଦାସ ବାଲିପାଟଣା ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ମିଶନ ଶକ୍ତି ସଭାନେତ୍ରୀ ପଦ୍ମିନୀ ଦାସ ବାଲିପାଟଣା ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ପୁଲିସ ଘଟଣା ସ୍ଥଳ ଅନୁଧ୍ୟାନ କରିଛି । କିଛି ଦିନ ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ଥିବା ଓସ୍ୱାନ ରୁମ ଫାଟକ ତାଡ଼ିଥିଲେ ଦୁର୍ବୃତ୍ତ । ଲୁଟପାଟ କରିବାରେ ବିଫଳ ହୋଇଥିଲେ । ତେବେ ବ୍ଲକ ପରିସର ନିଶାଡ଼ିଙ୍କ କବଜାରେ ବୋଲି ସାଧାରଣରେ ଅଭିଯୋଗ ହେଉଛି ।

## ନାବାଳିକାଙ୍କୁ ଜଙ୍ଗଲରେ ଗଣଦୁଷ୍କର୍ମ କରି ଛାଡ଼ିଦେଲେ, ଧରାହେଲେ ୩ ଅଭିଯୁକ୍ତ

ସୁନ୍ଦରଗଡ଼/ବାଲିଶଙ୍କରା,୨୩/୪: ଚାଲିଚାଲି ଯାଉଥିବା ୩ ନାବାଳିକାଙ୍କୁ ବୋଲେରୋରେ ଉଠାଇ ନେବାକୁ ଚେଷ୍ଟା କଲେ। ଦୁଇ ନାବାଳିକା ବର୍ତ୍ତିଗଲେ। ହେଲେ ଜଣେ କିନ୍ତୁ ଦୁର୍ବୃତ୍ତଙ୍କ କବ୍‌ଜାରେ ପଡ଼ିଗଲେ। ନାବାଳିକାକୁ ଗାଡ଼ିରେ ଉଠାଇ ନେଇ ଜଙ୍ଗଲରେ ୩ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିବା ପରେ ଘନ ଅନ୍ଧାରରେ ଜଙ୍ଗଲିଆ ରାସ୍ତାରେ ଛାଡ଼ି ଚାଲିଗଲେ। ସୋମବାର ବିଳମ୍ବିତ ରାତିରେ ଏପରି ଜଘନ୍ୟ କାଣ୍ଡ ଘଟିଛି ତଳସରା ଥାନା ଅଞ୍ଚଳରେ। ପୁଲିସ ତତ୍ପରତା ଦେଖାଇ ୩ ଅଭିଯୁକ୍ତଙ୍କୁ ମାତ୍ର କିଛିଘଣ୍ଟା ମଧ୍ୟରେ ଗିରଫ କରିବା ସହ ବୋଲେରୋକୁ ଜବତ କରିଛି। ଦୁଷ୍କର୍ମକାରୀଙ୍କ ମଧ୍ୟରେ ଜଣେ ନାବାଳକ ଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ହେଉଛନ୍ତି ତଳସରା ଥାନା ତୁମୁଲିଆର ଅଙ୍କିତ ଆପଟ (୨୩) ଓ ଧରୁଆଡିହି ଥାନା ବଘେଇପାଲିର ଲୁଲେନ୍ଦୁ ନାଏକ (୩୩)। ସୋମବାର ରାତିରେ ଏକୋଇଶିଆ ଭୋଜିଖାଇ ଦୁଇ ସାଙ୍ଗଙ୍କ ସହ ପୀଡ଼ିତା ନାବାଳିକା ବିଳମ୍ବିତ ରାତିରେ ଚାଲିଚାଲି ଘରକୁ ଫେରୁଥିଲେ। ନିଛାଟିଆ ରାସ୍ତାରେ ତିନିଜଣ ଦୁର୍ବୃତ୍ତ ଏକ ବୋଲେରୋରେ ପିଛା କରିଥିଲେ। ଅନ୍ୟ ଦୁଇ ନାବାଳିକା ଦୌଡ଼ି ପଳାଇ ଯାଇଥିଲେ। କିନ୍ତୁ ପୀଡ଼ିତା ଦୌଡ଼ିବା ବେଳେ ପଡ଼ି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଉଠାଇ ନେଇ ଜଙ୍ଗଲରେ ଗଣଦୁଷ୍କର୍ମ କରିବା ପରେ ନାବାଳିକାଙ୍କୁ ଘାଟିରାସ୍ତାରେ ଛାଡ଼ିଦେଇ ଚମ୍ପଟ ମାରିଥିଲେ। ପରିବାର ଲୋକେ ନାବାଳିକାକୁ ଉଦ୍ଧାର କରି ମଙ୍ଗଳବାର ତଳସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ତଳସରା ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ମୋବାଇଲ୍ ଫୋନ୍ ଟ୍ରାକ୍ କରି ସୁନ୍ଦରଗଡ଼ ସହରରୁ ଗିରଫ କରିଛି।

## କୋଟିଆବାସୀ ଆନ୍ଧ୍ରରେ ମିଶିବା ପାଇଁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରାଙ୍କ ନିକଟରେ ଫେରାଦ

ପଟାଙ୍ଗି ,୨୩/୪: ଆନ୍ଧ୍ର ଓଡ଼ିଶା ସୀମାନ୍ତ ବିବାଦୀୟ କୋଟିଆ ପଞ୍ଚାୟତର ଧୁଳିପଦର, ନାରେଡିବାଲସା, ତାଡିବାଲସା ଆଦି ଗ୍ରାମ ପୁଞ୍ଜବାସୀ କୋଟିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶୁ ଗେମେଲଙ୍କ ନେତୃତ୍ୱରେ ପୂର୍ବତନ ସାଲୁର ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ସେମାନେ ଆନ୍ଧ୍ରରେ ମିଶିବା ପାଇଁ ଆଲୋଚନା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଶ୍ରୀ ଦୋରା ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶା ବିରୋଧରେ ବିଭିନ୍ନ ମନ୍ତବ୍ୟ ଦେଇଛନ୍ତି। କୋଟିଆ ପଞ୍ଚାୟତ ବାସିନ୍ଦା ଆନ୍ଧ୍ରପ୍ରଦେଶରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରୁଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଚନ୍ଦ୍ର ବାବୁ ନାଇଡୁ ଏବଂ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ତାଙ୍କ ସରକାର ଥିବାବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ସରକାରଙ୍କ ମୁଖ୍ୟ ଶାସନ ସଚିବ ସହ ଆପୋଷ ଆଲୋଚନା ହୋଇଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିଲା। ବର୍ତ୍ତମାନ କେନ୍ଦ୍ରରେ ଏନଡିଏ ସରକାର ଥିବାବେଳେ ଆନ୍ଧ୍ର ଏବଂ ଓଡ଼ିଶାରେ ଏନଡିଏ ସହଯୋଗୀ ବିଜେପି ସରକାର ର ?ହିଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ନାଇଡୁ କୋଟିଆ ବିବାଦର ସମାଧାନ କରନ୍ତୁ ବୋଲି ଶ୍ରୀ ଦୋରା ପ୍ରକାଶ କରିଛନ୍ତି। ସୀମାନ୍ତ ବିବାଦ ସୁପ୍ରିମକୋର୍ଟରେ ଥିବାବେଳେ କିଛି ରାୟ ଆନ୍ଧ୍ର ସପକ୍ଷରେ ଯାଇଥିବା ସେ ଯୁକ୍ତି ବାଢ଼ିଛନ୍ତି। ସୂଚନାଯୋଗ୍ୟ ଯେ, ଆନ୍ଧ୍ର ପ୍ରଶାସନ ପକ୍ଷରୁ କୋଟିଆରେ ବାରମ୍ବାର ଅନୁପ୍ରବେଶ ଜାରି ରହିଛି। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ରାଜ୍ୟ ସରକାର କୋଟିଆ ପଞ୍ଚାୟତର ବିକାଶ ପାଇଁ ସ୍ୱତନ୍ତ୍ରତା ଭିତ୍ତିରେ ବିକାଶ ଧାରାକୁ ଜାରି ରଖିଛନ୍ତି। ସୁପ୍ରିମକୋର୍ଟ ଆବେଦନର ସ୍ଥିତାବସ୍ଥା ଜାରି ଥିବାବେଳେ ଆନ୍ଧ୍ର ଜୋର ଜବରଦସ୍ତ ଧସେଇ ପଶିଆସି ଲୋକଙ୍କୁ ପ୍ରଲୋଭନ ଦେଖାଉଛି। କହିବାକୁ ଗଲେ କୋଟିଆବାସୀଙ୍କ ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ କରିନାହିଁ। ଧୁଳିପଦର ଗ୍ରାମରେ ଆନ୍ଧ୍ରପ୍ରଦେଶ ସାଲୁର ମଣ୍ଡଳମ ପକ୍ଷରୁ ୧୦ ହଜାର ଲିଟର ପାଣି ଟାଙ୍କି ଲୁଚି ଛପି ନିର୍ମାଣ କରିଛି। ଗତକାଲି ସମ୍ପୃକ୍ତ ଟାଙ୍କିରେ ଆନ୍ଧ୍ର ପକ୍ଷରୁ ତିନି ଜଣ ଶ୍ରମିକ ଟାଙ୍କିରେ ରଙ୍ଗ ଦେଉଥିବାବେଳେ କୋଟିଆ ପୁଲିସ ସେମାନଙ୍କୁ ଉଠାଇ ଥାନାକୁ ଆଣିଥିଲେ। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ମୁଚାଲିକାରେ ସେମାନଙ୍କୁ ତାଗିଦ୍ ଦେଇ ଛାଡ଼ି ଦେଇଥିଲେ। ତେବେ ଅନୁମାନ କରାଯାଉଛି ବିଶୁଗେମେଲ ଗୋଷ୍ଠୀ ଭୟଭୀତ ହୋଇ ଶ୍ରୀ ଦୋରାଙ୍କ ନିକଟରେ ଶରଣ ପଶିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ପଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ କୋଟିଆ କୌଣସି ବେଆଇନ କାର୍ଯ୍ୟକୁ ପ୍ରଶାସନ ପକ୍ଷରୁ ସୁଯୋଗ ଦିଆଯିବ ନାହିଁ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ